R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୬୦
ତିଥି : ଚତୁର୍ଥୀ
୦୫ ଡିସେମ୍ବର ୨୦୨୪, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 60
05 Dec 2024, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ପୁରୀଠାରେ ନୌସେନା ଦିବସ ସମାରୋହ

# ପରାକ୍ରମ ଦେଖାଇଲେ ନୌବୀର

ପୁରୀ, ୪।୧୨ (ପିଆଇବି) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ପୁରୀ ବେଳାଭୂମିରେ ନୌସେନା ଦିବସ ସମାରୋହରେ ଯୋଗ ଦେବା ସହିତ ଭାରତୀୟ ନୌସେନା ଦ୍ୱାରା ଆୟୋଜିତ ସମରକୌଶଳ ପ୍ରଦର୍ଶନ ଦେଖିଛନ୍ତି ।



### ଭୂରି ଭୂରି ପ୍ରଶଂସା କଲେ ରାଷ୍ଟ୍ରପତି

ଏହି ଅବସରରେ ଅଭିଭାଷଣ ପ୍ରଦାନ କରି ରାଷ୍ଟ୍ରପତି ନୌସେନା ଦିବସ ଅବସରରେ ଭାରତୀୟ ନୌସେନାର ସମସ୍ତ ଯବାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ, ଆଜି (୯ ପୃଷ୍ଠାରେ)

# ୨୦୨୫ ସୁଦ୍ଧା ଆରଆଇ, ଅମିନ ପଦବୀ ପୂରଣ

ଭୁବନେଶ୍ୱର, ୪।୧୨ (ସବ୍ୟୁ) : ରାଜସ୍ୱ ବିଭାଗରେ ଆସିବ ସ୍ୱଚ୍ଛତା । ଜଗିବ ସ୍ମାର୍ଟ ସର୍ଭେଲାନ୍ସ । ଜିଲ୍ଲା ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଲାଗିଛି ସିସି ଟିଭି । ପରେ ତହସିଲ ଓ ଆରଆଇ କାର୍ଯ୍ୟାଳରେ ଏହି ବ୍ୟବସ୍ଥା ହେବ । କେବଳ ସେତିକି ନୁହେଁ ବଡ଼ବଡ଼ିଆଙ୍କୁ ଛଡ଼ାଯିବନି । ଯେଉଁମାନେ ସରକାରୀ ଜମିରେ ସୁଉଚ୍ଚ ଅଟ୍ଟାଳିକା ଛିଡ଼ା କରିଛନ୍ତି, ସେଗଡ଼ିକ ଉପରେ ବୁଲିବ ବୁଲଡୋଜର । ଭୂମିହୀନଙ୍କୁ ଜମି ପଟ୍ଟା ସହ ଆବାସ ଘର ଯୋଗାଇଦିଆଯିବ । ଏହାସହ ଆଂଶିକ ଜମି ବିକ୍ରି ସମସ୍ୟା ବି ଦୂର ହେବ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନାରେ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ୨୦୨୫ ଆରମ୍ଭରୁ ରାଜ୍ୟରେ ଆର୍‌ଆଇ ଓ ଅମିନ ପଦବୀ ପୂରଣ କରାଯିବ । ରାଜସ୍ୱ ସେବାରେ ସ୍ୱଚ୍ଛତା ଆଣିବୁ । ସମସ୍ତ ତହସିଲ ଓ ଆର୍‌ଆଇ କାର୍ଯ୍ୟାଳୟରେ ଏହି ବ୍ୟବସ୍ଥା ହେବ । ଭାରତ ବର୍ଷରେ ଏହା ପ୍ରଥମ କରି କରାଯାଉଛି । ଦୁର୍ନୀତିମୁକ୍ତ ରାଜସ୍ୱ ସେବା ଯୋଗାଇବାକୁ ଚେଷ୍ଟା ଜାରି ରହିବ ।

### ବଡ଼ବଡ଼ିଆଙ୍କ ଅଟ୍ଟାଳିକାରେ ବୁଲିବ ବୁଲଡୋଜର
### ଆଂଶିକ ପ୍ଲଟ ବିକ୍ରି ସମସ୍ୟା ଦୂର ହେବ
### ଭୂମିହୀନଙ୍କୁ ଜମି ପଟ୍ଟା ସହ ଆବାସ ଘର
### ସବ-ରେଜିଷ୍ଟ୍ରାରରେ ଜଗିବ ସ୍ମାର୍ଟ ସର୍ଭେଲାନ୍ସ

ସ୍ମାର୍ଟ ସର୍ଭେଲାନ୍ସ ଜରିଆରେ ଏହି ସ୍ୱଚ୍ଛତା ଆସିବ । ସମସ୍ତ ଜିଲ୍ଲା ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ୬ରୁ ୭ଟି ସିସିଟିଭି ଲଗାଇଛୁ । ଏହାକୁ କଟକ ଆଇଜିଆର୍‌ରୁ ସ୍କିନ୍ ମାଧ୍ୟମରେ ସର୍ଭେଲାନ୍ସ କରାଯିବ । ଏହା ପରେ

ବାତ୍ୟା ପରିଚାଳନାରେ ବିଶ୍ୱରେ ଓଡ଼ିଶାର ନାଁ ଅଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାତ୍ୟା ପରିଚାଳନା ଠିକ୍‌ରେ କରିଛନ୍ତି । ବାତ୍ୟା ଲ୍ୟାଣ୍ଡ୍‌ଫଲ କରିବା ସମୟରେ ମୁଖ୍ୟମନ୍ତ୍ରୀ କଣ୍ଟ୍ରୋଲ (୯ ପୃଷ୍ଠାରେ)

# ଦୁର୍ଘଟଣାରେ ଚାଲିଗଲା ୪ ଜୀବନ

ସଇଁତଳା/ଆଠଗଡ, ୪।୧୨ (ସବ୍ୟୁ): ବଲାଙ୍ଗିର ଜିଲ୍ଲା ସଇଁତଳା ଥାନା ଜାତୀୟ ରାଜପଥ ୨୬ ମହଗାଁ ବ୍ରିଜ ନିକଟରେ ଗତ ବିଳମ୍ବିତ ରାତିରେ ସଡକ ଦୁର୍ଘଟଣା ଘଟି ଦୁଇ ଜଣକ ମୃତ୍ୟୁ ହୋଇଛି। ସୂଚନା ଯୋଗ୍ୟ ଯେ ମଙ୍ଗଳବାର କୌଣସି କାମ ପାଇଁ ଟିଟିଲାଗଡ ଥାନା ମନିଗାଁର ରାଜନ ରସେଇ (୩୦)ଓ ମାନସ ବନଛୋର(୧୭) ସଇଁତଳା ଆସିଥିଲେ । ବିଳମ୍ବିତ ରାତିରେ ନିଜ ବାଇକ ଯୋଗେ ଟିଟିଲାଗଡକୁ ଫେରୁଥିବା ସମୟରେ ମହଗା ଜାତୀୟ ରାଜପଥ ୨୬ ବ୍ରିଜ ନିକଟରେ ବରଗାଁ ପଟୁ ଏକ ମହେନ୍ଦ୍ରା ଏକ୍ସୟୁଭି ୭୦୦ ଆସି ତାକୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ଦୁଇ ଯୁବକ ପ୍ରାଣ ହରାଇଥିଲେ। ସଇଁତଳା ପୋଲିସ ଖବର ପାଇ ମୃତ ଦୁଇ ଯୁବକକୁ ସଇଁତଳା ଡ଼ାକ୍ତରଖାନାକୁ ଆଣିଥିଲେ। ଘଟଣା ସ୍ଥଳରୁ କାର ଡ୍ରାଇଭର ଫେରାର ମାରିଥିବା ବେଳେ ପୋଲିସ ଏ ସଂପର୍କରେ ଅଧିକ ତଦନ୍ତ କରୁଥିବା ଜଣାପଡିଛି।

ସେହିପରି କଟକ ଜିଲ୍ଲା ଆଠଗଡରେ (୯ ପୃଷ୍ଠାରେ)

# ମହାରାଷ୍ଟ୍ର ସଙ୍କଟ ଟଳିଲା : ଫଡ଼ନାବିସ ହେବେ ମୁଖ୍ୟମନ୍ତ୍ରୀ

ମୁମ୍ବାଇ,୪।୧୨: ମହାରାଷ୍ଟ୍ରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ଭାରତୀୟ ଜନତା ପାର୍ଟିର ଦେବେନ୍ଦ୍ର ଫଡ଼ନାବିସ ।ବୁଧବାର ବସିଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପାର୍ଟିର ନେତାମାନେ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତ । ତାଙ୍କର ଦୁଇ ଉପମୁଖ୍ୟମନ୍ତ୍ରୀ ହେବେ ଶିବସେନାର ଏକନାଥ ସିନ୍ଦେ ଓ ଏନସିପିର ଅଜିତ



ପାୱାର । ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ମୁମ୍ବାଇର ଆଜାଦ ମଇଦାନରେ ଅପରାହ୍ନ ୫ ଘଣ୍ଟା ସମୟରେ ଶପଥ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଶପଥଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହିବେ ବୋଲି ମହାରାଷ୍ଟ୍ର ବିଜେପି ସଭାପତି ଚନ୍ଦ୍ରଶେଖର ବାବନକୁଳ (୯ ପୃଷ୍ଠାରେ)



## ଇତିହାସ

୧୬୫୭ – ଶାହଜାହାଁଙ୍କ କନିଷ୍ଠ ପୁତ୍ର ମୁରାଦ ନିଜକୁ ସମ୍ରାଟ ରୂପେ ଘୋଷିତ କଲେ ।
୧୯୧୭ – ରୁଷ ଓ ଜର୍ମାନୀ ମଧ୍ୟରେ ଯୁଦ୍ଧ ବିରାମ ।
୧୯୧୭ – କାନାଡାରେ ଦୁଇଟି ଜାହାଜ ମୁହାଁମୁହିଁ ହୋଇ ୧୫ ଲୋକଙ୍କ ମୃତ୍ୟୁ ।
୧୯୩୮ – ଗୁଜୁରାଟୀ ସାହିତ୍ୟିକ ରଘୁବୀର ଚୌଧୁରୀଙ୍କ ଜନ୍ମ ।
୧୯୪୩ – ଜାପାନୀ ବିମାନ ଜାହାଜ କୋଲକାତା ଉପରେ ବୋମା ବିସ୍ଫୋରଣ କଲା ।
୧୯୪୬ – ଭାରତର ହୋମଗାର୍ଡ ସଙ୍ଗଠନ ସ୍ଥାପନା ।
୧୯୫୦ – ସିକ୍କିମ ଭାରତର ଏକ ସଂରକ୍ଷିତ ରାଜ୍ୟ ହେଲା ।
୧୯୭୧– ବାଂଲାଦେଶକୁ ଦେଶ ରୂପେ ମାନ୍ୟତା ।
୧୯୮୯ – ମୁଲାୟମ ସିଂ ଯାଦବ ପ୍ରଥମଥର ପାଇଁ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ ।
୧୯୯୯ – ଭାରତକୁ ପ୍ରତିନିଧିତ୍ୱ କରୁଥିବା ଯୁକ୍ତା ମୁଖୀଙ୍କୁ ମିସ୍ ୱାର୍ଲ୍ଡ ଟାଇଟଲ ।

## ମାର୍ଗଶିର ଗୁରୁବାର



ମାର୍ଗଶିର ମାସ ଏକ ପବିତ୍ର ମାସ ଭାବେ ପରିଚିତ । ବିଶେଷକରି ମାର୍ଗଶିର ମାସର ଗୁରୁବାରଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ , ଏହା ଧନଦାତ୍ରୀ ମହାଲକ୍ଷ୍ମୀଙ୍କ ବାର । ଗୃହିଣୀମାନେ ଏହିଦିନ ବନମାଟି, ଗୋବରରେ ଘରଦ୍ୱାର ଲିପାପୋଛା କରି ସଫା ସୁତୁରା କରନ୍ତି । ଅରୁଆ ଚାଉଳ ବଟା ପିଠଉରେ ଝୋଟି, ଧାନଶିଶା, ଆଙ୍ଗୁଠି ଚିତା ପକାନ୍ତି । ମାଣବସା ଗୁରୁବାର ଓଷା, ଧାନ ମାଣିକା ଓଷା ଭାବେ ମଧ କଥିତ । ଓଡ଼ିଆ ମାନଙ୍କର ଏହା ନିଜସ୍ୱ ପର୍ବ । ନିଷ୍ଠାର ସହ ଏହି ବ୍ରତ ପାଳିଲେ ଲକ୍ଷ୍ମୀ ଠାକୁରାଣୀଙ୍କ କୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏ ସମସ୍ତ କଥାବସ୍ତୁ ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀପୁରାଣରେ ବର୍ଣ୍ଣନା କରାଯାଇଛି । ଶ୍ରିୟା ଘରୁ ବୁଲିଆସି ଲକ୍ଷ୍ମୀ ବଡ଼ ଦେଉଳକୁ ପ୍ରବେଶ କରିବାରୁ, ମହାଲକ୍ଷ୍ମୀଙ୍କୁ ଭର୍ତ୍ସନା କରାଯାଇଥିଲା ଓ ଅପମାନିତା ହୋଇ ଲକ୍ଷ୍ମୀ ବଡ଼ଦେଉଳ ପରିତ୍ୟାଗ କରିଥିଲେ । ଲକ୍ଷ୍ମୀଙ୍କ କୋପରୁ ବଳରାମ ଓ ଜଗନ୍ନାଥଙ୍କୁ ବାର ବର୍ଷ ଧରି ଅନ୍ନ ଜଳ ମିଳିନଥିଲା । ଦୁଇ ଭାଇ ଲକ୍ଷ୍ମୀଛଡ଼ା ହୋଇବୁଲିଥିଲେ । ଶେଷରେ ସେମାନଙ୍କ ଭ୍ରାନ୍ତି ଦୂର ହୋଇଥିଲା ଏବଂ ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ । ସାମାଜିକ ଚଳଣି, ପରିବାରରେ ନାରୀର ଦାୟିତ୍ୱ ଓ ଆଦର୍ଶ ଆଚରଣ, ମନ୍ତ୍ରପାଠ ପରିବର୍ତ୍ତେ ବ୍ୟବହାର, ସୁରୁଚି, ପରିଚ୍ଛନ୍ନତା ଓ ଅନ୍ତରରେ ଭକ୍ତିର ପ୍ରାଧାନ୍ୟ ଆଦି ମାର୍ଗଶିର ଗୁରୁବାର ମାହାତ୍ମ୍ୟ ।



**ଅଜୟ କୁମାର ବେହେରା**
ମୋ : ୯୪୩୭୦୩୧୨୫୩



## ୧୦୨ ବର୍ଷରେ ବିଶ୍ୱ ବୁଲା

ନିଜ ଇଚ୍ଛାକୁ ପୂରା କରିବା ପାଇଁ କେବେ ବି ଡେରି ହୋଇ ନଥାଏ । ଏଭଳି ଅନେକ ଉଦାହରଣ ରହିଛି, ଯେଉଁଥିରେ ପରିଣତ ବୟସରେ ବି ଲୋକମାନେ ନିଜର ସ୍ୱପ୍ନକୁ ପୂରଣ କରିଛନ୍ତି । ସେହିଭଳି ଜଣେ ହେଲେ ଅଷ୍ଟ୍ରେଲିଆର ୧୦୨ ବର୍ଷୀୟା ଡର୍ଥି ସ୍ମିଥ୍ । ସେ ବର୍ତ୍ତମାନ ପାଲଟିଛନ୍ତି ଦୁନିଆର ସବୁଠାରୁ ବୟସ୍କ ମହିଳା ଯିଏ ସାତୋଟିଯାକ ମହାଦେଶ ବୁଲିବାରେ ସଫଳ ହୋଇଛନ୍ତି । ତାଙ୍କର ସାହସକୁ ବର୍ତ୍ତମାନ ସୋସିଆଲ ମିଡିଆରେ ସମସ୍ତେ ପ୍ରଶଂସା କରିବାରେ ଲାଗିଛନ୍ତି । ତେବେ ଏହାକୁ ସମ୍ଭବ କରିଦେଖାଇଛନ୍ତି ଦୁଇଜଣ ୟୁଟ୍ୟୁବର ଅମର୍ କଣ୍ଡିଲ୍ ଓ ଷ୍ଟାଫନ୍ ଟଏଲର୍, ଯେଉଁମାନେ ଏକ ଷ୍ଟୋରୀ କଭର କରିବା ସମୟରେ ଡୋର୍ଥୀଙ୍କୁ ଭେଟିଥିଲେ । ତାଙ୍କର ଇଚ୍ଛା ଜାଣିବା ପରେ ଉଭୟ ତାଙ୍କୁ ସାହାଯ୍ୟ କରିବାକୁ ଚାହିଁଥିଲେ । ପୂର୍ବରୁ ଡୋର୍ଥୀ ଏସିଆ,ନର୍ଥ ଆମେରିକା, ସାଉଥ୍ ଆମେରିକା, ଆଣ୍ଟାର୍କଟିକା ଓ ୟୁରୋପ ବୁଲିସାରିଥିଲେ । ତେବେ ସେ ଅଷ୍ଟ୍ରେଲିଆ ଗସ୍ତ କରିବାରେ ସଫଳ ହୋଇ ପାରିନଥିଲେ । ଏହା ଜାଣିବାପରେ ତାଙ୍କର ପ୍ୟାସନ୍‌କୁ ସମ୍ମାନ ଜଣାଇ ଉଭୟ ତାଙ୍କୁ ଅଷ୍ଟ୍ରେଲିଆ ବୁଲାଇବାକୁ ଅଫର ଦେଇଥିଲେ । ଏହାପରେ ଡୋର୍ଥୀ ଓ ତାଙ୍କ ଝିଅ ଉଭୟ ୟୁଟ୍ୟୁବରଙ୍କ ସହିତ ମିଶି ଅଷ୍ଟ୍ରେଲିଆ ଗସ୍ତ କରିଥିଲେ । ଘଟଣାଟି ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

## ସୋସିଆଲ କୋଟ୍ସ



ମା' ହେବା ଏକ ସୁନ୍ଦର ଅନୁଭୂତି । ଦୁଇଜଣ ଛୁଆ ଜନ୍ମ ହେବା ପରେ ମୋ ପରିବାର ସମ୍ପୂର୍ଣ୍ଣ ହୋଇଛି ।
**ଶ୍ରଦ୍ଧା ଆରିୟା, ଅଭିନେତ୍ରୀ**



ଲୋକମାନେ ମୋ ଘୋଷଣାକୁ ଭୁଲ ଅର୍ଥରେ ନେଇଛନ୍ତି । ମୁଁ ସନ୍ୟାସ ନୁହେଁ ବରଂ ଲମ୍ବା ବ୍ରେକ ନେଉଛି । ଅସୁସ୍ଥ ଥିବାରୁ ଆରାମର ଆବଶ୍ୟକତା ଅଛି ।
**ବିକ୍ରାନ୍ତ ମେସି, ଅଭିନେତା**



କିଛି ମିଛ କହି ସତ ହେଇଯାଉଛନ୍ତି ଓ କିଛି ଚୁପ ରହି ମିଛ ସାବ୍ୟସ୍ତ ହେଉଛନ୍ତି । ସେହିଭଳି କିଛି ଲୋକଙ୍କ ପାଇଁ ସମ୍ପର୍କ ଠାରୁ ବଡ ବ୍ଲଗିଂ ।
**ପ୍ରିନ୍ସ ନରୁଲା, ଅଭିନେତା**

## ମୁଗଡାଲି କ୍ୱି ନଡିଆ ସୁପ୍

**ସାମଗ୍ରୀ–** ଏକ କପ୍ ଚୋପା ଲଗା ସିଝା ମୁଗ ଡାଲି , ୨ଟି ଚୋପା ଛଡା କ୍ୱି, ଅଧା କପ୍ ନଡିଆ କ୍ରିମ୍, ଏକ ଚାମଚ ତେଲ, ଦୁଇଟା ତେଜପତ୍ର, ଅଧା ଚାମଚ ଜୀରା, ଏକ ଚାମଚ ଧନିଆ, ଏକ ଚାମଚ ଗୋଲମରିଚ, ୮ଟି କଟା ରସୁଣ, ଗୋଟିଏ ବଡ କଟା ପିଆଜ, ଗୋଟିଏ ଗାଜର, ଅଧା ଚାମଚ କରି ପାଉଡର, କଟା ଧନିଆ ପତ୍ର ।

**ପ୍ରଣାଳୀ–** ତେଲ ଗରମ କରି ଏଥିରେ ତେଜପତ୍ର, ଜୀରା, ଧନିଆ, ମରିଚ, ରସୁଣ ପକାଇ ଭାଜନ୍ତୁ । କିଛି ସମୟ ପରେ ଏଥିରେ ପିଆଜ ପକାଇ ଭାଜନ୍ତୁ । ପିଆଜ କିଛି ସମୟ ଭାଜି ହେବା ପରେ ଏଥିରେ କଟା ଗାଜର, ହଳଦୀ ଏବଂ କରି ପାଉଡର ପକାଇ ମିଶାନ୍ତୁ । ଏହାପରେ ଏଥିରେ ଲୁଣ ଏବଂ ସିଝା ମୁଗ ଡାଲି ପକାଇ ଭାଜନ୍ତୁ । କିଛି ସମୟ ପରେ ଯେତେବେଳେ ମୁଗ ଗରମ ହେଇଯିବ, ଗ୍ୟାସ ବନ୍ଦ କରିବା ସହିତ ସେଥିରେ କ୍ୱିର ଛୋଟ ଛୋଟ ଖଣ୍ଡ ଏଥିରେ ପକାନ୍ତୁ । ମିଶ୍ରଣ ଥଣ୍ଡା ହେବାପରେ ଏହାକୁ ଗ୍ରାଇଣ୍ଡରେ ବାଟି ନିଅନ୍ତୁ । ଏହାପରେ ମିଶ୍ରଣକୁ ଛାଣି ନିଅନ୍ତୁ । ଅଳ୍ପ ସମୟ ପାଇଁ ଏହାକୁ ଆଞ୍ଚରେ ରଖନ୍ତୁ । ପରେ ଏଥିରେ ନଡିଆ କ୍ରିମ ମିଶାଇ ଆଞ୍ଚ ବନ୍ଦ କରିନିଅନ୍ତୁ । ମିଶ୍ରଣ ଥଣ୍ଡା ହେବା ପରେ ସର୍ଭିଂ ବୋଲ୍‌ରେ ଧନିଆ ପତ୍ର ପକାଇ ପରଷନ୍ତୁ ମୁଗଡାଲି କ୍ୱି ନଡିଆ ସୁପ୍ ।





## ପିଲାଦିନ ସଙ୍ଘର୍ଷପୂର୍ଣ୍ଣ ଥିଲା

ବଲିଉଡର ଆଗଧାଡିର ନାୟକ ଭାବେ ଜଣାଶୁଣା ସାହିଦ କପୁର ବର୍ତ୍ତମାନ ଏକ ବିଳାସପୂର୍ଣ୍ଣ ଜୀବନ ବଞ୍ଚୁଛନ୍ତି । ହେଲେ ଦିନ ଥିଲା ତାଙ୍କୁ ଭଡା ଘରେ ରହିବାକୁ ପଡୁଥିଲା । ସେହି ସମୟକୁ ଏକ ସାକ୍ଷାତକାରରେ ମନେ ପକାଇଛନ୍ତି ସାହିଦ କପୁର । ତାଙ୍କର ବି ଟାଉନ୍‌କୁ ଆସିବା ଆଗରୁ ଏବଂ କ୍ୟାରିୟରର ପ୍ରଥମ ଦିନ ଗୁଡିକ ଖୁବ ସଙ୍ଘର୍ଷପୂର୍ଣ୍ଣ ଥିଲା ବୋଲି ସେ ମତ ଦେଇଛନ୍ତି । ବରିଷ୍ଠ କଳାକାର ପଙ୍କଜ କପୁର ଓ ନିଲିମା ଅଜିମଙ୍କ ପୁଅ ହୋଇ ମଧ୍ୟ ସେ ଏବେ ବି ନିଜକୁ ଆଉଟ୍‌ସାଇଡର ବୋଲି ଭାବିଥାଆନ୍ତି । ତାଙ୍କୁ ଯେତେବେଳେ ତିନି ବର୍ଷ ହୋଇଥିଲା ସେହି ସମୟରେ ତାଙ୍କ ଅଭିଭାବକଙ୍କର ବିବାହ ବିଚ୍ଛେଦ ହୋଇଥିଲା । ପିତାମାତା ଅଲଗା ହେବାପରେ ସାହିଦ ନିଜ ମା'ଙ୍କ ସହିତ ରହିଥିଲେ । ସେହି ସମୟରେ ସେ ଏକ ଭଡା ଘରେ ରହୁଥିଲେ । ତାଙ୍କର ବାପା ପଙ୍କଜ କପୁରଙ୍କ ସହିତ ଭଲ ସମ୍ପର୍କ ଅଛି, କିନ୍ତୁ ସେ ଇଣ୍ଡଷ୍ଟ୍ରୀରେ ଆଗକୁ ବଢିବାକୁ କେବେ ହେଲେ ବି ବାପାଙ୍କର ସାହାଯ୍ୟ ନେଇ ନାହାନ୍ତି । ସେହିଭଳି ତାଙ୍କ ମା' ଖୁବ ପରିଶ୍ରମ କରି ତାଙ୍କୁ ବଡ କରିଛନ୍ତି । ସେ ଏକୁଟିଆ ସବୁ ସମ୍ଭାଳିଛନ୍ତି, ଦ୍ୱିତୀୟ ବିବାହ କରିଥିଲେ ବି ତାଙ୍କ ଯତ୍ନ ତାଙ୍କ ମା' ଏକୁଟିଆ ନେଇଛନ୍ତି ବୋଲି ସାହିଦ ପ୍ରକାଶ କରିଛନ୍ତି । ନିଜ ପରିଶ୍ରମ ଓ ପ୍ରତିଭା ବଳରେ ସେ ଆଜି କ୍ୟାରିୟରର ଏହି ସ୍ଥାନରେ ପହଞ୍ଚିଛନ୍ତି ବୋଲି ପ୍ରକାଶ କରିଛନ୍ତି । ସେ ପିଲା ଦିନୁହିଁ ଏକୁଟିଆ ସବୁ କାମ କରିବାକୁ ପସନ୍ଦ କରନ୍ତି, ଯାହା ତାଙ୍କର ଆଜି ପର୍ଯ୍ୟନ୍ତ ରହିଛି ବୋଲି ସାହିଦ ମତ ଦେଇଛନ୍ତି ।

## କୋଲ୍ଡ ପଙ୍ଗ୍ ଥେରାପି

ବିଭିନ୍ନ ନ୍ୟାଚୁରାଲ୍ ଥେରାପି ରହିଛି ଯାହାକୁ ବ୍ୟବହାର କରି ଅନେକ ଲୋକ ଭିନ୍ନଭିନ୍ନ ଦୁଃସାଧ୍ୟ ରୋଗରୁ ମୁକ୍ତି ପାଇଥାଆନ୍ତି । ଏହି ତାଲିକାରେ ମଡ୍ ଥେରାପି ଭଳି ଅନେକ ଥେରାପି ସାମିଲ ରହିଛି । ସେହିଭଳି ଏକ ଚିକିତ୍ସା ହେଲା କୋଲ୍ଡ ପଙ୍ଗ୍ ଥେରାପି । ଏହି ଥେରାପିର ଅନ୍ୟନାମ ଆଇସ୍ କୋଲ୍ଡ ବାଥ୍ ମଧ୍ୟ । ଏହି ଥେରାପିରେ ବ୍ୟକ୍ତିଙ୍କୁ ଥଣ୍ଡା ପାଣିରେ ଜଣେ ଇନ୍‌ଷ୍ଟ୍ରକ୍ଟରଙ୍କ ସହାୟତାରେ ବୁଡି ରହିବାକୁ ହୋଇଥାଏ । ଏହା କରିବା ଦ୍ୱାରା ଆମ ଶରୀରକୁ ବିଭିନ୍ନ ପ୍ରକାରର ଲାଭ ମିଳିଥାଏ । ଏହି ବାଥ୍ କାରଣରୁ ମସଲ୍ ଖୁବଶୀଘ୍ର ରିକଭରି ହୋଇଥାଏ । ଯଦି ଆପଣ ଖୁବ ଅଧିକ ଶାରୀରିକ ପରିଶ୍ରମ କରୁଛନ୍ତି ତେବେ ଏହା ପରେ ଆଇସ୍ ବାଥ୍ କାରଣରୁ ମସଲ୍‌ରେ ଥିବା ଯନ୍ତ୍ରଣା ଦୂରହୋଇଥାଏ । ଏହି ବାଥ୍ କାରଣରୁ ଆମ ଶରୀରରେ ରକ୍ତ ସଞ୍ଚାଳନ ବଢିଥାଏ । ଥଣ୍ଡା ପାଣି କାରଣରୁ ଏଭଳି ହୋଇଥାଏ, ଯାହା ଫଳରେ ଆମ ହୃତପିଣ୍ଡର ସ୍ୱାସ୍ଥ୍ୟ ଭଲ ରହିଥାଏ । ଏହି ଥେରାପି ଆମର ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବଢିଥାଏ । ବିଭିନ୍ନ ପ୍ରକାର ସଂକ୍ରମଣ ବିରୋଧରେ ଲଢିବାକୁ ଏହି ଥେରାପି ସାହାଯ୍ୟ କରିଥାଏ । କେବଳ ଶାରିରୀକ ନୁହେଁ ମାନସିକ ସ୍ତରରେ ମଧ୍ୟ ଏହା ବେଶ୍ ଉପଯୋଗୀ ହୋଇଥାଏ । ଆମକୁ ମେଣ୍ଟାଲି ଆକ୍ଟିଭ୍ ରଖିବାରେ ଏହି ବିଶେଷ ସହାୟକ ହୋଇଥାଏ । ଷ୍ଟ୍ରେସ୍, ଆଙ୍ଗ୍‌ଜାଇଟି ଆଦିରୁ ଏହା ଆମକୁ ମୁକ୍ତି ଦେଇଥାଏ ।



## ଶସ୍ତାରେ ପ୍ରସ୍ତୁତ ହେବ ସୋଲାର ସେଲ୍

ଦୁନିଆରେ ଅନେକ ଉଦ୍ଭାବନ ଏଭଳି ଅଛି ଯାହା ଲୋକଙ୍କ ଖର୍ଚ୍ଚ କମ କରାଇଥାଏ । ସେହିଭଳି ଏକ ଉଦ୍ଭାବନ କରିଛନ୍ତି ନିୟୁ ହେମ୍ପସ୍ୱିୟରର ଡାର୍ଟମୋଥ୍ କଲେଜ୍‌ର ଗବେଷକମାନେ । ସେମାନେ ଏକ ପ୍ରିଣ୍ଟିଂ ପଦ୍ଧତି ବାହାର କରିଛନ୍ତି, ଯେଉଁଥିରେ କମ ଖର୍ଚ୍ଚରେ ସୋଲାରସେଲ୍ ପ୍ରସ୍ତୁତ ହେଇପାରିବ। ସେମାନେ ଏକ ନୂଆ ପେରୋଭସ୍କାଇଟ୍ ସୋଲାର ସେଲ୍‌ର ଉଦ୍ଭାବନ କରିଛନ୍ତି, ଯାହା ଏହି ପଦ୍ଧତିକୁ ସମ୍ଭବ କରିବ । ଏହି ମେଟେରିଆଲର ଗଠନ ମିନେରାଲ୍ସ କ୍ୟାଲସିୟମ ଟାଇଟାନିଅମ୍ ଅକ୍ସାଇଡ୍ ସହ ସମାନ । ଏହାକୁ ବ୍ୟବହାର କରି ଖୁବ କମ ଖର୍ଚ୍ଚରେ ସୋଲାର ସେଲ୍ ପ୍ରସ୍ତୁତ ହେବ । ବର୍ତ୍ତମାନ ସୋଲାର ସେଲକୁ ସିଲିକନ ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି । ତେବେ ଏହି ପ୍ରକ୍ରିୟା ସହଜ ନଥିବା ବେଳେ ଏହାକୁ ପ୍ରସ୍ତୁତ କରିବାରେ ଖର୍ଚ୍ଚ ମଧ୍ୟ ବେଶି ହେଉଛି । ଏହା ତୁଳନାରେ ଏହି ନୂଆ ସେଲ୍ ଗୁଡିକ କ୍ଷୁଦ୍ର ସ୍ଫଟିକର ଲେୟାରରୁ ପ୍ରସ୍ତୁତ ହୋଇଛି । ଏହି ସ୍ଫଟିକ ଗୁଡିକ କମ୍ ଦାମିକିଆ ସହ କମ ସମ୍ବେଦନଶୀଳ ପଦାର୍ଥରୁ ପ୍ରସ୍ତୁତ କରାଯାଇଛି । କଞ୍ଚା ମାଲକୁ ଏକ ତରଳ ପଦାର୍ଥରେ ମିଶ୍ରଣ କରି ଏକ ପ୍ରକାରର କାଳି ପ୍ରସ୍ତୁତ କରାଯାଉଛି, ଯାହାକୁ ବ୍ୟବହାର କରି ବିଭିନ୍ନ ମେଟେରିଆଲ ଉପରେ ପ୍ରିଣ୍ଟ କରାଯାଇପାରିବ । ଏହି ପଦ୍ଧତି ବ୍ୟବହାର କରି ପୁରା ବିଶ୍ୱରେ ସୋଲାର ସେଲ୍‌ର ପ୍ରସ୍ତୁତିରେ ବିପ୍ଳବ ଆଣିହେବ ।









## ପୁରୀ ବ୍ଲୁଫ୍ଲାଗ ବିଚ୍‌ରେ ସମରକୌଶଳ ପ୍ରଦର୍ଶନ କରୁଛନ୍ତି ନୌସେନା



ପୁରୀ ଶ୍ରୀ ମନ୍ଦିରରେ ରାଷ୍ଟ୍ରପତି ଶ୍ରୀମତୀ ଦୌପଦୀ ମୁର୍ମୁ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୪ ଡିସେମ୍ବର ୨୦୨୪

## ବଜାରରେ ସରକାରୀ ଜାଗା ଚିହ୍ନଟ

ପାଟଣା,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ପାଟଣା ବଜାର ଅଞ୍ଚଳ ଦେଇ ଯାଇଥିବା ରାଜପଥ ପ୍ରଶସ୍ତି କରଣ କାମ ହେଉଛି। ପାଟଣା ବଜାର ମଧ୍ୟରେ ବିଭିନ୍ନ ଦୋକାନ ର୍ନିମାଣ ହୋଇ ଥିବାରୁ ରାସ୍ତା ସଙ୍କୁଚିତ ହୋଇ ଯାଇଛି।ଏପରିକି ବଜାର ମଧ୍ୟରେ ସାଇକେଲ ଟିଏ ମଧ୍ୟ ଛିଡ଼ା କରିବାକୁ ସ୍ଥାନ ନାହିଁଛପ୍ରଦିଦିନ ବଜାର ଅଞ୍ଚଳରେ ଟ୍ରାଫିକ ଜାମ ରହୁଛି।ଏଭଳି ସ୍ଥିତିରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ କେତେ ସରକାରୀ ଜାଗା ରହିଛି ଓ ତନ୍ମଧ୍ୟରୁ କେତେ ଜବର ଦଖଲରେ ରହିଛି ତାହା ଚିହ୍ନଟ କରା ଯାଉଛି।ଚିହ୍ନଟ ପରେ ଆବଶ୍ୟକ ପଡ଼ିଲେ ଉଚ୍ଛେଦ କରିବାକୁ ରାଜସ୍ୱ ବିଭାଗ କୁ ଚଠି କରାଯାଇଛି ।

# ବର୍ତ୍ତମାନ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସମୟ: ରାଷ୍ଟ୍ରପତି



ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ବାର୍ଷିକୀ ସମାରୋହ

ପୁରୀ,(ସବ୍ୟୁ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ପୁରୀଠାରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ଯୋଗ ଦେଇଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଥିଲେ ଯେ, ବର୍ତ୍ତମାନ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସମୟ । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେସିନ୍ ଲର୍ଣ୍ଣିଂ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ ଥ୍ରୀ-ଡି ପ୍ରିଣ୍ଟିଂ ଭଳି ଟେକ୍ନୋଲୋଜି ଉଭୟ ଅଧ୍ୟୟନ ଓ ବିକାଶରେ ସହାୟକ ହେଉଛି । ଆମକୁ ବର୍ତ୍ତମାନର ଆବଶ୍ୟକତାକୁ ଚିହ୍ନିବାକୁ ହେବ ଏବଂ ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ହେବ । କିନ୍ତୁ ଆମର ଅତୀତକୁ ନ ଜାଣି ଆମେ ବର୍ତ୍ତମାନକୁ ବୁଝିପାରିବା ନାହିଁ କି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିପାରିବା ନାହିଁ । ଆମର ଗୌରବମୟ ଅତୀତ ବିଷୟରେ ଆମେ ସଚେତନ ହେବା ଉଚିତ । ଭାରତରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜ୍ୟୋର୍ତିବିଜ୍ଞାନ, ଜ୍ୟୋତିଷ ଶାସ୍ତ୍ର, ଔଷଧ, ଗଣିତ ଓ ସ୍ଥାପତ୍ୟ କ୍ଷେତ୍ରରେ ସମୃଦ୍ଧ ପରମ୍ପରା ରହିଛି । ଆର୍ଯ୍ୟଭଟ୍ଟ, ବ୍ରହ୍ମଗୁପ୍ତ, ବରାହମିହିର ଓ ଭାସ୍କରାଚାର୍ଯ୍ୟଙ୍କ ଭଳି ବୈଜ୍ଞାନିକମାନେ ଦେଶର ବିଜ୍ଞାନ କ୍ଷେତ୍ରକୁ ସମୃଦ୍ଧ କରିଛନ୍ତି । ସେହିପରି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଚରକ ଓ ସୁଶ୍ରୁତଙ୍କ ଅବଦାନ ଉଲ୍ଲେଖନୀୟ । ରାଷ୍ଟ୍ରପତି କହିଥିଲେ ଯେ ପାରମ୍ପରିକ ଭାରତୀୟ ଚିକିତ୍ସା ପଦ୍ଧତି ନିରାକରଣ ଏବଂ ଚିକିତ୍ସାକୁ ସମାନ ଗୁରୁତ୍ୱ ଦେଇଥାଏ । ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଡାକ୍ତର ଭାବେ କାର୍ଯ୍ୟ କରିବା ସହ ଆୟୁର୍ବେଦ କ୍ଷେତ୍ରରେ ଅସ୍ପର୍ଶ ହୋଇ ରହିଥିବା ଦିଗ ଉପରେ ଗବେଷଣା କରିବେ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ ଗବେଷଣା ଏହି ପ୍ରାଚୀନ ଚିକିତ୍ସା ପଦ୍ଧତିର ପ୍ରାମାଣିକତାକୁ ଦୃଢ଼ଭାବେ ପ୍ରତିଷ୍ଠା କରିବ ଏବଂ ସମଗ୍ର ବିଶ୍ୱରେ ଏହାର ସ୍ୱୀକୃତି ବୃଦ୍ଧି କରିବ । ରାଷ୍ଟ୍ରପତି କହିଥିଲେ ଯେ ଆଦିବାସୀ ଲୋକମାନେ ପ୍ରାଚୀନ କାଳରୁ ଚେରମୂଳି ଏବଂ ଏହାର ଔଷଧୀୟ ଉପକାରିତା ବିଷୟରେ ଜାଣିଛନ୍ତି । କିନ୍ତୁ ଏହି ପାରମ୍ପରିକ ଜ୍ଞାନ ଏବେ ଧିରେ ଧିରେ ଲୋପ ପାଇବାରେ ଲାଗିଛି । ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଚିକିତ୍ସା ପଦ୍ଧତିର ବୈଜ୍ଞାନିକ ଭିତ୍ତିଭୂମି ଅନୁସନ୍ଧାନ କରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ଏପରି କରିବା ଦ୍ୱାରା ସେମାନେ ଏହି ପାରମ୍ପରିକ ବ୍ୟବସ୍ଥାକୁ ବିଲୁପ୍ତ ହେବାରୁ ରକ୍ଷା କରିବେ ବୋଲି ସେ କହିଛନ୍ତି ।

# ପୋଲାଭରମ ପ୍ରସଙ୍ଗରେ ବିଜେଡି ଟିମ ଦିଲ୍ଲୀରେ

## ପ୍ରକଳ୍ପରେ କ୍ଷତିଗ୍ରସ୍ତ ହେବାକୁ ଥିବା ଆଦିବାସୀଙ୍କୁ ନ୍ୟାୟ ଦିଅ: ବିଜେଡି

ଭୁବନେଶ୍ୱର,(ସବ୍ୟୁ): ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଓ ଦଳର ରାଜ୍ୟସଭା ସଦସ୍ୟ ମାନଙ୍କ ସହିତ ବୁଧବାର କେନ୍ଦ୍ର ପରିବେଶ ଓ ଜଙ୍ଗଲ ବିଭାଗର ସଚିବ, ଜାତୀୟ ଏସଟି କମିସନ ଏବଂ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ସଚିବଙ୍କୁ ତାଙ୍କ ଦିଲ୍ଲୀ କାର୍ଯ୍ୟାଳୟରେ ଭେଟି ପୋଲାଭରମ ପ୍ରକଳ୍ପ ହେଲେ ଓଡ଼ିଶାର ମାଲକାନଗିରି ଜିଲ୍ଲାର ହଜାର ହଜାର ଆଦିବାସୀ ଜୀବନ ଜୀବିକା ହରାଇବେ ବୋଲି ଦୃଢ଼ ଯୁକ୍ତି ଉପସ୍ଥାପନା କରିଛନ୍ତି । ବିଜେଡି ତରଫରୁ ଗତ କାଲି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର ପାଟିଲଙ୍କୁ ପ୍ରଦାନ କରାଯାଇଥିବା ଏକ ଦାବିପତ୍ରର ନକଲ ସମସ୍ତ ଅଧିକାରୀ ମାନଙ୍କୁ ପ୍ରଦାନ କରିଥିଲେ । କୁହାଯାଇଛି, ପୋଲାଭରମ ପ୍ରକଳ୍ପ ହେଲେ ଓଡ଼ିଶାର ମାଲକାନଗିରି ଜିଲ୍ଲାର ପ୍ରାୟ ଦୁଇ ଶହରୁ ଅଧିକ ଗ୍ରାମ ଜଳମଗ୍ନ ହେବ ଓ ଏଥିରେ ମୁଖ୍ୟତଃ, ହଜାର ହଜାର ଆଦିବାସୀ ପରିବାର ଜୀବନ ଜୀବିକା ହରାଇବେ ବୋଲି କହିଛନ୍ତି । ବିଜେଡିର ଏହି ପ୍ରତିନିଧି ମଣ୍ଡଳୀରେ ଥିବା ସାଂସଦ ନିରଞ୍ଜନ ବିଶି, ରମେଶ ମାଝୀ, ମାନସ ମାଡକାମୀ, ମନୋହର ରନ୍ଧାରୀ ଓ ଡ଼ଃ ପ୍ରିୟବ୍ରତ ମାଝୀ ପ୍ରମୁଖ ଆଦିବାସୀ ନେତା ଆଲୋଚନା କରିଥିଲେ । ଏମାନଙ୍କ ସହ ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ଓ ଭୃଗୁ ବକ୍ସିପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶାରେ ସାମାଜିକ-ଅର୍ଥନୈତିକ ପରିବର୍ତ୍ତନ ପାଇଁ

# ସିଜିମାଳି ବକ୍ସାଇଟ୍ ଖଣି ପ୍ରସ୍ତୁତ




## ୨୫ ବର୍ଷରେ ଖର୍ଚ୍ଚ ହେବ ୧୨୦୦ କୋଟି ଟଙ୍କା

ଭୁବନେଶ୍ୱର,(ସବ୍ୟୁ): ବେଦାନ୍ତ ଆଲୁମିନିୟମ୍ ମାଲିକାନାରେ ଥିବା ସିଜିମାଳି ବକ୍ସାଇଟ୍ ଖଣି ଓଡ଼ିଶାର କଳାହାଣ୍ଡି ଓ ରାୟଗଡ଼ାର ବିକାଶ ପ୍ରକ୍ରିୟାର ଗତିକୁ ତ୍ୱରାନ୍ୱିତ କରିବା ସହିତ ଏଠାରେ ବସବାସ କରୁଥିବା ଆଦିମ ଜନଜାତିଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିରେ ପରିବର୍ତ୍ତନ ଆଣିବାକୁ ପ୍ରତିଶ୍ରୁତିବଦ୍ଧ । ବେଦାନ୍ତ ର୍ବମାନର ଲାଞ୍ଜିଗଡ଼ ସ୍ଥାନୀୟ ଅଞ୍ଚଳ ଉନ୍ନୟନ ପାଣ୍ଠି (ଏଲପିଡିଏଏଫ୍) ଏବଂ ରାୟଗଡ଼ା ଓ କଳାହାଣ୍ଡିରେ ପ୍ରସ୍ତାବିତ ସିଜିମାଳି ସ୍ଥାନୀୟ ଅଞ୍ଚଳ ଉନ୍ନୟନ ପାଣ୍ଠି (ଏସପିଡିଏଏଫ୍)ମାଧ୍ୟମରେ ଆଗାମୀ ୨୫ ବର୍ଷ ମଧ୍ୟରେ ୧୨୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରିଛି ଏବଂ ଏହି ଅଞ୍ଚଳକୁ ଏକ ସମୃଦ୍ଧ ଅଞ୍ଚଳରେ ପରିଣତ କରିବା ପାଇଁ ଉଭୟ ଜିଲ୍ଲାର ଜନପ୍ରତିନିଧିଙ୍କୁ ଏସପିଭିରେ ଅନ୍ତର୍ଭୁକ୍ତ କରିଛି । ଖାଲି ସେତିକି ନୁହେଁ, ସିଜିମାଳି ବକ୍ସାଇଟ୍ ଖଣି ଓଡ଼ିଶାର ସରକାରୀ ରାଜକୋଷକୁ ବାର୍ଷିକ ୨୨୦୦ କୋଟି ଟଙ୍କାର ରାଜସ୍ୱ ପ୍ରଦାନ କରିବ । ଏଭଳି ବିପୁଳ ରାଜସ୍ୱ ଆଗାମୀ ୫୦ ବର୍ଷ ପାଇଁ ଓଡ଼ିଶାର ଭବିଷ୍ୟତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭିତ୍ତିଭୂମି ବିକାଶକୁ ସଶକ୍ତ କରିବ । ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବ୍ୟାପକ ଜନକଲ୍ୟାଣକାରୀ ଯୋଜନା କାର୍ଯକାରୀରେ ରାଜ୍ୟ ସକ୍ଷମ ହୋଇପାରିବ । ଏହାବ୍ୟତୀତ ୧୫୦୦ରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ଧନ୍ଦାମୂଳକ ପ୍ରଶିକ୍ଷଣକେନ୍ଦ୍ର ଏବଂ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମର ଯୋଡ଼ି ଲୋକଙ୍କ ଜୀବନ ଏବଂ ସ୍ୱପ୍ନକୁ ବଦଳାଇଦେବ । ବିକାଶମୂଳକ ଅଭିଯାନରେ ସ୍ଥାନୀୟ ଆଦିବାସୀଙ୍କ ଅଂଶଗ୍ରହଣ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଏବଂ ପରିବେଶ ସୂଚକାଙ୍କରେ ଏହି ଅଞ୍ଚଳର ସମଗ୍ର ଚିତ୍ରକୁ ବଦଳାଇ ଦେବ । ଯେହେତୁ ବେଦାନ୍ତ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥାଏ ତେଣୁ ମୃତ୍ତିକା କ୍ଷୟକୁ ରୋକିବା ଏବଂ ଏହି ଅଞ୍ଚଳର ଉଭିଦ ଏବଂ ଜୀବଜନ୍ତୁଙ୍କ ରକ୍ଷଣାବେକ୍ଷଣ କରି ସମଗ୍ର ପରିବେଶ ବ୍ୟବସ୍ଥାକୁ ବଜାୟ ରଖିବ । ସିଜିମାଳି ବକ୍ସାଇଟ୍ ଖଣି କେବଳ ଏହି ଅଞ୍ଚଳରେ ନୁହେଁ ବରଂ ଦେଶରେ ଖଣି ଖନନର ସମଗ୍ର ଇକୋସିଷ୍ଟମକୁ ବଦଳାଇବାପାଇଁ ପ୍ରସ୍ତୁତ ହୋଇଛି ।

Remembering



LATE
MANA GOVINDA MOHANTY
05.12.1904 - 21.03.1981
Mandasahi, Jagatsinghapur

PIONEER . VISIONARY . PATRON

On this auspicious occasion of his 120th Birth Anniversary, we seek His blessings to continue serving the poor and the needy relentlessly and silently.
As a family, we remain committed to upholding his values and his legacy.

BEST WISHES FROM :
| Sabita | Rajib Lochan & Meenoti | Namita | Kamal Lochan & Annapurna |
| Padma Lochan & Sandhya | Pankaj Lochan & Seema |
| Siddhartha | Anshuman | Tanuj | Rumi | Anamika | Poonam | Priyangana | Ivaani |

# ଜମି ପଟ୍ଟା, ପେସା ଆଇନ ନେଇ ଘେରିଲେ

ଭୁବନେଶ୍ୱର(ସବ୍ୟୁ): ବିରୋଧୀ ଉଠାଇଲେ ଜମି ପଟ୍ଟା ପ୍ରସଙ୍ଗ। ପେସା ଆଇନ କେବେ ଲାଗୁ ହେବ? ବିନା ଗ୍ରାମସଭାରେ ଆଦିବାସୀ ଜମି କେମତି ଅଧିଗ୍ରହଣ ହେବ? ଚାକିରି ଓ ଶିକ୍ଷାରେ ପଛୁଆବର୍ଗଙ୍କୁ ଉଚିତ ସଂରକ୍ଷଣ ଶୀଘ୍ର ଦିଅ। ଜବାବରେ ଶାସକ ଦଳ ପାଲଟା ଆକ୍ରମଣ କରି କହିଲେ, ୨୪ ବର୍ଷ ଶାସନରେ ରହିବା ପରେ କ'ଣ ଏବେ ଜ୍ଞାନ ଉଦୟ ହେଲା? ସଂରକ୍ଷଣ, ପଟ୍ଟା, ପଦବୀ ପୂରଣ ନେଇ କିଏ ଅଟକାଇ ଥିଲା? ଏଭଳି ସରଗରମ ଆଲୋଚନା ହୋଇଥିଲା ରାଜସ୍ୱ ଓ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ ବିକାଶ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନାରେ।

ବିଜେଡି ବିଧାୟକ ଗଣେଶ୍ୱର ବେହେରା ଆଦିବାସୀ କମିଶନ, ସଂଖ୍ୟାଲଘୁ କମିଶନ ନ ଥିବା ନେଇ ସେ ଅସନ୍ତୋଷ ଝାଡ଼ିଥିଲେ।

କଂଗ୍ରେସ ବିଧାୟକ ସିଏସ୍ ରାଜନ ଏକ୍କା କହିଲେ, ଓଡ଼ିଶାରେ ଟ୍ରାଏବାଲ ଆଡଭାଇଜରି କମିଟି (ଟିଏସି) ଗଠନ ହୋଇଛି। ମାତ୍ର ୬ ମାସ ପରେ ବି ଗୋଟିଏ ବୈଠକ ହେଲାନି। ରାଜ୍ୟରେ ପେସା ଆଇନ କେବେ ଲାଗୁ ହେବ? ଗ୍ରାମସଭା ନିୟମର ଉଲ୍ଲଂଘନ କରାଯାଉଛି। ଗ୍ରାମସଭାର ବିନା ଅନୁମତିରେ ଆଦିବାସୀଙ୍କ ଜମି ଅଧିଗ୍ରହଣ କେମିତି ହେବ? ଶିଳ୍ପ ନ ହେଲେ ବି ଜମି ଫେରସ୍ତ ହେଉନି। ବିଜେଡି ବିଧାୟକ ଡ.ଅରୁଣ କୁମାର ସାହୁ କହିଲେ, ଶିକ୍ଷା ଓ ଚାକିରିରେ ପଛୁଆବର୍ଗ, ଅନୁସୂଚିତ ଜାତି, ଜନଜାତିଙ୍କୁ ଯେତିକି ସଂରକ୍ଷଣ ମିଳିବା କଥା, ତାହା ମିଳୁନି। କେନ୍ଦ୍ର ସରକାରଙ୍କ ଗ୍ରୁପ ଏ, ବି, ସି ଏବଂ ଡି ବର୍ଗ ନିଯୁକ୍ତିରେ ବି

## ରାଜସ୍ୱ, ଏସ୍‌ସି, ଏସ୍‌ଟି, ପଛୁଆବର୍ଗ ବିଭାଗ ନେଇ ଆଲୋଚନା

## ଶିକ୍ଷା ଓ ନିଯୁକ୍ତିରେ ଉଚିତ ସଂରକ୍ଷଣ ଦିଅ : ବିରୋଧୀ

## ୨୪ ବର୍ଷ ପରେ ଜ୍ଞାନ ଉଦୟ ହେଲା : ଶାସକ

ଏସ୍‌ସି, ଏସ୍‌ଟିଙ୍କ ପ୍ରତିନିଧିତ୍ୱ ଅତି ନଗଣ୍ୟ। ଓଡ଼ିଶାରେ ବି ଏଭଳି ବ୍ୟବସ୍ଥା ରହିଛି। ସରକାରୀ କ୍ଷେତ୍ରରେ ଯେତିକି ସଂରକ୍ଷଣ ମିଳିବା କଥା, ତାହାକୁ ଲାଗୁ କରାଯାଉ। ଆଦିବାସୀ, ଦଳିତ, ପଛୁଆ ବର୍ଗ ଉପରକୁ ନ ଉଠଇଲେ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ଚିତ୍ର ଆଙ୍କି ହେବନି। ଘରୋଇ ଚାକିରି ଏବଂ ଆଉଟ ସୋର୍ସିଂ କ୍ଷେତ୍ରରେ ବି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଉ। ଉଚ୍ଚଶିକ୍ଷା କ୍ଷେତ୍ରରେ ଓବିସିଙ୍କୁ ସଂରକ୍ଷଣ ମିଳୁନି। ଏବେ ବି କେତେକ ଗାଁରେ ସବର୍ଣ୍ଣ-ଅସବର୍ଣ୍ଣ ଭେଦଭାବ, ଜାତିପ୍ରଥା ବଳବର ରହିଛି। ମନ୍ଦିର, ଶ୍ମଶାନ ମନା କରାଯାଉଛି। ଆଦିବାସୀ ଝିଅ ମୁହଁରେ ବିଷ୍ଠା ଫିଙ୍ଗାଯାଉଛି। ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ ଗ୍ରାମସଭା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଟାର୍ଗେଟ କରିଥିଲେ। ବିଧାୟକ ରମେଶ ଚନ୍ଦ୍ର ବେହେରା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ସରକାରଙ୍କ ବିରୋଧରେ ବର୍ଷିଥିଲେ।

ଶାସକ ଦଳ ପକ୍ଷରୁ ବିଧାୟକ ଇରାଶିଷ ଆଚାର୍ଯ୍ୟ କହିଲେ, ନୂଆ ସରକାର ଆସିବା ପରେ ପଟ୍ଟା ସହ ଜମି ଦିଆଯାଉଛି। ମାତ୍ର ପୂର୍ବ ସରକାର ମିଛ ପଟ୍ଟା ବାଣ୍ଟୁଥିଲେ। କେବଳ କାଗଜ ବଣ୍ଟା ଯାଉଥିଲା। ନୂଆ ସରକାର ଆସିବା ପରେ ପ୍ରତି ସ୍କୁଲକୁ ଜମି ପଟ୍ଟା ଦିଆଯାଉଛି। ହୀରାକୁଦ ନଦୀବନ୍ଧର ବିସ୍ଥାପିତଙ୍କୁ ପଟ୍ଟା ବନ୍ଦ କରାଯାଇଛି। ୨୪ ବର୍ଷ ସରକାରରେ ଆର୍‌ଆଇ, ଅମିନ ନିଯୁକ୍ତି ପୂର୍ବ ସରକାର ଦେଲେନି। ପଦବୀ ଖାଲି ପଡ଼ିଛି। ନୂଆ ସରକାର ସଂକଳ୍ପ ନେଇଛନ୍ତି, ଖାଲି ପଦବୀ ପୂରଣ ହେବ। ପୂର୍ବ ସରକାର ଆଦିବାସୀଙ୍କୁ ଜମି ବିକିବାକୁ ଚକ୍ରାନ୍ତ କରିଥିଲେ। ବିରୋଧୀ ଦଳକୁ ଟାର୍ଗେଟ କରି ଟଙ୍କଧର ତ୍ରିପାଠୀ କହିଲେ, ୨୪ ବର୍ଷ ପରେ ବର୍ତ୍ତମାନ ସେମାନଙ୍କର ଜ୍ଞାନ ଉଦୟ ହୋଇଛି। ଆଗରୁ କିଏ ସେମାନଙ୍କୁ ବାନ୍ଧି ରଖିଥିଲେ? ସଂରକ୍ଷଣ ବ୍ୟବସ୍ଥା କରିବାକୁ କିଏ ଅଟକାଇ ଥିଲେ? ଜାତିଆଣ ଭେଦବାଦ କଥା ବିରୋଧୀ ଦଳ କହୁଛନ୍ତି। ମାତ୍ର ଓଡ଼ିଶା ଭୂମିରେ ଜାତିଆଣ ଭାବ ନାହିଁ। ହୀରାକୁଦ ବିସ୍ଥାପିତଙ୍କୁ ବିଗତ ସରକାରମାନେ ପଟ୍ଟା ଖଣ୍ଡିଏ ଦେଇ ପାରିନଥିଲେ। ନୂଆ ସରକାର ଆସିବା ପରେ ଜମି ଦେବା ଆରମ୍ଭ ହୋଇଛି। ବସୁନ୍ଧରା ଯୋଜନାରେ ୭ ହଜାର ଲୋକଙ୍କୁ ପଟ୍ଟା ଦିଆ ସରିଲାଣି। ବିଧାୟକ ସୁକାନ୍ତ ଖଟୁଆ ମଧ୍ୟ ପୂର୍ବ ସରକାରଙ୍କୁ ଟାର୍ଗେଟ କରିଥିଲେ।




କହିଲେ, ତହସିଲରେ ଅମିନ ଅଭାବ। ଜମିଜମା ମାପଚୁପ ଠିକ୍ ଭାବେ ହୋଇପାରୁନି। ଗୋଷ୍ଠୀ କନ୍ଦଳ ହୋଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଭୂମିହୀନଙ୍କୁ ଜମି ମିଳିପାରୁନି। ଯେଉଁ ୫୦% ଲୋକେ ଜମି ପଟ୍ଟା ପାଇଛନ୍ତି, ସେମାନଙ୍କୁ ଜମି ଦଖଲ ମିଳିପାରିନି। ଜମି ଚିହ୍ନଟ କରି ଶୀଘ୍ର ସେମାନଙ୍କୁ ଦଖଲ ଦିଅନ୍ତୁ। ପୂର୍ବ ସରକାର ସମୟରୁ ବାତ୍ୟା ପରିଚାଳନା କ୍ଷେତ୍ରରେ ଓଡ଼ିଶା ବିଶ୍ୱରେ ଇତିହାସ ସୃଷ୍ଟି କରିଛି। ପୂର୍ବ ସରକାରଙ୍କ ବିଫଳତା କଥା ନୂଆ ସରକାର କହୁଛନ୍ତି। ହେଲେ ସଫଳତାକୁ କେମିତି ଅସ୍ୱୀକାର କରିବେ? ଦୋଷ ଠେଲିବା ଆଗରୁ ଆତ୍ମସମୀକ୍ଷା କରି ନିଜ ଉତ୍ତରଦାୟିତ୍ୱ ପାଳନ କଲେ ସୁଶାସନ ଦେଇପାରିବେ। ଅତିରିକ୍ତ ବଜେଟର ଏସ୍‌ସି ଓ ଏସ୍‌ଟିଙ୍କ ବିକାଶ ପ୍ରତି ଯେତିକି ଅନୁଦାନ ଦିଆଯାଉଛି, ତାହା ଅତି ନଗଣ୍ୟ। ରାଜ୍ୟ ଜନସଂଖ୍ୟାର ୫୦%ରୁ ଅଧିକ ପଛୁଆବର୍ଗ। ସେମାନଙ୍କୁ ଅଣଦେଖା କରାନଯାଉ। ସେମାନଙ୍କୁ ନ୍ୟାୟ ଦେବାକୁ ଘର ଘର ଯାଇ ଗଣନା କରାଯାଉ। ରାଜ୍ୟରେ

ଆଲୋଚନା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଅନୁସୂଚିତ ଜାତି, ଜନତାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁ ବିକାଶ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ପାରିତ ହୋଇଥିଲା। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉତ୍ତର ରଖିବାବେଳେ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ।

## ଚାରି ବିତରକ କମ୍ପାନୀ ଉପରେ ୬,୫୮୭ କୋଟି ବାକି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ୪ଟି ବିଦ୍ୟୁତ ବିତରକ କମ୍ପାନୀ ଉପରେ ବାକି ପଡ଼ିଛି ୬ ହଜାରରୁ ଅଧିକ କୋଟି ଟଙ୍କା। ଏନେଇ ଗୃହରେ ତଥ୍ୟ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କେଭି ସିଂହଦେଓ। ରାଜ୍ୟର ୪ ବିଦ୍ୟୁତ ବିତରକ କମ୍ପାନୀ ଉପରେ ମୋଟ ୬ ହଜାର ୫୮୭ କୋଟି ଟଙ୍କା ବାକି ପଡିଛି। ତା'ଭିତରୁ ସେସୁ ପାଖରେ ୨ ହଜାର ୬୫୧ କୋଟି ଟଙ୍କା ବାକି ପଡିଥିବାବେଳେ ନେସ୍କୋ ପାଖରେ ୯୫୮ କୋଟି, ୱେସ୍କୋ ପାଖରେ ୧ ହଜାର ୬୭୬ କୋଟି ଆଉ ସାଉଥକୋ ପାଖରେ ୧୩୦୦ କୋଟି ଟଙ୍କା ବାକି ପଡ଼ିଛି। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ପ୍ରଶ୍ନର ଉତ୍ତରର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଦର୍ଶାଇଛନ୍ତି ଯେ, ରାଜ୍ୟର ୪ ବିଦ୍ୟୁତ ବିତରକ କମ୍ପାନୀ ଉପରେ ମୋଟ ୬ ହଜାର ୫୮୭ କୋଟି ଟଙ୍କା ବାକି ପଡ଼ିଛି। ତା'ଭିତରୁ ସେସୁ ପାଖରେ ୨ ହଜାର ୬୫୧ କୋଟି ଟଙ୍କା ବାକି ପଡିଥିବାବେଳେ, ନେସ୍କୋ ପାଖରେ ୯୫୮ କୋଟି, ୱେସ୍କୋ ପାଖରେ ୧ ହଜାର ୬୭୬ କୋଟି ଆଉ ସାଉଥକୋ ପାଖରେ ୧୩୦୦ କୋଟି ଟଙ୍କା ବାକି ପଡ଼ିଛି।

# ୨ ବର୍ଷରେ ୫ ଲକ୍ଷ ଲୋକଙ୍କୁ କାମୁଡ଼ିଛି କୁକୁର

ଭୁବନେଶ୍ୱର(ସବ୍ୟୁ): ବୁଲା କୁକୁରମାନଙ୍କ ପ୍ରତି ସାବଧାନ ରହନ୍ତୁ। କାରଣ ରାସ୍ତାରେ ବୁଲୁଛନ୍ତି ୧୭ ଲକ୍ଷ ବୁଲା କୁକୁର। ବୁଲା କୁକୁରଙ୍କ ଉପଦ୍ରବରେ ଲୋକ ହନ୍ତସନ୍ତ ହେଉଛନ୍ତି। ଦୁଇବର୍ଷରେ ରାଜ୍ୟରେ ୫ ଲକ୍ଷରୁ ଅଧିକ ଲୋକଙ୍କୁ କାମୁଡ଼ିଛି କୁକୁର।

୨୦୨୩ ଜାନୁଆରୀରୁ ୨୦୨୪ ନଭେମ୍ବର ମାସ ପର୍ଯ୍ୟନ୍ତ ରାଜ୍ୟରେ ୫ ଲକ୍ଷ ୨ ହଜାର ୬୭୨ ଜଣଙ୍କୁ କୁକୁର କାମୁଡ଼ିଛି। ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ବିଧାୟକ କାଡ୍ରାକା ଆପାଲାସ୍ୱାମୀଙ୍କ ଏକ ପ୍ରଶ୍ନର ଉତ୍ତରରେ ସେ ଏହି ସୂଚନା ଦେଇଛନ୍ତି।

ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୦୨୩ରେ ୨,୫୯,୧୦୭ ଜଣଙ୍କୁ କୁକୁର କାମୁଡ଼ି ଥିଲା। ସେହିପରି ୨୦୨୪ରେ ନଭେମ୍ବର ପର୍ଯ୍ୟନ୍ତ ୨,୪୩,୫୬୫ ଜଣଙ୍କୁ କୁକୁର କାମୁଡ଼ିଛି। ୨୦୨୩ ଜାନୁଆରୀ ମାସରେ ୨୭,୬୯୬ ଜଣଙ୍କୁ କୁକୁର କାମୁଡ଼ି ଥିବା ବେଳେ ଫେବ୍ରୁଆରୀରେ ୨୦,୭୬୩, ମାର୍ଚ୍ଚରେ ୨୧,୮୨୪, ଏପ୍ରିଲରେ ୧୯,୩୨୫, ମେ'ରେ ୧୮,୭୬୩, ଜନ୍‌ରେ ୧୯,୯୭୦, ଜୁଲାଇରେ ୧୮,୬୯୪, ଅଗଷ୍ଟରେ ୧୭,୭୧୪, ସେପ୍ଟେମ୍ବରରେ ୧୯,୩୨୧, ଅକ୍ଟୋବରରେ ୨୦,୮୫୨, ନଭେମ୍ବରରେ ୨୫,୧୩୪ ଓ ଡିସେମ୍ବରରେ ୨୯,୫୦୧ ଜଣଙ୍କୁ କୁକୁର କାମୁଡ଼ିଛି।

ସେହିପରି ୨୦୨୪ ଅର୍ଥାତ ଚଳିତ ବର୍ଷ ଜାନୁଆରୀ ମାସରେ ୩୩,୫୪୭ ଜଣଙ୍କୁ କୁକୁର କାମୁଡ଼ି ଥିବାବେଳେ ଫେବ୍ରୁଆରୀ ମାସରେ ୩୨,୫୬୧, ମାର୍ଚ୍ଚରେ ୨୯,୮୦୧, ଏପ୍ରିଲରେ ୨୫,୭୬୦, ମେ'ରେ ୨୩,୨୯୧, ଜୁନରେ ୨୧,୧୨୮, ଜୁଲାଇରେ ୧୮,୫୨୯, ଅଗଷ୍ଟରେ ୧୮,୫୦୫, ସେପ୍ଟେମ୍ବରରେ ୧୯,୦୯୧ ଓ ଅକ୍ଟୋବରରେ ୨୧,୩୫୨ ଜଣଙ୍କୁ କୁକୁର କାମୁଡ଼ିଛି। ରାଜ୍ୟରେ ଏବେ ୧୭.୩୪ ଲକ୍ଷ ବୁଲା କୁକୁର ଅଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ୮ଟି ସହରାଞ୍ଚଳରେ ୪୬୦୫ଟି କୁକୁରଙ୍କର ବନ୍ଧ୍ୟାକରଣ କରାଯାଇଥିଲା।

## ରାଜ୍ୟରେ ଆବଶ୍ୟକତାଠୁ ଅଧିକ ଉତ୍ପାଦନ ହେଉଛି ପିଆଜ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟରେ ପିଆଜ ଦର ଆକାଶଛୁଆଁ। ଏନେଇ ଖାଉଟି ଚିନ୍ତାରେ। ହେଲେ ରାଜ୍ୟ ବିଧାନସଭାରେ ମନ୍ତ୍ରୀ ଯେଉଁ ତଥ୍ୟ ରଖିଛନ୍ତି, ତାହା ସରକାର ଉପରେ ପ୍ରଶ୍ନ ଚିହ୍ନ ଠିଆ କରିଛି। ରାଜ୍ୟରେ ଲୋକଙ୍କ ଆବଶ୍ୟକତାଠୁ ଅଧିକ ପିଆଜ ଉତ୍ପାଦନ ହେଉଛି। ହେଲେ ତା ସତ୍ତ୍ୱେ ବି ପିଆଜ ଦର ବଜାରରେ ୭୦ ଉପରେ ବିକ୍ରି ହେବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ରାଜ୍ୟରେ ୨୦୨୩-୨୪ ବର୍ଷ ପାଇଁ ବାର୍ଷିକ ହାରାହାରି ୩.୭୫ ଲକ୍ଷ ମେଟ୍ରିକ ଟନ୍ ପିଆଜର ଆବଶ୍ୟକତା ରହିଥିବାବେଳେ, ରାଜ୍ୟରେ ୪.୨୦ ଲକ୍ଷ ମେଟ୍ରିକ ଟନ୍ ପିଆଜ ଉତ୍ପାଦନ ହେଇଥିଲା। ହେଲେ ତାସତ୍ତ୍ୱେ ବି ଏବେ ବଜାରରେ ପିଆଜ ଦର ୭୦ ପାର୍ କରିଛି।

ବୁଧବାର ବିଧାନସଭା ଶୀତ ଅଧିବେଶନରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ରାଜ୍ୟରେ ପିଆଜ ମିଶନରେ କେତେ ପରିମାଣରେ ପିଆଜ ଉତ୍ପାଦନ ହେଉଛି ସେନେଇ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ରଖିଥିଲେ କୃଷି ମନ୍ତ୍ରୀ କେଭି ସିଂହଦେଓ। ହେଲେ ମନ୍ତ୍ରୀଙ୍କ ଉତ୍ତରରୁ ଯେଉଁ ତଥ୍ୟ ଆସିଥିଲା, ତାହା ଅନେକଙ୍କୁ ବିସ୍ମିତ କରିଛି। ରାଜ୍ୟରେ ୨୦୨୩-୨୪ ବର୍ଷ ପାଇଁ ବାର୍ଷିକ ହାରାହାରି ୩.୭୫ ଲକ୍ଷ ମେଟ୍ରିକ ଟନ୍ ପିଆଜର ଆବଶ୍ୟକତା ରହିଥିବାବେଳେ, ରାଜ୍ୟରେ ୪.୨୦ ଲକ୍ଷ ମେଟ୍ରିକ ଟନ୍ ପିଆଜ ଉତ୍ପାଦନ ହେଇଥିଲା। ହେଲେ ତା ସତ୍ତ୍ୱେ ବି ଏବେ ବଜାରରେ ପିଆଜ ଦର ୭୦ ପାର୍ କରିଛି।

ଅନ୍ୟପଟେ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନରେ ଉତ୍ତର ରଖି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ରାଜ୍ୟରେ ପିଆଜ ମିଶନ ଯୋଜନା କାର୍ଯ୍ୟକାରୀ ହେଇନାହିଁ। ଏଥିପାଇଁ ରାଜ୍ୟ ରାଜକୋଷରୁ ମଧ କୌଣସି ଅର୍ଥ ବରାଦ କରାଯାଇନି। ତେବେ ବର୍ତ୍ତମାନ ମହାରାଷ୍ଟ୍ର, କର୍ଣ୍ଣାଟକ ଆଦି ଅଞ୍ଚଳରେ ପୁରୁଣା ପିଆଜର ଗଚ୍ଛିତ ପରିମାଣ ହ୍ରାସ ଆଉ ନୂଆ ପିଆଜ ଅମଳରେ ବିଳମ୍ବ କାରଣରୁ ଦାମ ବୃଦ୍ଧି ପାଉଥିବା କୁହାଯାଇଛି।

ଗତବର୍ଷ ରାଜ୍ୟରେ ଲୋକଙ୍କ ଆବଶ୍ୟକତାଠୁ ଅଧିକ ପିଆଜ ଉତ୍ପାଦନ ହେଉଛି। ୪.୨୦ ଲକ୍ଷ ମେଟ୍ରିକ ଟନ୍ ପିଆଜ ଉତ୍ପାଦନ ହେଇଥିଲାବେଳେ ଲୋକଙ୍କର ଆବଶ୍ୟକ ହେଉଥିଲା ୩.୭୫ ଲକ୍ଷ ମେଟ୍ରିକ ଟନ୍ ପିଆଜ। ହେଲେ ବାକି ପିଆଜ କୁଆଡେ ଗଲା, ତାହା ଏବେ ଆଲୋଚନାର ବିଷୟ।

## ପିଆଜ ମିଶନ ଯୋଜନା କାର୍ଯ୍ୟକାରୀ ହୋଇନି

## ଆବଶ୍ୟକ ୩.୭୫ ଟନ, ଉତ୍ପାଦନ ୪.୨୦ ଟନ

# ରାଜ୍ୟରେ ସମସ୍ତ ୭ ସୂତାକଳ ବନ୍ଦ

ଭୁବନେଶ୍ୱର(ସବ୍ୟୁ): ବିଧାନସଭାରେ ଉଠିଛି ନକଲି ସମ୍ବଲପୁରୀ ଶାଢ଼ି ପ୍ରସଙ୍ଗ। ଏହି ପ୍ରସଙ୍ଗ ଉଠାଇଛନ୍ତି ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ। ସେ କହିଛନ୍ତି, ସମ୍ବଲପୁରୀ ଶାଢ଼ି ବଜାରରେ କପି ରାଇଟ ଉଲ୍ଲଂଘନ ହୋଇ ବ୍ୟାପକ ଭାବେ ନକଲି ଶାଢ଼ି ବଜାରରେ ପ୍ରବେଶ ହେଉଛି। ଏହାଦ୍ୱାରା ହସ୍ତତନ୍ତ ଶାଢ଼ି ବିକ୍ରିର ମାନ୍ଦା ଅବସ୍ଥା ସୃଷ୍ଟି ହୋଇ ବୁଣାକାରମାନେ ହାତବାନ୍ଧି ବସିଥିବା ଅଭିଯୋଗ ଆସିଛି। ତାହା ସରକାରଙ୍କୁ ଦୃଷ୍ଟି ଗୋଚର ହେବା ନିହାତି ଆବଶ୍ୟକ। ଆଉ ଯେଉଁମାନେ ଏହି କାମ କରୁଛନ୍ତି ସେମାନଙ୍କ ପ୍ରତି ସରକାର କଣ ପଦକ୍ଷେପ ନେଉଛନ୍ତି ?

ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉତ୍ତରରେ ଦର୍ଶାଇଛନ୍ତି, ଏହାର ସବୁ ତଥ୍ୟ ସରକାରଙ୍କ ପାଖରେ ରହିଛି। ନକଲି ସମ୍ବଲପୁରୀ ଶାଢ଼ି ବିକ୍ରି କରୁଥିବା ବ୍ୟବସାୟୀଙ୍କ ନାଁରେ କେସ୍ କରିବା ସହ କୋର୍ଟ ଦ୍ୱାରା ସମନ କରିଛନ୍ତି ସରକାର। ଏହାର ସବୁ ତଥ୍ୟ ସରକାରଙ୍କ ପାଖରେ ରହିଛି। ନକଲି ସମ୍ବଲପୁରୀ ଶାଢ଼ି ବିକ୍ରି କରୁଥିବା ବ୍ୟବସାୟୀଙ୍କ ନାଁରେ କେସ୍ କରିବା ସହ କୋର୍ଟ ଦ୍ୱାରା ସମନ କରିଛନ୍ତି ସରକାର। ଏଥିସହ ରାଜ୍ୟରେ ବର୍ତ୍ତମାନ କୌଣସି ବି ସୂତାକଳ କାର୍ଯ୍ୟକ୍ଷମ ନାହିଁ। ପୂର୍ବରୁ ରାଜ୍ୟରେ ୭ଟି ସୂତାକଳ ଥିବା ବେଳେ ବର୍ତ୍ତମାନ ସେ ସବୁ ବନ୍ଦ ହୋଇ ପଡ଼ିଛି। ରାଜ୍ୟର ସମସ୍ତ ସୂତାକଳ ବର୍ତ୍ତମାନ ଅଚଳାବସ୍ଥାରେ ପଡ଼ି ରହିଥିବାରୁ ଶ୍ରମିକମାନେ କାର୍ଯ୍ୟରତ ନାହାନ୍ତି। ଓଡ଼ିଶାରେ ୧ ଲକ୍ଷ ୨୫ ହଜାର ୧୬୦ ଜଣ ହସ୍ତତନ୍ତ ବୁଣାକାର ଓ ୪ ହଜାର ୬୨୪ ଜଣ କଳତନ୍ତ ବୁଣାକାର ଅଛନ୍ତି। ଅଚଳାବସ୍ଥାରେ ଥିବା ସୂତାକଳଗୁଡ଼ିକରେ ଘରୋଇକରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଏଥିପାଇଁ ବିଦେଶୀ ପୁଞ୍ଜିପତିମାନଙ୍କୁ ନିମନ୍ତ୍ରଣ କରିବା ସହ ପୁନରୁଦ୍ଧାର କରିବା ପାଇଁ କେତେ ଅର୍ଥର ଆବଶ୍ୟକ ଅଛି, ତାହାର ଆକଳନ କରାଯାଇ ନାହିଁ।

## ହୀରା, ସୁନା ଗହଣା ଜବତ ଚାକରାଣୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପାହାଳ ଥାନା ପୋଲିସ ଜଣେ ଚାକରାଣୀକୁ ଗିରଫ କରିବା ସହ ତା'ନିକଟରୁ ଚୋରି କରିଥିବା ୧୨୯.୬୧ ଗ୍ରାମ୍ ଓଜନର ସୁନା ଗହଣା ଓ ଦୁଇଟି ହୀରା ରିଙ୍ଗ୍ ଜବତ କରାଯାଇଛି।

ଦେବିଶ୍ରୀ ଦାସଙ୍କ ଘରେ ଗଞ୍ଜାମ ଜିଲ୍ଲାର ପୁଷ୍ପା ବେହେରା (୨୫) ଦୀର୍ଘ ୮ବର୍ଷ ହେବ କାମ କରିଆସୁଥିଲା। ଗତ ୧ ତାରିଖ ଦିନ ତାଙ୍କ ଘରୁ ସୁନାହାର, ୪ଟି ସୁନାଚେନ, ସୁନା ବାଉଟି, ଲକେଟ ଲାଗିଥିବା ଆଉ ଏକ ସୁନାଚେନ ଓ ଦୁଇଟି ଡାଇମଣ୍ଡ ରିଙ୍ଗ୍ ଚୋରି କରିନେଇଥିଲା। ଦେବୀଶ୍ରୀ ପାହାଳ ଥାନାରେ ଅଭିଯୋଗ କରିବା ସହ ଚାକରାଣୀକୁ ସନ୍ଦେହ କରୁଥିବା କହିଥିଲେ। ପୋଲିସ ତାଙ୍କ କହିବାନୁଯାୟୀ ଚାକରାଣୀକୁ ଥାନାକୁ ଆଣି ପଚରାଉଚରା କରିବା ପରେ ଚୋରି ରହସ୍ୟ ଜଣାପଡିବା ସହ ସମସ୍ତ ଗହଣା ଜବତ କରାଯିବା ପରେ ବୁଧବାର ପୁଷ୍ପାକୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

## କୋଣାର୍କ ସଙ୍ଗୀତର ଲୋକାର୍ପଣ



ଭୁବନେଶ୍ୱର,(ସବ୍ୟୁ): ଓଡ଼ିଆ ଜାତିର ଗୌରବ ଗାଥା କୋଣାର୍କକୁ ନେଇ ଆମର ମ୍ୟୁଜିକ୍ ଦ୍ୱାରା ପ୍ରସ୍ତୁତ ହୋଇଥିବା କୋଣାର୍କ ସଙ୍ଗୀତ ଲୋକାର୍ପଣ ଉତ୍ସବ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରଠାରେ ହୋଇଯାଇଛି। କୋଣାର୍କ ର ଐତିହ୍ୟକୁ ନେଇ ଗୀତ ରଚନା କରିଛନ୍ତି ପଦ୍ମଭୂଷଣ ପ୍ରତିଭା ରାୟ। ଗୀତକୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଓମ୍ ପ୍ରକାଶ ମହାନ୍ତି। ସତ୍ୟବ୍ରତ ସାହୁ ଏବଂ ଆଦ୍ୟଶା ଦାସ କଣ୍ଠଦାନ କରିଛନ୍ତି। କୋଣାର୍କକୁ ସଙ୍ଗୀତକୁ ନୃତ୍ୟଛନ୍ଦରେ ସଜାଇଛନ୍ତି ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି।

ଏହି କୋଣାର୍କ ସଙ୍ଗୀତ ଲୋକାର୍ପଣ ଉତ୍ସବରେ ଅତିଥି ଭାବେ ପଦ୍ମଭୂଷଣ ପ୍ରତିଭା ରାୟ, ସଙ୍ଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତି, କଣ୍ଠଶିଳ୍ପୀ ସତ୍ୟବ୍ରତ ସାହୁ ଏବଂ ଆଦ୍ୟାଶା ଦାସ, ପଦ୍ମଶ୍ରୀ ଅରୁଣା ମହାନ୍ତି, କଣ୍ଠଶିଳ୍ପୀ ତୃପ୍ତି ଦାସ, ଗୀତା ପଟ୍ଟନାୟକ, କବି ରବି ନାରାୟଣ ସେନାପତି ପ୍ରମୁଖ ଯୋଗଦେଇଥିଲେ।

କୋଣାର୍କ ଆମ ଐତିହ୍ୟ, ଆମ ସଂସ୍କୃତି, ଆମ ପରମ୍ପରା ଆଉ ଆମ ସ୍ପନ୍ଦନ। ସେଇ କୋଣାର୍କ ର ଗାଥାକୁ ସଙ୍ଗୀତ ମାଧମରେ ଆମ ପାଇଁ ଏକ ଅବଦାନ ଦେଇଛନ୍ତି ଆମରା ମ୍ୟୁଜିକ। କୋଣାର୍କ ସଙ୍ଗୀତ ଲୋକାର୍ପଣ ଉତ୍ସବକୁ ସଂଯୋଜନା କରିଥିଲେ ସୁ-ସାହିତ୍ୟିକ ବିଜୟ ମଲ୍ଲ। ଏହି ଉତ୍ସବରେ ଆମ କଳା, ସାହିତ୍ୟ ଓ ସଂସ୍କୃତି ସହିତ ଜଡିତ ଥିବା ବହୁ ଦର୍ଶକଙ୍କର ସମାଗମ ହୋଇଥିଲା।

## ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ

# ପେନସନ ସଂଶୋଧନ ପାଇଁ ଦାବି



ଭୁବନେଶ୍ୱର,(ସବ୍ୟୁ): ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ପେନ୍‌ସନ ଦୀର୍ଘ ୩୦ ବର୍ଷ ହେଲା ସଂଶୋଧନ ନହେବା ପରିତାପର ବିଷୟ। ବ୍ୟାଙ୍କ ଶିଳ୍ପରେ ପେନସନ ଯୋଜନା ୧୯୯୫ ମସିହାରୁ ଲାଗୁ କରିଥିଲେ ହେଁ ପ୍ରତି ୫ ବର୍ଷରେ କର୍ମଚାରୀଙ୍କ ଦରମା ସଂଶୋଧନ ହେଉଥିବା ସମୟରେ ପେନସନ ସଂଶୋଧନ କରାଯାଉନାହିଁ। ଏହା ଫଳରେ ପେନସନ ଭୋଗିଙ୍କ ମୂଳ ପେନସନ ୩ ଦଶନ୍ଧି ଧରି ଅପରିବର୍ତ୍ତିତ ରହିଛି। ରିଜର୍ଭ ବ୍ୟାଙ୍କ, କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ କ୍ଷେତ୍ରରେ ପେନସନ ଭୋଗିଙ୍କ ମୂଳ ପେନସନ ସରକାରୀ କର୍ମଚାରୀଙ୍କ ବେତନ ସଂଶୋଧନ ସହିତ ଏକ ସମୟରେ ସଂଶୋଧିତ ହୋଇଥାଏ। ମାତ୍ର ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ପ୍ରତି ଏ କ୍ଷେତ୍ରରେ ଅନ୍ୟାୟ ହେଉଛି।

ସ୍ଥାନୀୟ ରେଡ଼କ୍ରସ ଭବନଠାରେ ଅହମ୍ମଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନିଖିଳ ଓଡ଼ିଶା ଆହ୍ଲାବାଦ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ସଂଘର ପଞ୍ଚମ ତ୍ରୟୋବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରି ଅଖିଳ ଭାରତ ଆହ୍ଲାବାଦ ବ୍ୟାଙ୍କ ଅବସର ପ୍ରାପ୍ତ କର୍ମଚାରୀ ସଂଘର ସଭାପତି ସୁରୋଶ ଚାନ୍ଦ ଶର୍ମା ଉପରୋକ୍ତ ମତ ପୋଷଣ କରିଛନ୍ତି। ତୁରନ୍ତ କେନ୍ଦ୍ର ସରକାର ଓ ଭାରତୀୟ ବ୍ୟାଙ୍କ ସଂଘ ବ୍ୟାଙ୍କ ଶିଳ୍ପରେ ପ୍ରଚଳିତ ପେନସନ ଯୋଜନା ସଂଶୋଧନ କରିବାକୁ ଦାବି କରିଥିଲେ। ପ୍ରାୟ ୮ ଲକ୍ଷରୁ ପେନସନ ଭୋଗି ଗତ ୧୦ ବର୍ଷ ଧରି ଅପେକ୍ଷାରେ ଥିଲେ ମଧ ଏହାର ବିଚାର କରାଯାଉନାହିଁ। ସମ୍ମିଳନୀରେ ରାଜ୍ୟର ୧୫୦ ପେନସନ ଭୋଗୀ ଓ ପାରିବାରିକ ପେନସନ ଭୋଗୀ ଯୋଗ ଦେଇଥିଲେ। ସମିତିର ସମ୍ପାଦକ ମନମୋହନ ମହାନ୍ତି ସ୍ୱାଗତଭାଷଣ ଦେଇଥିଲେ ଓ ସାଧାରଣ ସମ୍ପାଦକ ନିରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ପେନସନ ସଂଶୋଧନ ଦାବି ସହିତ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ଲାଗୁ ହେଉଥିବା ସ୍ୱାସ୍ଥ୍ୟବୀମା ଯୋଜନା ପ୍ରିମିୟର ଉପରୁ ଦ୍ରବ୍ୟ ଓ ସେବାକର ସମ୍ପୂର୍ଣ୍ଣରୂପେ ଉଚ୍ଛେଦ କରିବା ପାଇଁ ମଧ ଦାବି ହୋଇଥିଲା।

ସମ୍ମିଳନୀରେ ଆଗାମୀ ୩ ବର୍ଷ ପାଇଁ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଏଥିରେ ନିରଞ୍ଜନ ମିଶ୍ର (ସଭାପତି), ଗୌରୀ ଶଙ୍କର ପଟ୍ଟନାୟକ ଓ ଜୟପ୍ରକାଶ ବାସା (ଉପସଭାପତି),ବିନୟ କୁମାର ସାହୁ (ସାଧାରଣ ସମ୍ପାଦକ), ମନମୋହନ ମହାନ୍ତି ଓ ଶ୍ୟାମା ପ୍ରସାଦ ମହାନ୍ତି (ଉପସାଧାରଣ ସମ୍ପାଦକ), ପ୍ରେମଲତା ଖୁଣ୍ଟିଆ, କୃଷ୍ଣ ଚନ୍ଦ୍ର ପଣ୍ଡା, ଶରତ କୁମାର ନାୟକ, ଭିକାରି ଚରଣ ଗଡ଼ନାୟକ, ପ୍ରବୀର କୁମାର ଜେନା, ଫକୀର ମୋହନ ଘୋଷ ଓ ସୁଧୀର କୁମାର ଦାସ (ସହ ସାଧାରଣ ସମ୍ପାଦକ) ଓ ଉଟି ନାଗେଶ୍ୱର ରାଓ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏତଦ୍ ବ୍ୟତୀତ କାର୍ଯ୍ୟକାରୀ କମିଟିରେ ୧୬ ଜଣ ସଭ୍ୟସଭ୍ୟା ସ୍ଥାନ ପାଇଛନ୍ତି।

## କୋଣାର୍କ ସାମ୍ବାଦିକ ସଂଘର ବେଳାଭୂମି ପଦଯାତ୍ରା



କୋଣାର୍କ, (ସବ୍ୟୁ) : ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନୁଷ୍ଠିତ ୩୫ତମ କୋଣାର୍କ ଉତ୍ସବ ଅବସରରେ କୋଣାର୍କ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ବେଳାଭୂମି ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

କୋଣାର୍କ ସାମ୍ବାଦିକ ସଂଘର ସଭାପତି ଜ୍ୟୋତି ରାଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଚନ୍ଦ୍ରଭାଗା ଠାରେ ଅନୁଷ୍ଠିତ ବେଳାଭୂମି ପଦଯାତ୍ରା କାର୍ଯ୍ୟକ୍ରମରେ ଅତିଥି ଭାବରେ ପୁରୀ ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ, ଅଗ୍ନିଶମ ବିଭାଗ ର ତପନ କୁମାର ମହାନ୍ତି ,ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି, ସାହିତ୍ୟ ସଂସଦ ରସମ୍ପାଦକ ରବୀନ୍ଦ୍ରନାଥ ବାହୀନପତି, ଦିପ୍ତୀ ବାରିକ,ପ୍ରେସ କ୍ଲବର ଉପଦେଷ୍ଟା ସଞ୍ଜୟ ପତି, ସମ୍ପାଦକ ବିଚିତ୍ର ଓଝା ପ୍ରମୁଖ ଯୋଗଦେଇ ବେଳାଭୂମି ପଦଯାତ୍ରାରେ ଯୋଗଦାନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱଚ୍ଛ କୋଣାର୍କ ସବୁଜ କୋଣାର୍କ, ସ୍ୱଚ୍ଛ ବେଳାଭୂମି ସୁରକ୍ଷିତ ପର୍ଯ୍ୟଟନର ବାର୍ତ୍ତା। ନେଇ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ବେଳାଭୂମି କୂଳରେ ସଫେଇ କାର୍ଯ୍ୟକ୍ରମ ସହ ବେଳାଭୂମି କୂଳରେ ସ୍ୱଚ୍ଛତା ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ମାନ ଦେଇ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବେଳାଭୂମି ପଦଯାତ୍ରା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ କୋଣାର୍କ ସାମ୍ବାଦିକ ସଂଘର ସଂପାଦକ ମନୋରଞ୍ଜନ ପଣ୍ଡା,ଉପଦେଷ୍ଟା ମାନସ ରଞ୍ଜନ ପାତ୍ର,ଗଣେଶ ଚନ୍ଦ୍ର ବେହେରା ,ସ୍ୱାଧୀନ ନାୟକ, ପ୍ରଦୀପ କୁମାର ଛାଟୋଇ, ରିତରାଣୀ ସେଠ, ବିଭୁପ୍ରସାଦ ବେଉରା ଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ ।

## ଆଳୁ ଦୋକାନରେ ଚଢ଼ାଉ ଲାଗିଲା ରେଟ ଚାର୍ଟ

ଅସ୍ତରଙ୍ଗ, (ସବ୍ୟୁ) : ଅସ୍ତରଙ୍ଗ ଅଞ୍ଚଳରେ ଦୁଇ ଦିନ ମଙ୍ଗଳବାର ଓ ଶନିବାର ସାପ୍ତାହିକ ହାଟରେ ଆଳୁ ମୂଲ୍ୟ ୫୦ ରୁ ୬୦ ଟଙ୍କା ଚଢ଼ରା ବିକ୍ରି କରାଯାଇଛି।। ଏହାକୁ ଦୃଷ୍ଟି ରେ ରଖି ବୁଧବାର ଦିନ ଅସ୍ତରଙ୍ଗ ଯୋଗାଣ ବିଭାଗର ସ୍ୱତନ୍ତ୍ର ଟିମ୍ ଅସ୍ତରଙ୍ଗ ବଜାର ପରିବା ଦୋକାନଗୁଡ଼ିକୁ ଅଚାନକ ଚଢ଼ାଉକରି କରି ସେଠି ଆଳୁ ର ନିର୍ଦ୍ଧାରିତ ରେଟ ଚାର୍ଟ ମାରିଛନ୍ତି । ବଛା ଆଳୁ କିଲୋ ପ୍ରତି ୪୫ ଟଙ୍କା ଓ ଅବଛା ଆଳୁ କିଲୋ ପ୍ରତି ୪୦ ଟଙ୍କା ରେଟ ଧାର୍ଯ୍ୟ କରିବା ସହିତ ବ୍ୟବସାୟୀଙ୍କୁ ସିଲଟ ଓ ଚକ ଖଡି କିଣେଇ ପ୍ରତ୍ୟେକ ଦୋକାନ ଆଗରେ ରେଟ ଚାର୍ଟ ମାରିବା ସହିତ ବ୍ୟବସାୟୀମାନଙ୍କୁ ତାଗିଦ କରିଥିଲେ। ଆଳୁ ସ୍ଥିତି ଠିକ ହେବା ପର୍ଯ୍ୟନ୍ତ ପ୍ରତ୍ୟକ ଦିନ ଯୋଗାଣ ବିଭାଗ ର ଟିମ୍ ବଜାର ରେ ବ୍ୟବସାୟୀ ଙ୍କ ଉପରେ ତୀକ୍ଷ୍ଣ ନଜର ରଖିବେ ବୋଲି ଅସ୍ତରଙ୍ଗ ଯୋଗାଣ ବିଭାଗ ଅଧିକାରୀ ଶିବ ପ୍ରସାଦ ମହାନ୍ତି ସୂଚନା ପ୍ରଦାନ କରିଥିଲେ। ।

## ମାଟିତଳୁ ଶବ ଉଦ୍ଧାର : ହତ୍ୟା ଅଭିଯୋଗ ଆଣିଲେ ପ୍ରଥମ ସ୍ତ୍ରୀ

ବାରଙ୍ଗ, (ସବ୍ୟୁ): ମାଟିତଳୁ ମିଳିଲା ଶବ । ଶବଟି ଚନ୍ଦକା ଥାନା ଅଳସୁଆ ଗ୍ରାମର ରଜନୀକାନ୍ତ ବେହେରା ଙ୍କର ବୋଲି ସୂଚନା ମିଳିଛି । ରଜନୀଙ୍କ ପ୍ରଥମ ସ୍ତ୍ରୀ ତାଙ୍କ ସ୍ୱାମୀକୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି।ଅଭିଯୋଗ ପାଇବା ପରେ ବାରଙ୍ଗ ଥାନା ପୋଲିସ ଛାନ୍ ବିନ୍ ଜାରି ରଖିଛି। ସୂଚନା ମୁତାବକ ରଜନୀକାନ୍ତ ୨ୟ ବିବାହ କରି ସତ୍ତୁଙ୍କ ଗାଁ ବାରଙ୍ଗଥାନା ଅଧିନସ୍ତ ରତାଗଡ଼ରେ ରହୁଥିଲେ । ସତ୍ତୁଘରେ ରହି ଅଟୋ ଚଳାନ୍ତି ରଜନୀ । ମଙ୍ଗଳବାର ସନ୍ଧ୍ୟାରେ ଟ୍ରେନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିବାର ଜାଣିବା ପରେ ସତ୍ତୁଘର ଲୋକ ମୃତଦେହକୁ ନେଇ ଗାଁ ପଛପଟ କେନାଲ ବନ୍ଧ କଡ଼ରେ ପୋତି ଦେଇଥିଲେ । ଏବଂ ପାରିବାରିକ କଳହ କାରଣରୁ ଟ୍ରେନ୍ ଲାଇନରେ ଆତ୍ମହତ୍ୟା କରିଥିବା ଦର୍ଶାଇ ଶବକୁ ପୋତି ଦେଇଥିଲେ ବୋଲି ସତ୍ତୁ କହିଥିବା ବେଳେ ଏହି ଘଟଣାକୁ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ଆଣିଥିଲେ ମୃତକଙ୍କ ଭାଇ ଏବଂ ପ୍ରଥମ ସ୍ତ୍ରୀ । ଯାହାକୁ ଖଣ୍ଡନ କରିଥିଲେ ସତ୍ତୁ କାଳିଆ ସାମଲଛ ସତ୍ତୁଙ୍କ କହିବା ଅନୁସାରେ କିଛି ଲୋକ ରେଳ ଧାରଣାରେ ରଜନୀକାନ୍ତଙ୍କ ମୃତଦେହ ପଡିଥିବାର ଖବର ଦେଇଥିଲେ। ଏହାପରେ ରଜନୀକାନ୍ତଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ହେଲେ କେହିଆସିନଥିଲେ ।

ତେଣୁ ସେ ପ୍ରଥମେ ଶବକୁ ନିଜ ଗାଁକୁ ନେଇଥିଲେ । କିଛି ସମୟର ଅପେକ୍ଷା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଦେହକୁ ଜରିଅଖା ଜରିଆରେ ମାଟି ତଳେ ପୋତି ଦେଇଥିଲେ।

ସେପଟେ ଘଟଣା ସଂପର୍କରେ ବୁଧବାର ଦିନ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ ମୃତକଙ୍କ ଭାଇ ଏବଂ ପ୍ରଥମ ସ୍ତ୍ରୀ । ପୋଲିସ ଅଭିଯୋଗ ପାଇବା ପରେ ଘଟଣାସ୍ଥଳରେ ପହଞ୍ଚିଥିଲା । ସାଇଣ୍ଟିଫିକ୍ ଟିମ୍, ତହସିଲଦାର ଏବଂ ପୋଲିସ ଉପସ୍ଥିତିରେ ମାଟି ଖୋଳା ହୋଇ ବାହାର କରାଯାଇଛି ଶବ ।ପୋଲିସ ମୃତଦେହ କୁ ଉଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛ। ଅନ୍ୟପଟେ ଏକ ମକଦ୍ଦମା ରୁଜୁକରି ତଦନ୍ତ ଆରମ୍ଭ କରିବା ସହ ସାତ୍ତୁ କୁ ଅଟକ ରଖି ପଚରାଉଚରା ଆରମ୍ଭ କରିଛି। ତେବେ କିଏ କହୁଛି ସତ ଆଉ କିଏ ମିଛ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ପୋଲିସ ପ୍ରକାଶ କରିଛି।

## ଦୁର୍ଘଟଣାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମୃତ

ବାଲିଅନ୍ତା, (ସବ୍ୟୁ) : ସରଦେଇପୁର-ନିମାପଡା ରାସ୍ତା ପଞ୍ଚାୟତ ରୋଡ଼ ନିକଟରେ ମଙ୍ଗଳବାର ଦିନ ଏକ ସଡ଼କ ଦୁର୍ଘଟଣାରେ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହୋଇଛି । ମୃତକ ଜଣଙ୍କ ବାଳକାଟି ଫାଣ୍ଡି ସରକଣା ବାଲିଗୁଣ୍ଡି ଗ୍ରାମର ନିରଞ୍ଜନ ମହାପାତ୍ର। ସେ ଦୀର୍ଘବର୍ଷ ଧରି ବାଳକାଟି ସ୍ଥିତ ପ୍ରତାପଶାସନ ଯୁକ୍ତ ୨ କଲେଜରେ କିରାଣୀ ଥିବା ବେଳେ ଗତ ୨ ବର୍ଷ ତଳେ ମହର୍ଷି କଲେଜରୁ ଅବସର ନେଇଥିଲେ । ମଙ୍ଗଳବାର ଅପରାହ୍ନ ସାଢେ ୫ ଟାରେ ନିରଞ୍ଜନ ଗ୍ରାମରୁ ସ୍କୁଟି ଯୋଗେଁ ବାଳକାଟି ଅଭିମୁଖେ ଆସୁଥିବା ସମୟରେ ପଞ୍ଚାୟତ ରୋଡ଼ ନିକଟରେ ଠିଆ ହୋଇଥିଲେ । ଏହି ସମୟରେ ପୂର୍ତ୍ତ ବିଭାଗ ଅଧିନରେ ଥିବା ସରଦେଇପୁର-ନିମାପଡା ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟରେ ନିୟୋଜିତ ଏକ ମିକଚର ମେସିନ ଗାଡି ପଛକୁ ଆଣୁଥିବା ବେଳେ ତାଙ୍କୁ ଧକ୍କା ଦେଇଥିଲା।। ସ୍ଥାନୀୟ ଲୋକେ ନିରଞ୍ଜନକୁ ତଳୁ ବାହାର କରି ୧୦୮ ଆମ୍ବୁଲାନ୍ସ ଯୋଗେଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବରପାଇ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଚାଳକଙ୍କୁ ଉଦ୍ଧାର କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିଛି ।

## ପ୍ରଧାନଶିକ୍ଷକ ବାମଦେବ ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବାଲିପାଟଣା, (ସବ୍ୟୁ) :ଖୋର୍ଦ୍ଧର ଜିଲ୍ଲା ବାଲିପାଟଣା ବ୍ଲକ୍ ଆଳିସି ଶାସନ ପଞ୍ଚାୟତ ଆର୍ତ୍ତତ୍ରାଣ ନିକେତନ ପ୍ରଧାନଶିକ୍ଷକ ବାମଦେବ ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଗତ ଶନିବାର ବିଦ୍ୟାନିକେତନ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବାଉରୀବନ୍ଧୁ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ଡ଼ିଇଓ ବିଶ୍ୱନାଥ ତରାଇ, ପ୍ରାଥମିତ ଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ନାରାୟଣ ସାହୁ , ବିଦ୍ୟାନିକେତନର ପ୍ରତିଷ୍ଠାତା ଓ ସମ୍ପାଦକ ଭଗବାନ ମିଶ୍ର ପ୍ରମୁଖ ଯୋଗଦେଇ ଦିର୍ଘ ୩୭ ବର୍ଷ ଧରି ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟକରି ଥିବା ବାମଦେବ ମିଶ୍ରଙ୍କ ଶିକ୍ଷାଦାନ ଏକ ସାଧନ ପୃଷ୍ଟ ଭାବରେ ଏହି ବିଦ୍ୟାନିକେତନରେ ଏକ ଅଭୁଲା ସ୍ମୃତି ହୋଇ ରହିବବୋଲି କହିଥିଲେ। ଶେଷରେ । ଧନ୍ୟବାଦ ଅର୍ପଣ କରିଥିଲେ ଅନୁଷ୍ଠାନର ଶିକ୍ଷକ ଶିବନାରାୟଣ ଓଡା। ଚିତ୍ତ ରଞ୍ଜନ ମିଶ୍ରଙ୍କ ପରିଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦାୟୀ ପ୍ରଧାନଶିକ୍ଷକ ବାମଦେବ ମିଶ୍ରଙ୍କ ବନ୍ଧୁ ସତ୍ୟଭାମାପୁର ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ବେହେରା ସହଯୋଗ କରିଥିଲେ। ଜନବିଦ୍ୟାର୍ଥୀ ପରିଷଦର ସମସ୍ତ ବିଦ୍ୟାର୍ଥୀଗଣ ସହଯୋଗରେ ଏହି ବିଦାୟକାଳୀନ ସଭା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା।

## ଦିବ୍ୟାଙ୍ଗ ପିଲାଙ୍କ ସହ ଜନ୍ମଦିନ ପାଳିଲେ ଯୁବ ସଂଗଠକ



ଫୁଲନଖରା,(ସବ୍ୟୁ) : ଭିନ୍ନକ୍ଷମ ଦିବସରେ ନିଆରା ଢ଼ଙ୍ଗରେ ଦିବ୍ୟାଙ୍ଗମାନଙ୍କ ସହ ଜନ୍ମ ଦିନ ପାଳିଲେ ବାରଙ୍ଗ ବ୍ଲକ ନଗରୀ ପଞ୍ଚାୟତ ଅନ୍ତର୍ଗତ ଅରଡ଼ିଆପଦା ଗ୍ରାମର ଯୁବ ସଂଗଠକ ଶଶୀଭୂଷଣ ଦାଶ । ୩୧ତମ ଜନ୍ମଦିନରେ ଶଶୀଭୂଷଣ ଦାଶ ପ୍ରଥମେ ମେଡ଼ିକାଲରେ ଜଣେ ରୋଗୀଙ୍କୁ ରକ୍ତଦାନ କଲାପରେ କଟକ ସିଡ଼ିଏସ୍ଥିତ ଚିଦାନନ୍ଦ ସରସ୍ୱତୀ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଭିନ୍ନକ୍ଷମ ବିଦ୍ୟା ୟରେ ପହଞ୍ଚି ପିଲାମାନଙ୍କ ସହ କେକ କାଟି ସୁଖ ଦୁଃଖ ବୁଝି ସମୟ ଅତିବାହିତ କରି ସେମାନଙ୍କ ପାଇଁ ଖାଦ ପେୟର ବ୍ୟବସ୍ଥା କରିଥିଲେ ।

ଅଜିତ କୁମାର ଦାସ, ନିରଂଜନ ମହାନ୍ତି,ଦୀପକ ରଂଜନ ନାଥ,ଚନ୍ଦନ ଭଗତ,ଚିରଂଜନ ସାହୁ,ଅନୁପମ ପୃଷ୍ଟି,ଶକ୍ତି ପ୍ରସାଦ ମହାପାତ୍ର,ଆନନ୍ଦିମୟୀ ବାରିକ ,ଐଶ୍ୱରୀୟ ରଥ,ପ୍ରତୁଷ ଶତପଥୀ,ପ୍ରି ପୃଷ୍ଟି ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲାବେଳେ ସାମ୍ବାଦିକ ଲଳିତ କୁମାର ଦାଶ, ଅଜୟ କୁମାର ଦାଶ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସମାଜସେବୀ ଅରୁଣ କୁମାର ସାହୁ, ପଣ୍ଡିତ ଅଜୟ କୁମାର ପତି, ଉପେନ୍ଦ୍ରନାଥ ତ୍ରିପାଠୀ, ଅଜୟ କୁମାର ବେଉରା, ବରଦା ପ୍ରସାଦ ବେଉରା, ଧିରେନ୍ଦ୍ର ନାଥ ,ଦିଲ୍ଲିପ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଶଶୀଭୂଷଣଙ୍କର ଜନ୍ମ ଦିନକୁ ଭିନ୍ନକ୍ଷମ ପିଲାମାନଙ୍କ ସହ ପାଳନ କରିଥିବାରୁ ତାଙ୍କୁ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିବା ସହ ଯୁବ ବର୍ଗଙ୍କ ପାଇଁ ଉଦାହରଣ ହୋଇଛନ୍ତି ବୋଲି କହିଥିଲେ ।

## ଏଡସ୍ ସଚେତନତା ଶୋଭାଯାତ୍ରା

ଭାପୁର , (ସବ୍ୟୁ) : ଭାପୁର ବ୍ଲକ ପଦ୍ମାବତୀ ଗ୍ରାମସ୍ଥିତ ପ୍ରହଲ୍ଲାଦ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ ଓ ରେଡ ରିବନ୍ କ୍ଲବ୍ ତରଫରୁ ବିଶ୍ ଏଡସ୍ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ମଲ୍ଲଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ବିଦ୍ୟାଳୟର ଅଧ୍ୟାପକ , ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ସାମିଲ ହୋଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ , ଅଧ୍ୟାପକ , ଅଧ୍ୟାପିକା ମାନେ ଏଡସ୍ କିପରି ଭାବରେ ବ୍ୟାପେ ଏବଂ ଏହାର କିପରି ପ୍ରତିରୋଧ କରାଯାଇ ପାରିବ ଛାତ୍ରଛାତ୍ରୀମାନଙ୍କୁ ଏନେଇ ସବିଶେଷ ବିବରଣୀ ଦେଇଥିଲେ । ସଭା ପରିସମାପ୍ତି ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ହାତରେ ପ୍ଲାକାର୍ଡ ଧରି ପଦ୍ମାବତୀ ଓ କରବର ଗ୍ରାମରେ ଶୋଭାଯାତ୍ରା କରିବା ସହ ଏଡସ୍ ଉପରେ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଜନସାଧାରଣ ମାନଙ୍କୁ ସଚେତନ କରିଥିଲେ ।ଉକ୍ତ ଶୋଭାଯାତ୍ରା କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ତଥା ଅଧ୍ୟାପକ ପ୍ରଦ୍ୟୁମ୍ନ ସାହୁ ଏବଂ ଯୁବ ରେଡକ୍ରସ୍ ଓ ରେଡ୍ ରିବନ କ୍ଲବ୍ ସଂଯୋଜିକା ତଥା ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ହାତୀ ଉତ୍ପାତ ନେଇ ଉତ୍ତେଜନା

ବାରଙ୍ଗ ,(ସବ୍ୟୁ) :ହାତୀ ଉତ୍ପାତକୁ ନେଇ ବୁଧବାର ସନ୍ଧ୍ୟାରେ ଡେରାସ ଡ୍ୟାମ ଗେଟ ସମୁଖ ରେ ଉତେଜନା ଦେଖାଦେଇଛି।ସୂଚନା ମୁତାବକ ଚନ୍ଦକା ଜଙ୍ଗଲ ଡେରାସ ଡ୍ୟାମ ପାଖରେ ଥିବା ଝରବଣିଆ ଅଂଚଳ ରେ ହାତୀ ଆତଙ୍କ ରଚାଇ ଅନେକ ଧାନ ଫସଲ ନଷ୍ଟ କରିଛନ୍ତି ।ଯାହାକୁ ନେଇ ବନ ବିଭାଗ କୁ ଅଞ୍ଚଳ ବାସି ବାରମ୍ବାର ଅଭିଯୋଗ କଲେ ହେଲେ କିଛି ସୁଫଳ ମିଳିଲାନି। ଯାହାକୁ ନେଇ ଡେରାସ ମୁଖ୍ୟ ଫାଟକ ଆଗରେ ଅଞ୍ଚଳବାସୀଙ୍କ ଉତେଜନା ପ୍ରକାଶ ପାଇଛି । ହେଲେ ବନ ବିଭାଗ ଚୁପ ରହିଥିବା ବେଳେ, ବନ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ସୂଚନା ମିଳୁନି ।ଆବଶ୍ୟକ ପଡିଲେ ଏ ଅଞ୍ଚଳ ବାସି ନିଜ ଚାଷ ଜମି ର କ୍ଷତି ପୂର୍ତ୍ତି ପାଇଁ ରାଜରାସ୍ତାକୁ ଓହ୍ଲାବେ ବୋଲି ସୂଚନା ମିଳିଛି ।

## ବିଜେପିର ବନ୍ଧୁ ମିଳନ କାର୍ଯ୍ୟକ୍ରମ

ଖଣ୍ଡପଡା, (ସବ୍ୟୁ): ଖଣ୍ଡପଡା ନିର୍ବାଚନମଣ୍ଡଳୀ ଅଧିନ ଅନନ୍ୟ ଶକ୍ତିପୀଠ ମା' ଝାଡେଶ୍ୱରୀଙ୍କ ପୀଠରେ ବିଜେପି ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ନିର୍ବାଚନମଣ୍ଡଳୀରୁ ବିଜେପିର ବରିଷ୍ଠ ନେତୃବୃନ୍ଦ, ସଂଗଠକ ଓ ମଣ୍ଡଳ ସଭାପତିମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏ ଅବସରରେ ନବାଗତ ବିଜେପି ନେତା ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଦଳର କର୍ମକର୍ତାମାନେ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

ନବାଗତ ନେତା ଶ୍ରୀ ପଟ୍ଟନାୟକ ଦଳୀୟ କର୍ମୀ, କର୍ମକର୍ତା ଓ ସଂଗଠକ ମାନେ ଦୃଢ ମନୋବଳ ନେଇ କାର୍ଯ୍ୟ କରିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ । ସେହିପରି ଖଣ୍ଡପଡା ନିର୍ବାଚନମଣ୍ଡଳୀକୁ ରାଜ୍ୟର ଏକ ନମ୍ବର ନିର୍ବାଚନମଣ୍ଡଳୀରେ ପରିଣତ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା । ଆଗାମୀ ଦିନରେ ନିର୍ବାଚନମଣ୍ଡଳୀ ଅଧିନ ୪୨ ଗୋଟି ପଞ୍ଚାୟତରେ ଦଳର ସଭ୍ୟ ସଂଗ୍ରହ ଅଭିଯାନକୁ ଜୋରଦାର କରିବା, ବିଭିନ୍ନ କ୍ଷେତ୍ରରେ ଖଣ୍ଡପଡା ବିଧାୟକ ଦୁଷନ୍ତ କୁମାର ସ୍ୱାଇଁଙ୍କୁ ସହଯୋଗର ହାତ ବଢାଇବା ପାଇଁ ମଧ୍ୟ ବୈଠକରେ ଉପସ୍ଥିତ ସମସ୍ତ ନେତୃବୃନ୍ଦ 'ମା'ଙ୍କ ପୀଠରେ ଶପଥ ନେଇଥିଲେ ।

## ମଣିଭଦ୍ରାରେ ବିଶ୍ୱଶାନ୍ତି ମହାଯଜ୍ଞ : ୨ ପ୍ଲାଟୁନ ପୋଲିସ ମୁତୟନ

ଗଣିଆ,(ସବ୍ୟୁ) : ନୟାଗଡ ଜିଲ୍ଲା ଗଣିଆ ବ୍ଲକର ପୁରାଣ ବର୍ଣ୍ଣିତ ମଣିଭଦ୍ରା ପାଦଦେଶରେ ଅବସ୍ଥିତ ମା' କଳାପାଟଙ୍କ ପୀଠରେ ୩୨ତମ ବିଶ୍ୱଶାନ୍ତିମହାଯଜ୍ଞ ବୁଧବାର ଦିନ ଶୁଭାରମ୍ଭ ହୋଇଯାଇଛି । ଚଳିତ ବର୍ଷ ସିଦ୍ଧଯୋଗୀ ସ୍ୱର୍ଗତଃ ବାବା ରାମଦାସଙ୍କ ୭୪ତମ ଜନ୍ମ ଦିବସ ଉପଲକ୍ଷେ ଅନୁଷ୍ଠିତ ଏହି ବିଶ୍ୱଶାନ୍ତିମହାଯଜ୍ଞର ଶୁଭାଧିବାସ ଅବସରରେ ସକାଳୁ ଯାଜ୍ଞିକ ବ୍ରାହ୍ମଣମାନଙ୍କ ଦ୍ୱାରା ଯଜ୍ଞକର୍ତା ଓ କର୍ତିଙ୍କ କାୟାଶୁଦ୍ଧି ଓ ସଙ୍କଳ୍ପ କାର୍ଯ୍ୟ ଅନୁଷ୍ଟିତ ହୋଇଥିଲା । ପରେ ପୂର୍ବାହ୍ନରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା କରାଯିବା ସହ ମହାନଦୀ ଓ ବୃତଙ୍ଗ (କୁଶଭଦ୍ରା) ନଦୀର ସଙ୍ଗମସ୍ଥଳରୁ ମାଳତିପୁଟ ଗ୍ରାମବାସୀ ଓ ଶ୍ରଦ୍ଧାଳୁମାନେ ୧୦୮ କଳସ ଶୋଭାଯାତ୍ରାରେ ଆଣି ଘଟ ସ୍ଥାପନ କରାଯାଇ ଶୁଭାଧିବାସ କରାଯାଇଥିଲା । ଏହି ଅବସରରେ ବାବା ରାମଦାସଙ୍କ ର ଅନୁଗାମୀମାନେ ମା' କଳାପାଟଙ୍କ ଚରଣରେ ଓ ଯଜ୍ଞ ମଣ୍ଡପରେ ଗୁରୁ ରାମଦାସଙ୍କ ପାଦୁକାତଳେ ଦୀପଜାଳି ମହାଜ୍ଞର ସଫଳତା ନିମନ୍ତେ କୃପାଭିକ୍ଷା କରିବା ସହିତ ଉଦ୍ଘାଟନ କରିଥିଲେ । ଆସିଥିବା ଭକ୍ତମାନେ କିଭଳି ଭାବରେ ଶାନ୍ତିପୂର୍ଣ୍ଣ ଭାବେ ଯଜ୍ଞ ଦେଖି ଓ ଆନନ୍ଦ ବଜାରରେ ଅନ୍ନ ପ୍ରସାଦ ଖାଇବାସହ ଘରକୁ ଫେରିବେ ସେଥିପ୍ରତି ଯଜ୍ଞ କମିଟି ଓ ପ୍ରଶାସନ ତରଫରୁ ଚେଷ୍ଟା କରାଯାଇଛି । ପ୍ରକାଶ ଥାଉକି ସ୍ୱର୍ଗତ ବାବା ରାମ ଦାସଜୀ ମହାରାଜଙ୍କ ଦ୍ୱାରା ୧୯୯୩ ମସିହାରୁ ପ୍ରତିବର୍ଷ ଆୟୋଜିତ ଏହି ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ପ୍ରତିବର୍ଷ ଓଢଣୀ ଷଷ୍ଠୀରେ ହୋଇଥାଏ ।



ଏହି ଯଜ୍ଞରେ ୪ଦିନ ବ୍ୟାପୀ ମହାଯଜ୍ଞ କାର୍ଯ୍ୟକ୍ରମ ହେଉଥିବା ବେଳେ ଘୃତଯଜ୍ଞ, ନାମ ସଂକୀର୍ତନ, ହନୁମାନ ଚାଳିଶା ପଠନ, ସାଧୁ ସମ୍ମିଳନୀ, ପ୍ରବଚନ, ଭଜନ ସମାରୋହ, ଭାଗବତ ପାଠ ଇତ୍ୟାଦି କାର୍ଯ୍ୟକ୍ରମ ହେବାର ରହିଛି ବୋଲି ବାବାଙ୍କର ପଟ୍ଟଶିଷ୍ୟ ତଥା ଯଜ୍ଞ ଆୟୋଜକ କମିଟିର ସଭାପତି ଅଜୟ ପଟ୍ଟନାୟକ, ପାର୍ଥସାରଥୀ ମହାନ୍ତି, ସାଧୁସଙ୍ଘ ପ୍ରତିନିଧି ବାବା ଲଳିତ ନାରାୟଣ ଦାସଙ୍କ ଠାରୁ ସୂଚନା ମିଳିଛି । ୪ ଦିନ ଧରି ଆୟୋଜିତ ଏହି ମେଳାରେ ଲକ୍ଷାଧିକ ଭକ୍ତଙ୍କର ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଘଟଣାସ୍ଥଳରେ ଏସ୍‌ଡିପିଓ ବିମଳ କୁମାର ବାରିକି, ତହସିଲଦାର ପ୍ରିତୀବାଳା ରଣା, ବିଡିଓ ବେବିତା ମଞ୍ଜରୀ ନାୟକ , ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପହଚିଂ ତଦାରଖ କରିଥିଲେ ।

ଅନୁରୂପ ଭାବେ ଅଗ୍ନିଶମ ବିଭାଗ , ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ମହାଯଜ୍ଞ ପରିସରରେ ଉପସ୍ଥିତ ରହିଛନ୍ତି । ଟ୍ରାଫିକ ଓ ଆଇନଶୃଙ୍ଖଳା ସମସ୍ୟା ସୁଧାରିବା ପାଇଁ ଛାମୁଣ୍ଡିଆ, କଳାପାଟ , ଡଙ୍କାରିସାହି ଆଦି ସ୍ଥାନରେ ପ୍ରାୟ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି ।


**OFFICE OF THE BARIPADA MUNICIPALITY**
BARIPADA, MAYURBHANJ- 757001
Tel: 06792-252703
Website: www.baripadamunicipality.in
e-mail: baripadam.hud@nic.in
No. 6490 Date : 28.11.2024
C-1171

**Expression of Interest (EoI)**

1. Baripada Municipality invites sealed proposal in conformity with RFP documents in Two Bid System (Part-I: Technical Bid and Part-II: Price Bid) from Company/ trust/ society/ NGO/ government owned entity/ individual/ proprietary registered under relevant statute and in operation for at least 1 year during the last 5 years to be selected as operator to carry out fleet management of Cesspool vehicles towards collection & transportation of septage generated in Baripada town, the work details are mentioned below. More details on the services are provided in the Terms of Reference in this RFP document.

| Sl. No. | Name of Work | Contract Period | Cost of bid document in Rs. (Non-refundable) | EMD in Rs. | Last date & time for submission of bids |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Selection of Operator to carry out fleet management of Cesspool vehicles towards collection & transportation of septage generated in Baripada town and near by rural area. | 3 (Three Years) | 5,000/- + 18% GST = Rs. 5900/- (Rupees Five thousand nine hundred only) | 20,000/- (Rupees Twenty thousand Only) | Up to 11.00 A.M. dated. 17.12.2024 |

1. The details of the bid & bid document can be down loaded from the Govt. website: **www.mayurbhanj.odisha.gov.in/ www.baripadamunicipality.in from 11 A.M.** on 03.12.2024 to dt.17.12.2024 upto 1.00 P.M. The filled-up bid document will be received up to 5.00 P.M. on 17.12.2024.
2. The Bid documents (RFP) can also be obtained directly from the office of Baripada Municipality on or before the last date and time of sale on payment of cost of bid documents Rs. 5,900.00 (Rupees Five thousand nine hundred fifty only) in shape of account payee demand draft drawn in any Nationalized Bank drawn on or before the last date of sale of bid documents, in favour of the Executive Officer, Baripada Municipality payable at Baripada .
3. The bid must accompany with the cost of bid document (for downloaded RFP document) & EMD of required value as specified above in shape of Bank demand draft drawn in any Nationalized Bank in favour of 'the Executive Officer, Baripada Municipality payable at Baripada failing which the bid shall be out rightly rejected.
4. A bidder can submit only one bid against the work. Submission of more than one bid by a bidder against the work will be liable for rejection of all such bids.
5. The bid Part-I (General & Techno commercial) will be opened at 11.00 A.M. on 20.12.2024 in presence of the bidder or their authorized representatives only in the conference hall of Baripada Municipality located Baripada. The opening of price bid will be intimated to the bidders qualifying in the General & Techno commercial bid subsequently.

This RFP is not an offer and is issued with no commitment. Baripada Municipality reserves the right to amend or withdraw any of the terms and conditions contained in the RFP document at any stage. Baripada Municipality also reserves the right to reject any or all bidder should it be so necessary at any stage, without giving any notice or assigning any reason. The decision of Baripada Municipality in this regard shall be final and binding on all.

Sd.- Executive Officer
Baripada Municipality
OIPR : 13078/11/0014/2425


## ଲେଖକ ଅନ୍ତରର ଶ୍ରଦ୍ଧା ଓ ଅସରନ୍ତି ଭାବନାକୁ ରୂପଦେଇ ସୃଷ୍ଟିକରେ ଅମୃତର ପରିଭାଷା



ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ଅନ୍ୟତମ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସାରସ୍ୱତ ସମାଜ, ଓଡିଶା, ଭୁବନେଶ୍ୱରର ଡ଼ିସେମ୍ବର -୨୪ ମାସର ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ୟୁନିଟ ୩ ଭୁବନେଶ୍ୱର ସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି।

ଶିକ୍ଷାବିତ୍ ତଥା ସାହିତ୍ୟିକା ପୁଷ୍ପଲତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ତଥା ସୁନାମଧନ୍ୟ କବି ବିପିନ୍ ମହାନ୍ତି ଯୋଗଦେଇ ତାଙ୍କ ବକ୍ତବ୍ୟରେ ଦୁଃଖ ଆସେ ଦୁଃଖ ଯାଏ,ତାର ପଦଶବ୍ଦ କବିକୁ ହଜାଏ, ମଜାଏ, ଭିଜାଏ ଆଉ ଅନ୍ତରର ଶ୍ରଦ୍ଧା ଓ ଅସରନ୍ତି ଭାବନାକୁ ରୂପଦେଇ ସୃଷ୍ଟିକରେ ଅମୃତର ପରିଭାଷା ମତପ୍ରକାଶ କରିଥିଲେ। ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଆପଣାର ରଚନାରେ ଭାବନାର ସଫଳ ଓ ସାର୍ଥକ ଅଭିବ୍ୟକ୍ତି ହୋଇଛି ବୋଲି ହୃଦବୋଧ ହେଲେ କବି ଯେଉଁ ଆତ୍ମସନ୍ତୋଷ ପାଇଥାଏ ତାହା ଅନିର୍ବଚନୀୟ ବୋଲି ମତବ୍ୟକ୍ତ କରିଥିଲେ। ପରେ କବୟିତ୍ରୀ ଗୀତାଞ୍ଜଳି ମହାନ୍ତି ଓ ସୌଦାମିନୀ ସାମନ୍ତରାୟ ଙ୍କ ସଂଯୋଜନାରେ ସର୍ବଶ୍ରୀ ଭାରତୀ ଭୂଷଣ ପଟ୍ଟନାୟକ, ଗୋଦାବରୀଶ କର, ବିରଞ୍ଚି ନାରାୟଣ ଶତପଥୀ, ସନ୍ତୋଷ କୁମାର ଦାସ, ପୀତାମ୍ବର ପରିଡା, ଶରତ ସାହୁ, ବିଶ୍ୱରଞ୍ଜନ ମହାନ୍ତି, ଅଲେଖ ଚରଣ ରାଉତ, ଡକ୍ଟର ଗୌରାଙ୍ଗ ଚରଣ ତ୍ରିପାଠୀ, ସୁସ୍ମିତା ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ବେହେରା, ଉଷାରାଣୀ ଆଚାର୍ଯ୍ୟ, ସୁଷମା ଦାଶ, ଡକ୍ଟର ପ୍ରମୋଦିନୀ ହୋତା, ରଶ୍ମିତା ସାହୁ, ପ୍ରିୟ ରଞ୍ଜନ ସାହୁ, ଜୟଶ୍ରୀ ପଟ୍ଟନାୟକ, ବିଜୟ କୁମାର ମିଶ୍ର, ଇଂ ଲଡୁକିଶୋର ପଢିଆରୀ, ରଜନୀ କାନ୍ତ ପଟ୍ଟନାୟକ, ମୀନାକ୍ଷୀ ସିଂହ, ସ୍ନେହଲତା ପାଢୀ ଓ ବିଷ୍ଣୁ ପ୍ରିୟା ଜେନା ପ୍ରମୁଖ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କବିଓ କବୟିତ୍ରୀ ସୋମନଙ୍କ ସ୍ୱରଚିତ ଶ୍ରୁତିମଧୁର କବିତା ପାଠ କରିଥିଲେ। ପ୍ରାରମ୍ଭରେ ପରଲୋକ ଗତ ଡକ୍ଟର ରମେଶ ପ୍ରସାଦ ମହାନ୍ତି ଙ୍କ ଅମର ଆତ୍ମାର ସଦ୍ ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।। ଶେଷରେ ସଂଗଠନ ସମ୍ପାଦକ ଦିଲ୍ଲୀପ କୁମାର ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୬୮, ପ୍ରଥମ ମହଲା,
ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୧୨,
ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩, ଇ-ମେଲ ଆଇଡି: sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୨୪.୧୨.୨୦୨୪ରିଖ ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମ ତାରିଖ ଏବଂ ସମୟ: ତା.୨୪.୧୨.୨୦୨୪ ରିଖ ଅପରାହ୍ନ ୦୨.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ
ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସ୍ମିତା ନାୟକ, ୨) ଶ୍ରୀ ଶଶାଙ୍କ ଶେଖର ନାୟକ /ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସତାବ୍ଦୀ ଅଭିପ୍ସା ନାୟକ, ସ୍ୱାମୀ: ଶ୍ରୀ ଶଶାଙ୍କ ଶେଖର ନାୟକ, ସମସ୍ତଙ୍କ ଠିକଣା ସା: ବନ୍ଧ ସାହି, ୱାର୍ଡ ନଂ.: ୧୧, ଜଗନ୍ନାଥ, ପୋ: ଉଦଳା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା, ପିନ୍ - ୭୫୭୦୪୧, | ବିକ୍ରୟ ଦଲିଲ୍ ନଂ.: ୨୦୭୨, ସବ୍-ରେଜିଷ୍ଟ୍ରାର: ଉଦଳା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା ଅନୁଯାୟୀ ଶ୍ରୀମତୀ ସ୍ମିତା ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ୟୁନିଟ୍-୧୧, ଜଗନ୍ନାଥ, ଖାତା ନଂ.: ୯୨/୧୮୨, ପ୍ଲଟ୍ ନଂ.: ୩୧୨, ମୌଜା: ଉଦଳା ଟାଉନ୍, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, କିସମ: ଘରବାରୀ | ୦୩.୧୨.୨୦୨୪ ସୁଦ୍ଧା ଟ.୧,୧୨,୮୧,୪୦୫/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୧୬.୦୭.୨୦୨୦ | ଟ.୧,୨୧,୯୨,୦୦୦/- / ଟ.୧୨,୧୯,୨୦୦/- / ଟ.୫୦,୦୦୦/- |

ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୨୩.୧୨.୨୦୨୪, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://baanknet.com

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳ (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୮୦୦୯୦୧୦୦୫,
ସିସିଓ: ଶ୍ରୀ ବି. ଏନ୍. ମୂର୍ତ୍ତୀ, ମୋ.: ୭୩୮୧୦୪୮୭୦୭

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୪.୧୨.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

(ଶ୍ରୀମଦ୍ଭଗବଦ୍ ଗୀତା ୧୧/୧୮)

–ବିଶ୍ୱରୂପଦର୍ଶନଯୋଗଃ–

( ଅର୍ଜ୍ଜୁନ ଉବାଚ )

**ବିସ୍ତରେଣାତ୍ମନୋ ଯୋଗଂ ବିଭୂତିଂ ଚ ଜନାର୍ଦ୍ଦନ ।**
**ଭୂୟଃ କଥୟ ତୃପ୍ତିର୍ହି ଶୃଣ୍ୱତୋ ନାସ୍ତି ମେଽମୃତମ୍ ॥୧୮॥**

(ଚିତ୍ତବୃତ୍ତି ବହିର୍ମୁଖ ହେଲେ ମଧ୍ୟ ତୁମର ବିଭୂତିଭେଦଦ୍ୱାରା ସେହି ଚିତ୍ତରେ ତୁମର ଚିନ୍ତା ଯେପରି ହୋଇପାରେ, ସେହିପରି)– ହେ ଜନାର୍ଦ୍ଦନ ! ତୁମର (ସର୍ବଜ୍ଞତ୍ୱ ଓ ସର୍ବଶକ୍ତିମତ୍ତ୍ୱାଦିରୂପ) ଯୋଗୈଶ୍ୱର୍ଯ୍ୟ ଓ ବିଭୂତି ବିସ୍ତୃତ ଭାବରେ ମୋତେ କହ, କାରଣ ତୁମର ଅମୃତମୟ ବଚନ ଶୁଣି ମୋର ତୃପ୍ତି ହେଉ ନାହିଁ । ॥୧୮॥

# ଦୁର୍ନୀତି ପ୍ରସଙ୍ଗ ନୁହେଁ ?

ସମ୍ପାଦକୀୟ

କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେଙ୍କ ଅଫିସ ପରିସରରେ ହେଇଥିବା ଇ-ଣ୍ଡି-ଆ ବ୍ଲକର ବୈଠକରେ ଯୋଗ ନ ଦେବା ନେଇ ତୃଣମୂଳ କଂଗ୍ରେସର ନିଷ୍ପତ୍ତି, ଗୋଟିଏ ଭିନ୍ନ ବାର୍ତ୍ତା ଦେଉଛି । ପଶ୍ଚିମବଙ୍ଗ ଶାସକ ଦଳ ଆମେରିକାରେ ବ୍ୟବସାୟୀ ଗୌତମ ଆଦାନୀଙ୍କ ବିରୋଧରେ ହେଇଥିବା ଦୁର୍ନୀତି ଅଭିଯୋଗକୁ ନେଇ ସଂସଦରେ ନରେନ୍ଦ୍ର ମୋଦୀ ସରକାରକୁ ଘେରିବା ଉଦ୍ୟମରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ନୁହଁନ୍ତି । ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ସଂସଦ ଓ ସଂସଦ ବାହାରେ, ଏହାର ଅଭିଯାନକୁ ଜୋରଦାର କରିବାକୁ ବସିଥିବାବେଳେ, ତୃଣମୂଳ କଂଗ୍ରେସ ଏହାକୁ ସମର୍ଥନ ନ ଦେବା, ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ହୁଏତ ତୃଣମୂଳ କଂଗ୍ରେସ ଭାବୁଛି, ବିଜେପି ବିରୋଧୀ ଅଭିଯାନରେ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ସଫଳ ହେଇପାରିବନି ଏବଂ କଂଗ୍ରେସ ଦୁର୍ବଳ ହେବାରେ ଲାଗିଛି । ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏବଂ ପଶ୍ଚିମବଙ୍ଗ ଉପ ନିର୍ବାଚନ ଫଳ ପ୍ରକାଶ ପାଇବା ପରେ, ଇ-ଣ୍ଡି-ଆ ମେଣ୍ଟ ଆହୁରି ଦୁର୍ବଳ ହେବା ନେଇ ସମ୍ଭାବନା ସୃଷ୍ଟି ହେଇଛି । ଉଭୟ ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରରେ କଂଗ୍ରେସକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି । ପଶ୍ଚିମବଙ୍ଗରେ ନିକଟରେ ହେଇଥିବା ଉପ-ନିର୍ବାଚନରେ, ତୃଣମୂଳ କଂଗ୍ରେସ ସମସ୍ତ ୬ ଆସନରେ ବିଜୟୀ ହେଇଛି ଏବଂ ବିଜେପି ଦ୍ୱିତୀୟ ସ୍ଥାନରେ ରହିଛି ।

କଂଗ୍ରେସ ବହୁ ପଛରେ ପଡିଯାଇଛି । ସେହିପରି ମହାରାଷ୍ଟ୍ରରେ, କଂଗ୍ରେସ ୧୦୫ଟି ଆସନରେ ପ୍ରତିଦ୍ୱନ୍ଦିତା କରି, ମାତ୍ର ୧୬ଟି ଆସନ ପାଇପାରିଛି । ଅନ୍ୟ ଏକ ତଥ୍ୟ ଅନୁସାରେ, କଂଗ୍ରେସ ଓ ବିଜେପି ମଧ୍ୟରେ ୭୫ଟି ଆସନରେ ସିଧା ପ୍ରତିଦ୍ୱନ୍ଦିତା ହେଇଥିବାବେଳେ କଂଗ୍ରେସ ମାତ୍ର ୧୦ଟି ଆସନ ପାଇପାରିଛି । ଏହା ଜାତୀୟ ସ୍ତରରେ କଂଗ୍ରେସର ସ୍ଥିତିକୁ ଦୁର୍ବଳ କରିବାରେ ଲାଗିଛି ଏବଂ ମେଣ୍ଟ ମଧ୍ୟରେ ଏହାର ସ୍ୱର ଦୁର୍ବଳ ହେବା ନେଇ ଆଶା କରାଯାଉଛି । ଏଭଳି ପରିସ୍ଥିତିରେ, ମମତା କଂଗ୍ରେସର ହାତ ଛାଡିବା ନେଇ ସ୍ପଷ୍ଟ ସୂଚନା ଦେଇଛନ୍ତି । ଆଦାନୀ ବିରୋଧୀ ଅଭିଯାନକୁ କଂଗ୍ରେସ ନେତୃତ୍ୱ ଦେଉଥିବାବେଳେ, ତୃଣମୂଳ କଂଗ୍ରେସ, କଂଗ୍ରେସର ଏହି ଅଭିଯାନକୁ ସମର୍ଥନ ଦେବାକୁ ମନା କରିଦେଇଛି । କିନ୍ତୁ ପ୍ରଶ୍ନ ଉଠୁଛି, ଦୁର୍ନୀତି ଅଭିଯୋଗକୁ ନେଇ ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ସ୍ୱର ଉଠାଇବାରେ ଅସୁବିଧା ରହିଲା କୋଉଠି ? ଟିଏମସି ଏ ସଂକ୍ରାନ୍ତରେ ଜବାବ ଦେଇ କହିଛି ଯେ ଦୁର୍ନୀତି ଆଉ ଫଳପ୍ରଦ ନିର୍ବାଚନ ପ୍ରସଙ୍ଗ ନୁହେଁ । ଟିଏମସିର ଏହି ମନ୍ତବ୍ୟ ବିତର୍କ ଯୋଗ୍ୟ ଅଟେ । ଦୁର୍ନୀତି ଅନେକ ସମୟରେ ଭାରତରେ ରାଜନୈତିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛି ଏବଂ ସରକାରର ପତନ ଘଟିଛି ମଧ୍ୟ । ବୋଫର୍ସ ସ୍କାମ ରାଜୀବ ଗାନ୍ଧିଙ୍କ ସରକାରକୁ କଳଙ୍କିତ କରିଥିଲା । ଦୁର୍ନୀତିର ଅନେକ ଅଭିଯୋଗ ୟୁନାଇଟେଡ୍ ପ୍ରୋଗ୍ରେସିବ ଆଲାଇନ୍ସ-୨ କ୍ଷମତାକୁ ଫେରିବା ଆଶାକୁ ଧ୍ୱଂସ କରିଦେଇଥିଲା ଏବଂ ନିକଟରେ, ଭାରତୀୟ ଜନତା ପାର୍ଟି କର୍ଣ୍ଣାଟକରେ ନିର୍ବାଚନରେ ହାରିବାର କାରଣ ମଧ୍ୟ ଥିଲା ଦୁର୍ନୀତି ଅଭିଯୋଗ । ଅନ୍ୟପକ୍ଷରେ, ତୃଣମୂଳ କଂଗ୍ରେସର ଯୁକ୍ତି ସପକ୍ଷରେ ମଧ୍ୟ ଅନେକ ଉଦାହରଣ ରହିଛି । ଦୁର୍ନୀତିରେ ବୁଡି ରହିଥିବା ଟିଏମସି ନିଜେ ପଶ୍ଚିମବଙ୍ଗ ନିର୍ବାଚନ ଜିତିବାରେ ଲାଗିଛି । ଜଣେ ଟିଏମସି ନେତା କହିଥିଲେ ଯେ' 'ଭାରତୀୟ ରାଜନୀତିରେ ଦୁର୍ନୀତି ଏକ ବଡ଼ ନିର୍ବାଚନ ପ୍ରସଙ୍ଗ ହୋଇନଥାଏ, ବିଶେଷ କରି ରାଜ୍ୟ ସ୍ତରରେ । ତୁମେ ଜୟଲଳିତାଙ୍କୁ ଦେଖ, ତାଙ୍କ ପାଖରେ ୩୦୦ କିମ୍ବା ୫୦୦ ଯୋଡା ଜୋତା ଥିଲା । ସେ ପରବର୍ତ୍ତୀ ନିର୍ବାଚନରେ ଜିତିଥିଲେ ।' ତେଣୁ ଦୁର୍ନୀତିଗ୍ରସ୍ତ ଲୋକ ନିର୍ବାଚନରେ ଭଲ ପ୍ରଦର୍ଶନ କରିବାର ମଧ୍ୟ ଅନେକ ଉଦାହରଣ ରହିଛି । ଯଦି ଜନତା ବା ମତଦାତା, ଗୋଟିଏ ରାଜନୈତିକ ନେତାଙ୍କୁ ପସନ୍ଦ କରନ୍ତି, ତେବେ ତାଙ୍କ ବିରୋଧରେ ଦୁର୍ନୀତିର ଯେତେ ଗମ୍ଭୀର ଏବଂ ବିଶ୍ୱସନୀୟ ଅଭିଯୋଗ ଥାଉନା କାହିଁକି ସେମାନେ ସେହି ବ୍ୟକ୍ତି ଏବଂ ତାଙ୍କ ଦଳ ପାଇଁ ଭୋଟ ଦିଅନ୍ତି । ଏହା ବାରମ୍ବାର ପ୍ରମାଣିତ ହେଇଛି ମଧ୍ୟ । ଦୁର୍ନୀତି ଯେତେବେଳେ କୁଶାସନ, ଅହଂକାର ଏବଂ ଅର୍ଥନୈତିକ ଦୁଃଖର ଏକ ଅଂଶ ହୋଇଯାଏ, ସେତେବେଳେ ହିଁ ଦୁର୍ନୀତି ଗୋଟିଏ ବଡ ପ୍ରସଙ୍ଗ ହେଇଯାଏ । ୟୁପିଏ ଶାସନର ଦ୍ୱିତୀୟ କାର୍ଯ୍ୟକାଳ ହିଁ ଏହାର ସର୍ବୋତ୍ତମ ଦୃଷ୍ଟାନ୍ତ । ୨୦୦୯ରେ, ଲୋକସଭା ନିର୍ବାଚନରେ ମିଳିତ ମଞ୍ଚ ଏକ ଚମତ୍କାର ଫଳାଫଳ କରିଥିଲା ଏବଂ କଂଗ୍ରେସ ୨୦୦ରୁ ଅଧିକ ଆସନ ଅକ୍ତିଆର କରିଥିଲା । କିନ୍ତୁ ୨୦୧୧ରେ ଆନ୍ନା ହଜାରେ, ଅରବିନ୍ଦ କେଜ୍ରିୱାଲ ଏବଂ ଅନ୍ୟମାନେ ଆରମ୍ଭ କରିଥିବା ଦୁର୍ନୀତି ବିରୋଧୀ ଆନ୍ଦୋଳନ ୟୁପିଏ ଶାସନକୁ ସମାପ୍ତ କରିବାରେ ସଫଳ ହୋଇଥିଲା । ଅନେକ ବିଶ୍ଳେଷକଙ୍କ ମତ ଅନୁସାରେ, ଏହି ଦୁର୍ନୀତି ବିରୋଧୀ ଆନ୍ଦୋଳନ ହିଁ ୨୦୧୪ ଲୋକସଭା ନିର୍ବାଚନରେ କଂଗ୍ରେସ ଓ ୟୁପିଏର ପରାସ୍ତ ହେବାର କାରଣ ହେଇଥିଲା । ଭାରତର ସବୁ ନିର୍ବାଚନରେ, ଦୁର୍ନୀତି ଏକ ମୁଖ୍ୟ ପ୍ରସଙ୍ଗ ହେଇଥାଏ । ଉଭୟ ସରକାରୀ ଦଳ ଓ ବିରୋଧୀ ଦଳଗୁଡିକ ପରସ୍ପର ବିରୋଧରେ ଏହାକୁ ପ୍ରସଙ୍ଗ କରିଥାନ୍ତି । କେତେକଙ୍କ ମତରେ ଏହା ଦେହ ସୁହା ହେଇଗଲାଣି ଏବଂ ମତଦାତାଙ୍କ ପାଖରେ ଏହା ଗୁରୁତ୍ୱ ହରାଇବାରେ ଲାଗିଛି । ସବୁ ଦଳର କିଛି ନା କିଛି ନେତାଙ୍କ ଉପରେ ଦୁର୍ନୀତିର ଛାୟା ରହିଛି । କିନ୍ତୁ କାର୍ଯ୍ୟାନୁଷ୍ଠାନ ନାହିଁ କହିଲେ ଚଳେ । ୨୦୨୩ ଦୁର୍ନୀତି ଧାରଣା ସୂଚକାଙ୍କରେ ଭାରତ ୧୮୦ଟି ଦେଶ ମଧ୍ୟରୁ ୯୩ଟି ସ୍ଥାନ ଅଧିକାର କରିଛି । ଏନଡିଏ ସରକାରଙ୍କ ସମୟରେ, ବିଭିନ୍ନ ଅନୁସନ୍ଧାନକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ଦୁର୍ନୀତି ବିରୋଧୀ ଅଭିଯାନ ଜୋରଦାର ହେଇଛି ସତ, କିନ୍ତୁ ଏଥିରେ ପକ୍ଷପାତିତା ହେଉଥିବା ନେଇ ବିରୋଧୀ ଦଳଗୁଡିକ ଅଭିଯୋଗ କରୁଛନ୍ତି । ଦୁର୍ନୀତି ଯେ' କେବଳ ରାଜନୀତିରେ ଅଛି, ତାହା ନୁହେଁ, ସବୁ କ୍ଷେତ୍ରରେ ଦୁର୍ନୀତି ରହିଛି ଏବଂ ଏହା ଏବେ ସାମାଜିକ, ଅର୍ଥନୈତିକ ଓ ପ୍ରଶାସନିକ ବ୍ୟବସ୍ଥା ସହ ଯୋଡି ହେଇସାରିଛି । ଏହାର ମାନେ ନୁହେଁ ଯେ' ଆମେ ଦୁର୍ନୀତି ବିରୋଧୀ ଲଢେଇରେ ହାର ମାନିଯିବା, ବରଂ ଲଢ଼େଇକୁ ଜୋରଦାର କରିବା ଆବଶ୍ୟକ । ଦୁର୍ନୀତିର ସର୍ବବ୍ୟାପୀ ଆଭିମୁଖ୍ୟ-ଦୈନନ୍ଦିନ ଅନୁଭୂତି ଠାରୁ ଆରମ୍ଭ କରି ସାଧାରଣ ଜୀବନର ସବୁ କ୍ଷେତ୍ରରେ, ଏକ ସାମୂହିକ ନିରାଶା ସୃଷ୍ଟି କରୁଛି ଏବଂ ନିର୍ବାଚନ ସମୟରେ ରାଜନୈତିକ ଅନୈତିକତା ଅଭିଯୋଗକୁ ନେଇ ଭୋଟରଙ୍କ ମଧ୍ୟରେ କ୍ଷୋଭ ସୃଷ୍ଟି ହେଉଛି । କିଛି ମତଦାତାଙ୍କ ମନରେ ଏମିତି ବି ଧାରଣା ସୃଷ୍ଟି ହେଉଛି ଯେ' ସବୁ ଦଳ ସମାନ, ତେଣୁ ଭୋଟ ଦେବାର ମାନେ କିଛି ନାହିଁ । ଅବଶ୍ୟ, ଏହି ଧାରଣା ଯୁକ୍ତିଯୁକ୍ତ ନୁହେଁ, ଭୋଟରଙ୍କ ଶକ୍ତି ହିଁ ଆଜି ଦୁର୍ନୀତି ପରି ଶତ୍ରୁକୁ ନିୟନ୍ତ୍ରଣରେ ରଖିପାରିଛି ଏବଂ ଶାସନ ବ୍ୟବସ୍ଥା ତୁଳନାତ୍ମକ ଭାବରେ ସ୍ୱଚ୍ଛ ହେବାରେ ଲାଗିଛି । ବିରୋଧୀ ମେଣ୍ଟରେ ମମତା ରୁହନ୍ତୁ ବା ନ ରୁହନ୍ତୁ, କିନ୍ତୁ ଦୁର୍ନୀତି ବର୍ତ୍ତମାନ ଆଉ ନିର୍ବାଚନ ପ୍ରସଙ୍ଗ ହେଇନାହିଁ ବୋଲି କହିବା, ଯୁକ୍ତିଯୁକ୍ତ ନୁହେଁ ।

# ଶବ୍ଦ ଓ ସ୍ୱରର ଯାଦୁ

## ମନୋରଞ୍ଜନ ମହାନ୍ତି

ପ୍ରତ୍ୟେକ ବର୍ଷ ଅନେକ ଭାରତୀୟ ଚିତ୍ରତାରକା ସେମାନଙ୍କ ଚମତ୍କାର୍ ଡିଜାଇନର୍ ପୋଷାକ ପରିଧାନ କରି ସିନେମା, ଫେସନ୍, କଳାତ୍ମକ ଅଭିବ୍ୟକ୍ତିର ସଙ୍ଗମସ୍ଥଳ କ୍ୟାନସ୍‌ର ରେଡ୍ କାର୍ପେଟ୍ ଉପରେ ଚାଲନ୍ତି । କିନ୍ତୁ ପ୍ରତିଯୋଗିତା ବିଭାଗରେ ବିଗତ ତିରିଶ ବର୍ଷ ଧରି ଭାରତୀୟ ଚଳଚ୍ଚିତ୍ରଗୁଡ଼ିକ ସ୍ଥାନ ପାଇପାରିନଥିଲେ । ସୁଖର କଥା, ୨୦୨୪ ବର୍ଷରେ ପାୟଲ୍ କାପାଡ଼ିଆଙ୍କ 'ଅଲ୍ ଉଇ ଇମାଜିନ୍ ଆଜ୍ ଲାଇଟ୍' ଚଳଚ୍ଚିତ୍ରଟି ଫ୍ରାନ୍ସରେ ଗ୍ରାଣ୍ଡ୍ ପ୍ରିକ୍ସ ଜିତିଛି । ଏ ହେଉଛି ନାରୀତ୍ୱ ଓ ପ୍ରବାସୀ ଅନୁଭୂତି ସମ୍ବନ୍ଧୀୟ ଗୋଟେ ବହୁସ୍ତରୀୟ, ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଶାନଦାର୍ ଚଳଚ୍ଚିତ୍ର, ଯାହା ଯୁବ ଚିତ୍ରନିର୍ମାତାମାନଙ୍କ ପାଇଁ ଏକ ନୂଆ ମାନକ ବା ମାନଦଣ୍ଡ ସ୍ଥାପନ କରିଛି । ସେଥିରେ ଅଛି ଶବ୍ଦ ଓ ସ୍ୱରର ଯାଦୁ, ଯାହା ସ୍ୱାଧୀନତୋତ୍ତର ଭାରତୀୟ ସୃଜନକଳାର ବୈଶିଷ୍ଟ୍ୟ ପ୍ରତିପାଦନ କରୁଛି । କାହାଣୀକାର କାହାଣୀରେ ଉପଯୁକ୍ତ ଶବ୍ଦ ପ୍ରୟୋଗ କରିଛନ୍ତି, କାହାଣୀକୁ ଆଧାର କରି ଚଳଚ୍ଚିତ୍ରଟି ନିର୍ମିତ ହୋଇଛି, ସଂଳାପ-ରଚୟିତା ସଂଳାପଗୁଡ଼ିକରେ ସମାନୁପାତରେ ପ୍ରଭାବଶାଳୀ ଶବ୍ଦଗୁଡ଼ିଏ ବ୍ୟବହାର କରିଛନ୍ତି, ଅଭିନେତା ଅଭିନେତ୍ରୀମାନେ ମଧ୍ୟ ସଂଳାପଗୁଡ଼ିକୁ ଖୁବ୍ ପ୍ରଭାବୀ ସ୍ୱରରେ ଉଚ୍ଚାରଣ କରିଛନ୍ତି ଓ ତତ୍‌ସହିତ ସଙ୍ଗୀତର ସ୍ୱରରେ ରହିଛି ଅନୁପମ ମାର୍ମିକ ମଧୁରତା ।

ଶବ୍ଦ ଓ ସ୍ୱରର ଏପରି ଯାଦୁକରୀ ପ୍ରଭାବ ପ୍ରସଙ୍ଗରେ ଆମେ ସ୍ୱାଧୀନତୋତ୍ତର ଭାରତବର୍ଷର କେତୋଟି ଚଳଚ୍ଚିତ୍ରକୁ ଦୃଷ୍ଟାନ୍ତ ସ୍ୱରୂପ ନେଇପାରିବା । ୧୯୫୩ ବର୍ଷରେ ମୁକ୍ତି ଲାଭ କରିଥିବା 'ଦୋ ବିଘା ଜମିନ୍'ରେ ଉପସ୍ଥାପିତ ହୋଇଛି କିପରି ଋଣ ଓ ପରିସ୍ଥିତିର ଚାପରେ ଦବିଯାଇଥିବା କୃଷକମାନଙ୍କର ଦାରିଦ୍ର୍ୟକରଣ ହେଉଛି । ତାହା ହେଉଛି ଆଧୁନିକ ଭାରତର ଅପରିବର୍ତ୍ତନୀୟ ଦୁଃଖଦ ଘଟଣାମାନଙ୍କ ମଧ୍ୟରେ ଅନ୍ୟତମ । ବିମଳ ରାୟଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଅଛି ନବ ଯଥାର୍ଥବାଦ ଆଧାରିତ ଏକ ସାର୍ବଭୌମ ଅଭିରୁଚିର ବିଷୟବସ୍ତୁ, ଏକ ଅତି ଦୁଃଖୀ ପରିବାର, ବିପୁଳ ସହରୀ ନିମ୍ନବର୍ଗଙ୍କ କାହାଣୀ । ଦୁର୍ଗତି, ଦୁର୍ଦ୍ଦଶା, ବିପତ୍ତି ଦ୍ୱାରା ଚାପି ହୋଇଯାଇଥିବା ନାୟକ ଭୂମିକାରେ ଅଭିନେତାଙ୍କ ଅଭିନୟ ଉତ୍କୃଷ୍ଟ, ଶାନଦାର୍ ହୋଇଛି । ୧୯୫୫ ବର୍ଷର 'ପାଥେର୍ ପାଞ୍ଚାଳି' ଚଳଚ୍ଚିତ୍ରରେ ବଙ୍ଗଳାର ରମଣୀୟ ଗ୍ରାମାଞ୍ଚଳ କିଭଳି ପରିବର୍ତ୍ତିତ ହୋଇଛି, ତାର ଏକ ସମ୍ବେଦନଶୀଳ, ସୂକ୍ଷ୍ମ ରୂପାୟନ କରିଛନ୍ତି ନିର୍ଦ୍ଦେଶକ ସତ୍ୟଜିତ୍ ରାୟ । ମୁଖ୍ୟ ଭୂମିକାରେ ଗୋଟେ ଅଳ୍ପ ବୟସର ବାଳକ ଅଭିନୀତ ଏହି ଚଳଚ୍ଚିତ୍ରଟି ହେଉଛି ଚିତ୍ର-ଜଗତରେ କାବ୍ୟିକ ଅତିସୂକ୍ଷ୍ମବାଦର ପ୍ରଧାନ ବା ପ୍ରମୁଖ ପରିଚୟ । କ୍ୟାନସ୍‌ଠାରେ ଶ୍ରେଷ୍ଠ ହ୍ୟୁମାନ୍ ଡକୁମେଣ୍ଟ୍ ପୁରସ୍କାର ଓ ଭାରତରେ ଶ୍ରେଷ୍ଠ ଫିଚର୍ ଫିଲ୍ମ ପୁରସ୍କାରପ୍ରାପ୍ତ ଏହି ଚଳଚ୍ଚିତ୍ରଟି ବିଶ୍ୱ ସିନେମା ମାନଚିତ୍ରରେ ଭାରତକୁ ସ୍ଥାପିତ କଲା ଓ ବିଦେଶରେ ଭାରତୀୟ ଚଳଚ୍ଚିତ୍ର ସମ୍ବନ୍ଧରେ ଏକ ବିକଳ୍ପ ବିଚାର ବା ଅବଧାରଣାର ଛାପ ସୃଷ୍ଟି କଲା ।

୧୯୬୫ର ଚେମିନ୍ ଚଳଚ୍ଚିତ୍ର । କେରଳ ଉପକୂଳବର୍ତ୍ତୀ ଅଞ୍ଚଳର ଧୀବରମାନଙ୍କ ଜୀବନକାହାଣୀ ଆଧାରରେ ରଚିତ ମାଲୟାଲାମ୍ ଲେଖକ ଥାକାଝି ଶିବଶଙ୍କର ପିଲାଇଙ୍କ ଗୀତାତ୍ମକ ଉପନ୍ୟାସ ଚେମିନ୍‌ର କଥାବସ୍ତୁ । ନିର୍ଦ୍ଦେଶକ ରାମୁ କରିଆଟ୍‌ଙ୍କ ଜ୍ୱଳନଶୀଳ ବ୍ୟାଖ୍ୟା, ସରଳ ଦୃଶ୍ୟର ପ୍ରସ୍ତୁତିକରଣ ଇତ୍ୟାଦିକୁ ଚଳଚ୍ଚିତ୍ର-ସମାଲୋଚକ, ଦର୍ଶକମାନେ ହୃଦୟର ସହିତ ସ୍ୱାଗତ ଜଣାଇଲେ । ୧୯୭୫ରେ 'ଶୋଲେ' ଚଳଚ୍ଚିତ୍ରର ଡାଇଲଗ୍‌ଗୁଡ଼ିକ ଶୁଣାଯାଉଥିଲା ଲାଉଡ୍‌ସ୍ପିକର୍‌ରୁ, ଜଣାପଡୁଥିଲା ସତେ ଯେପରି ଲାଉଡ୍‌ସ୍ପିକର୍‌ଗୁଡ଼ିକ ଗର୍ଜନ କରୁଛନ୍ତି, ଉଚ୍ଚସ୍ୱରରେ ଚିଲାଉଛନ୍ତି । ଶିଶୁମାନେ ନର୍ସରୀ ରାଇମ୍ ଠାରୁ ଅଧିକ ଭଲଭାବରେ ମନେରଖୁଥିଲେ ଡାଇଲଗ୍‌ଗୁଡ଼ିକୁ । ନିର୍ଦ୍ଦେଶକ ରମେଶ ସିପ୍ପିଙ୍କ ନାୟକ ଓ ଖଳନାୟକ କେବଳ ବ୍ୟବସାୟିକ ସଫଳତାର ରେକର୍ଡ଼୍ ଭଙ୍ଗ କରିନଥିଲେ, ଚଳଚ୍ଚିତ୍ରଗୁଡ଼ିକ କିପରି ଆମ ଜୀବନର ଅଂଶ ହୋଇପାରନ୍ତି ତାର ଗୋଟେ ମାନକ ବା ମାନଦଣ୍ଡ ହୋଇପାରିଥିଲେ ମଧ୍ୟ ।

୧୯୮୦ ଦଶକରେ ନୂଆ ଲହର ସିନେମା ଏକ ଅଧିକ ଅତ୍ୟାବଶ୍ୟକ ଓ ନିଶ୍ଚୟାତ୍ମକ ବା ସ୍ୱୀକାରାତ୍ମକ ରୂପ ଗ୍ରହଣ କଲା, ଯାହାର ଫଳ ୧୯୮୩ବର୍ଷର 'ଅର୍ଦ୍ଧସତ୍ୟ' ଚଳଚ୍ଚିତ୍ର । କଳାତ୍ମକ ଚଳଚ୍ଚିତ୍ରକୁ ଊର୍ଦ୍ଧ୍ୱ ସୋପାନରେ ଉପନୀତ କରାଇଥିବା ଅର୍ଦ୍ଧସତ୍ୟର କାହାଣୀରେ ଜଣେ ସଚ୍ଚୋଟ ପୋଲିସ୍ ଅଧିକାରୀ ତାର ଦୃଢ଼, କଠୋର, ତାନାଶାହୀ ବାପା ସହିତ ସଂଘର୍ଷରତ । ୧୯୯୦ ଦଶକରେ ଭାରତୀୟ ଅର୍ଥନୀତିର ଉଦାରୀକରଣ ହେଲା, ଉପଗ୍ରହ-ଦୂରଦର୍ଶନ ଆମେରିକୀୟ ସଂସ୍କୃତିକୁ ମଧ୍ୟବିତ୍ତ ପରିବାରକୁ ଆଣିଲା ଏବଂ ଜଗତୀକରଣ ଦ୍ରୁତ ଗତିରେ ହିନ୍ଦୀ ସିନେମା ପାଇଁ ଏକ ଡଲାର୍ - ସମୃଦ୍ଧ ଅନିବାସୀ ଭାରତୀୟ ବଜାର ସୃଷ୍ଟି କଲା । ଏହି ଦ୍ରୁତ ପରିବର୍ତ୍ତନଶୀଳ ଆର୍ଥନୀତିକ ଓ ସାଂସ୍କୃତିକ ବ୍ରହ୍ମାଣ୍ଡରେ ୧୯୯୫ରେ ମୁକ୍ତି ଲାଭ କଲା ଦିଲ୍‌ୱାଲେ ଦୁଲ୍‌ହନିୟା ଲେ ଯାଏଙ୍ଗେ ଚଳଚ୍ଚିତ୍ର, ଯେଉଁଥିରେ ଦୁଇ ଯୁବ ଅନିବାସୀ ଭାରତୀୟଙ୍କ ମଧ୍ୟରେ ପ୍ରେମ କାହାଣୀ ଏକ ସକାରାତ୍ମକ, ସ୍ୱୀକାରାତ୍ମକ ରୂପ ଗ୍ରହଣ କଲା । ଚଳଚ୍ଚିତ୍ରଟି କୃତ୍ରିମ ଆଧୁନିକତା ଓ ଭଲଲାଗୁଥିବା ବା ସୁଖାନୁଭୂତିଦାୟକ ପରମ୍ପରା ମଧ୍ୟରେ ଗୋଟେ ସଫଳ ସନ୍ତୁଳନ ରକ୍ଷା କଲା । ୨୦୧୫ ବର୍ଷରେ ମୁକ୍ତିଲାଭ କଲା ବାହୁବଳି ଚଳଚ୍ଚିତ୍ର । ନିର୍ଦ୍ଦେଶକ ଏସ୍.ଏସ୍. ରାଜମୌଳିଙ୍କ ଏ ମହାକାବ୍ୟରେ ଅତ୍ୟାଧୁନିକ ଦୃଶ୍ୟ ପ୍ରଭାବ ସହିତ ଏକ କଳ୍ପିତ, ପୌରାଣିକ କଥା ସମ୍ବନ୍ଧୀୟ ଅତୀତର ସମ୍ମିଶ୍ରଣ ପ୍ରଦର୍ଶିତ ହେଲା । ବିଭିନ୍ନ ଭାଷାରେ ମୁକ୍ତିଲାଭ କରିଥିବାରୁ ସୁପରହିଟ୍, ଅତି ଲୋକପ୍ରିୟ ଏ ଚଳଚ୍ଚିତ୍ରଟି ଭାଷାଗତ ବାଧା ନଷ୍ଟ କଲା, ବହୁତ ଅଧିକ ଧନ ଅର୍ଜନ କଲା, ଯାର ଗୁଣଗାନଭରା ବହୁ ସମୀକ୍ଷା ମଧ୍ୟ ପ୍ରକାଶିତ ହେଲା ।

ଉପରୋକ୍ତ ସମସ୍ତ ଚଳଚ୍ଚିତ୍ରରେ କାହାଣୀ ଓ ସଂଳାପ ରଚୟିତା, ଗୀତିକାରମାନେ ବ୍ୟବହାର କରିଥିବା ଶବ୍ଦ ଏବଂ ଅଭିନେତା, ସଙ୍ଗୀତଜ୍ଞମାନଙ୍କ ସ୍ୱରର ଯାଦୁକରୀ ପ୍ରଭାବରେ ଦର୍ଶକ, ଶ୍ରୋତାମାନେ ମୋହିତ ହୋଇଛନ୍ତି । ଚୁମ୍ବକ ଆଡ଼କୁ ଲୁହା ଆକର୍ଷିତ ହେଲାଭଳି ଚଳଚ୍ଚିତ୍ରଗୁଡ଼ିକ ପ୍ରତି ସେମାନେ ଆକର୍ଷିତ ହୋଇଛନ୍ତି । କେବଳ ଚଳଚ୍ଚିତ୍ର ନୁହଁ, ସ୍ୱାଧୀନତୋତ୍ତର ଭାରତରେ ଏଭଳି କେତେକ ଉପନ୍ୟାସ କାହାଣୀ ସୃଷ୍ଟି ହୋଇଛି ଯାହାର ଶବ୍ଦ ଓ ଅନ୍ତଃସ୍ୱର ପାଠକମାନଙ୍କୁ ମୁଗ୍ଧବିଭୋର ଅର୍ଥାତ୍ ମନ୍ତ୍ରମୁଗ୍ଧ କରିଛି । କେତୋଟି ପ୍ରତିନିଧିସ୍ଥାନୀୟ ସୃଷ୍ଟିକୁ ଦୃଷ୍ଟାନ୍ତ ସ୍ୱରୂପ ଉଲ୍ଲେଖ କରାଯାଇପାରେ । ୧୯୮୧ ବର୍ଷରେ ପ୍ରକାଶିତ ସଲ୍‌ମାନ୍ ରୁସ୍‌ଦିଙ୍କ ମିଡ୍‌ନାଇଟ୍ସ ଚିଲ୍‌ଡ୍ରେନ୍ ବୁକର୍ ପୁରସ୍କାର, ଜେମ୍ସ ଟେଟ୍ ମେମୋରିଆଲ୍ ପୁରସ୍କାର ପ୍ରାପ୍ତ ଉପନ୍ୟାସ ।

ଏ ହେଉଛି ୧୯୪୭ରେ ଘଟିଯାଇଥିବା ଘଟଣା ବା ବୃତ୍ତାନ୍ତଗୁଡ଼ିକର ଗୋଟେ ଢିଲା ରୂପକ (ଅର୍ଥାତ୍ କାହାଣୀ ଭିତରେ ଆଉ ଏକ କାହାଣୀ), ଯେଉଁଥିରେ ନାୟକ ଠିକ୍ ଭାରତ ସ୍ୱାଧୀନ ହେବାର ମୁହୂର୍ତ୍ତରେ ହିଁ ଜନ୍ମ ହୋଇଛି । ଅନେକ ବର୍ଷ ଧରି ରୁସ୍‌ଦି ଗୋଟେ ଫତ୍‌ୱା ଛାୟାରେ ବାସ କଲେ, ୨୦୨୨ ଅଗଷ୍ଟ ମାସରେ ତାଙ୍କ ଉପରେ ଆକ୍ରମଣ ହେଲା, କିନ୍ତୁ ବଞ୍ଚିଗଲେ, ଯଦିଓ ଗୋଟେ ଆଖିରେ ଦୃଷ୍ଟିଶକ୍ତି ହରାଇଲେ । ସେହି ଆକ୍ରମଣ ଘଟଣା ଆଧାରରେ ପ୍ରକାଶ ପାଇଛି ତାଙ୍କର ସଦ୍ୟତମ ଉପନ୍ୟାସ 'ନାଇଫ୍' । ୧୯୮୬ରେ ପ୍ରକାଶ ପାଇଛି ବିକ୍ରମ ସେଠ୍‌ଙ୍କ ଦି ଗୋଲ୍‌ଡେନ୍ ଗେଟ୍, ଯେଉଁଥିପାଇଁ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଘରେ ଘରେ ସେ ପରିଚିତ । ଉପନ୍ୟାସଟି ଛନ୍ଦକବିତା ଆକାରରେ ଲିଖିତ, ୫୯୦ଗୋଟି ଓନେଜିନ୍ ଷ୍ଟାଞ୍ଜା ବା ପୁସ୍କିନ୍ ସନେଟ୍ ସେଥିରେ ଅଛି, ଚାର୍ଲ୍ସ ଜନ୍‌ଷ୍ଟନ୍ କରିଥିବା ପୁସ୍କିନ୍‌ଙ୍କ ଇଉଜିନ୍ ଓନେଜିନ୍‌ର ଅନୁବାଦ ଦ୍ୱାରା ସେଠ୍ ପ୍ରଭାବିତ । ସାତ ବର୍ଷ ପରେ ପ୍ରକାଶ ପାଇଛି ସେଠ୍‌ଙ୍କର ଅନ୍ୟ ଏକ ସଫଳ, ସୁପରହିଟ୍, ଅତି ଲୋକପ୍ରିୟ ଉପନ୍ୟାସ ଏ ସୁଇଟେବଲ୍ ବୟ୍, ପୃଷ୍ଠା ସଂଖ୍ୟା ୧୪୮୮ (ପେପର୍‌ବ୍ୟାକ୍), ଗୋଟିଏ ଭଲ୍ୟୁମ୍ ବା ଗ୍ରନ୍ଥରେ ପ୍ରକାଶିତ ଦୀର୍ଘତମ ଉପନ୍ୟାସ । ଅମିତାଭ୍ ଘୋଷ୍‌ଙ୍କ ଲିଖିତ 'ଦି ସ୍ୟାଡୋ ଲାଇନ୍ସ' ଉପନ୍ୟାସର ପ୍ରକାଶନ ବର୍ଷ ୧୯୮୮ । ସ୍ୱଦେଶୀ ଆନ୍ଦୋଳନ, ଦ୍ୱିତୀୟ ବିଶ୍ୱଯୁଦ୍ଧ, ବିଭାଜନ ଏବଂ ଢାକା ଓ କଲିକତାରେ ୧୯୬୩-୬୪ ବର୍ଷରେ ସାମ୍ପ୍ରଦାୟିକ ଦଙ୍ଗା ଇତ୍ୟାଦି ଐତିହାସିକ ଘଟଣାର ପୃଷ୍ଠଭୂମିରେ ରଚିତ ଏ ଉପନ୍ୟାସ । ଏଥିରେ ଉପସ୍ଥାପିତ ହୋଇଛି ସୀମାନ୍ତ ରେଖାଗୁଡ଼ିକର ଅସାରତା, ନିରର୍ଥକତା ।

ଅରୁନ୍ଧତୀ ରାୟଙ୍କର ପ୍ରଥମ ଉପନ୍ୟାସ 'ଦି ଗଡ୍ ଅଫ୍ ସ୍ମଲ୍ ଥିଙ୍ଗସ୍' ବୁକର୍ ପୁରସ୍କାର ଲାଭ କଲା ୧୯୯୭ ବର୍ଷରେ । ହାର୍ପର୍ କଲିନ୍ସର ସଂପାଦକ ପଙ୍କଜ ମିଶ୍ର ଏ ଉପନ୍ୟାସର ପ୍ରାରୂପଟିକୁ ବ୍ରିଟିଶ୍ ପ୍ରକାଶକମାନଙ୍କ ନିକଟକୁ ପଠାଇଲେ ଓ ଅରୁନ୍ଧତୀ ପାଞ୍ଚଲକ୍ଷ ପାଉଣ୍ଡ୍ ଅଗ୍ରିମ ଅର୍ଥ ପ୍ରାପ୍ତ କଲେ । ତାଙ୍କ ମତରେ, ମହାନ୍ ଗପଗୁଡ଼ିକ ହେଉଛି ତାହା, ଯାହାକୁ ଆପଣ ଶୁଣିଛନ୍ତି ଓ ପୁଣିଥରେ ଶୁଣିବାକୁ ଇଚ୍ଛା କରୁଛନ୍ତି । ଗପର ଯେକୌଣସି ପୃଷ୍ଠା ପଢ଼ିଲେ ବି ତାହା ସୁଖପାଠ୍ୟ ହେବ ।

ପ୍ରତିଷ୍ଠିତ ଉପନ୍ୟାସ 'କ୍ଲିଅର୍ ଲାଇଟ୍ ଅଫ୍ ଡେ'ର ଲେଖିକା ଅନିତା ଦେଶାଇ ଥିଲେ ଜଣେ ମାର୍ଗଦର୍ଶକ । ତାଙ୍କ ଝିଅ କିରଣ ଦେଶାଇ 'ଦି ଇନ୍‌ହେରିଟାନ୍ସ ଅଫ୍ ଲସ୍' ଉପନ୍ୟାସ ରଚନା କରି ୨୦୦୭ ମସିହାରେ ମାତ୍ର ୩୫ବର୍ଷ ବୟସରେ ମ୍ୟାନ୍‌ବୁକର୍ ପୁରସ୍କାର ଲାଭକଲେ । ଉପନ୍ୟାସଟିରେ ରହିଛି ୧୯୯୦ ଦଶକ ମଧ୍ୟଭାଗର ବିଶ୍ୱୀକରଣ ବା ଭୂମଣ୍ଡଳୀକରଣ, ଆତଙ୍କବାଦ ଓ ଅପ୍ରବାସର କାହାଣୀ । ଯେତେବେଳେ ଅମିଶ୍ ତ୍ରିପାଠୀଙ୍କ ପ୍ରଥମ ଉପନ୍ୟାସ ଓ ଶିବ ଉପନ୍ୟାସତ୍ରୟୀର ପ୍ରଥମ ପୁସ୍ତକ 'ଦି ଇମୋର୍ଟାଲ୍ସ ଅଫ୍ ମେଲୁହା' ୨୦୧୦ ବର୍ଷରେ ପ୍ରକାଶ ପାଇଲା, ଭାରତୀୟ ଇଂରାଜୀ ଲେଖାରେ ଗୋଟେ ନୂଆ ଧାରା ବା ପ୍ରବାହର ପ୍ରଚଳନ ହେଲା- ପୌରାଣିକ ଉପନ୍ୟାସ । ଚେତନ ଭଗତଙ୍କ ସହିତ ସେ ମଧ୍ୟ ଥିଲେ ଇଂରାଜୀରେ ଲୋକପ୍ରିୟ ଲେଖାଗୁଡ଼ିକୁ ବ୍ୟବସାୟିକ ଦୃଷ୍ଟିରୁ ଯୋଗ୍ୟ କରିବା ଦିଗରେ ଜଣେ ମୁଖ୍ୟ ସଂଚାଳକ ।

ଉପରୋକ୍ତ କଥାକାରମାନଙ୍କ ଉପନ୍ୟାସ ଓ ଗଳ୍ପଗୁଡ଼ିକରେ ପରିସ୍ଥିତି, ଘଟଣା ଓ ଚରିତ୍ରମାନଙ୍କୁ ଖାପଖୁଆଇଲା ଭଳି ଶବ୍ଦ ପ୍ରୟୋଗ କରାଯାଇଛି । ଚରିତ୍ରମାନେ ପରସ୍ପର ସହିତ କଥା ହେଲାବେଳେ କିମ୍ବା ପରିସ୍ଥିତି, ଘଟଣା ପ୍ରତି ପ୍ରତିକ୍ରିୟା ପ୍ରକାଶ କଲାବେଳେ ସେମାନଙ୍କ ସ୍ୱରରେ ଯଥାର୍ଥ ଆବେଗ ଭରି ରହିଛି । ଉପନ୍ୟାସ କିମ୍ବା ଗଳ୍ପଟିଏ ଚଳଚ୍ଚିତ୍ରରେ ରୂପାୟିତ ହେଲେ ସଂଳାପ ଓ ସଙ୍ଗୀତଗୁଡ଼ିକରେ ଶବ୍ଦ ଓ ସ୍ୱରର ସମାନୁପାତିକ ଗୁରୁତ୍ୱ ରହୁଛି । ପାଠକ, ଦର୍ଶକ ଓ ଶ୍ରୋତାମାନଙ୍କୁ ସେହି ବାର୍ତ୍ତା ପ୍ରଦାନ କରୁଛି ପାୟଲ୍ କାପାଡ଼ିଆଙ୍କ ୨୦୨୪ ବର୍ଷର ଅଲ୍ ଉଇ ଇମାଜିନ୍ ଆଜ୍ ଲାଇଟ୍ ଚଳଚ୍ଚିତ୍ରଟି । ସ୍ୱାଧୀନତୋତ୍ତର ଭାରତର ସୃଜନ ସାହିତ୍ୟ ଓ କଳା କ୍ଷେତ୍ରରେ ଶବ୍ଦ ଓ ସ୍ୱରର ଏପରି ପ୍ରଭାବ ସତରେ ଅତ୍ୟନ୍ତ ଯାଦୁକରୀ ଓ ଚୁମ୍ବକୀୟ ।

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**ଧର୍ମଶାଳା, ଯାଜପୁର,**
**ମୋ-୯୮୫୩୨୮୨୯୬୨**

# ମହାଯୋଗୀ ଶ୍ରୀଅରବିନ୍ଦ

## ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

କେବଳ ଭାରତ କାହିଁକି ସମଗ୍ର ବିଶ୍ୱର ଆଧ୍ୟାତ୍ମିକ କ୍ଷେତ୍ରକୁ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଯୋଗଦାନ ଅଭୂତପୂର୍ବ । ବେଦ, ଉପନିଷଦ ସମେତ ଭାରତର ବିଭିନ୍ନ ଧର୍ମ ଗ୍ରନ୍ଥ ଅଧ୍ୟୟନ ଏବଂ ସେଗୁଡ଼ିକର ବ୍ୟାଖ୍ୟା କରି ନିଜ ଲେଖା ମାଧ୍ୟମରେ ସେ ଅନେକ କୃତି ଛାଡ଼ି ଯାଇଛନ୍ତି । ଯୋଗସାଧନା ଉପରେ ସେ ମୌଳିକ ଗ୍ରନ୍ଥ ରଚନା କରିଛନ୍ତି । ବିଶ୍ୱ ଦର୍ଶନ ଶାସ୍ତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ସମଗ୍ର ବିଶ୍ୱରେ ମହାଯୋଗୀଙ୍କ ସାଧନାର ବହୁ ଅନୁଗାମୀ ରହିଛନ୍ତି । ଶ୍ରୀଅରବିନ୍ଦଙ୍କ ବାଣୀ ଏବଂ ତାଙ୍କ ଦର୍ଶନ ଯୁଗ ଯୁଗ ଧରି ପ୍ରାସଙ୍ଗିକ ହୋଇ ରହିବ । ଏହି ମହାଗୁରୁ ବିଦେଶରୁ ଶିକ୍ଷା ଲାଭ କରିବା ସହ ସେ ଇଂରାଜୀ, ଜର୍ମାନ୍, ଫ୍ରେଞ୍ଚ, ଇଟାଲି ଆଦି ଭାଷାରେ ନିପୁଣତା ପ୍ରାପ୍ତ କରିଥିଲେ । ସେ ସଫଳତା ପୂର୍ବକ ଆଇସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏତେ ସବୁ ସଫଳତା ହାସଲ କରିବା ପରେ ବ୍ରିଟିଶ ସରକାର ଅଧିନରେ ଚାକିରି କରିବା ପରିବର୍ତ୍ତେ ସେ ଦେଶମାତୃକାରେ ସେବାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ଅଗଷ୍ଟ ୧୫- ସମଗ୍ର ଭାରତବାସୀଙ୍କ ପାଇଁ ଏକ ଗୌରବର ଦିବସ । ଏହି ଦିନ କେବଳ ଭାରତ ସ୍ୱାଧୀନ ହୋଇଥିଲା ତାହା ନୁହେଁ ବରଂ ଭାରତମାତାର ଜଣେ ଯୋଗ୍ୟତମ ସନ୍ତାନର ଏ ଧରା ପୃଷ୍ଠରେ ଆବିର୍ଭାବ ଘଟିଥିଲା । ଏଣୁ ପ୍ରତିବର୍ଷ ଭାରତବାସୀ ପରମ ଶ୍ରଦ୍ଧାରେ ଏକାଧାରରେ ସ୍ମରଣ କରିବେ ଯେ, ଏହି ଦିବସରେ ହୋଇଥିଲା ଭାରତର ସ୍ୱାଧୀନତା ଅଭ୍ୟୁଦୟ ଓ ସ୍ୱାଧୀନତାର ଅଗ୍ରଦୂତ ଶ୍ରୀଅରବିନ୍ଦଙ୍କ ଅଭ୍ୟୁଦୟ । ଶ୍ରୀଅରବିନ୍ଦ ପିତାମାତା ତାଙ୍କୁ ଆଦରରେ 'ଅରୋ' ବୋଲି ଡାକୁଥିଲେ । ସେ ଥିଲେ ପିତାମାତାଙ୍କର ତୃତୀୟ ସନ୍ତାନ । ତାଙ୍କ ବଡ଼ଭାଇଙ୍କ ନାମ ବିନୟ ଭୂଷଣ ଓ ମନ ମୋହନ । ଶ୍ରୀଅରବିନ୍ଦଙ୍କ ଜନ୍ମ ପରେ ଜନ୍ମଗ୍ରହଣ କରିଥିଲେ ଭଉଣୀ ସରୋଜିନୀ ଓ ସାନଭାଇ ବାରୀନ୍ଦ୍ର କୁମାର । ଡ. କୃଷ୍ଣଧନ ଘୋଷ ନିଜ ପିଲାମାନଙ୍କୁ ପାଶ୍ଚାତ୍ୟ ଶୈଳୀରେ ଗଢ଼ି ତୋଳିବାକୁ ଚାହୁଁଥିଲେ । ଅପରପକ୍ଷେ ସ୍ୱର୍ଣ୍ଣଲତା ଦେବୀ ଥିଲେ ଜଣେ ଧର୍ମପରାୟଣା, ଦେଶଭକ୍ତି, ଶିକ୍ଷିତା ନାରୀ । ଉଭୟଙ୍କ ଗୁଣାବଳୀ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥିଲା । କୃଷ୍ଣଧନ ଶ୍ରୀଅରବିନ୍ଦଙ୍କ ଲାଳନପାଳନ ଦାୟିତ୍ୱ ଜଣେ ଇଂରେଜ ଧାଈଙ୍କୁ ସମର୍ପି ଦେଲେ । ଅତି ଛୋଟ ବୟସରୁ ସେ ମାତୃସ୍ନେହରୁ ବଞ୍ଚିତ ହେଲେ । ପିଲାଟି ଦିନରୁ ଶ୍ରୀଅରବିନ୍ଦ ମାତୃସ୍ନେହ ଓ ମାତୃଭାଷାର ସ୍ୱାଦ ପାଇପାରିନଥିଲେ ବୋଲି ପରବର୍ତ୍ତୀ ସମୟରେ ସେ ଭାରତକୁ ଭଲଭାବେ ଚିହ୍ନି ପାରିଥିଲେ । ତେଣୁ ସେ କହୁଥିଲେ - 'ଭାରତ ଏକ ଜଡ଼ ପଦାର୍ଥ, ମାଟି, କ୍ଷେତ୍ର, ବନ, ପର୍ବତ, ନଦୀକୁ ନେଇ ଗଠିତ ଭୂଗର୍ଭ ନୁହେଁ । ଏ ହେଉଛି ସ୍ୱୟଂ ଜଗଜ୍ଜନନୀ ।

ପାଞ୍ଚବର୍ଷ ବୟସରୁ ଅରୋଙ୍କ ବାଲ୍ୟଶିକ୍ଷା ଆରମ୍ଭ ହେଲା । ପ୍ରଥମେ ସେ ଲୋରେଟୋ କନ୍‌ଭେ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ପ୍ରଥମେ ସେ ଲେରେଟୋ କନ୍‌ଭେ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ସାତବର୍ଷ ବୟସରେ ତାଙ୍କୁ ଦେଶ ଛାଡ଼ି ଯିବାକୁ ପଡ଼ିଲା । ତାଙ୍କ ମାତାଙ୍କ ମସ୍ତିଷ୍କ ରୋଗ ଚିକିତ୍ସା ପାଇଁ ପିତା କୃଷ୍ଣଧନ ସପରିବାର ଯାଇ ମାଞ୍ଚେଷ୍ଟରରେ ରହିଲେ । ସେଠାରେ ଡ୍ରୁଟେ ଦମ୍ପତିଙ୍କ ତତ୍ତ୍ୱାବଧାନରେ ଶ୍ରୀଅରବିନ୍ଦଙ୍କ ପାଠପଢ଼ା ଚାଲିଲା । ଏହି ବୟସରୁ ହିଁ ତାଙ୍କ ପ୍ରତିଭାର ବିକାଶ ଘଟିଲା । ତାଙ୍କୁ ଯାହା ଶିକ୍ଷା ଦିଆଯାଉଥିଲା ସେ ସଙ୍ଗେ ସଙ୍ଗେ ସବୁ ଶିଖି ଦେଉଥିଲେ । ଶ୍ରୀଅରବିନ୍ଦ ଥିଲେ ଶାନ୍ତ ସ୍ୱଭାବର ଓ ବିଚକ୍ଷଣ ପ୍ରତିଭାର ଅଧିକାରୀ । ମାତ୍ର ଦଶବର୍ଷ ବୟସରୁ ଲାଟିନ୍ ଓ ଇଂରାଜୀ ଭାଷାରେ ସୁନ୍ଦର କବିତା ଲେଖିବାକୁ ଆରମ୍ଭ କଲେ । ଏଗାର ବର୍ଷ ବୟସରେ ସେ ଅନ୍ତରରେ ଅନୁଭୂତି ଲାଭ କଲେ ଯେ ସାରା ଜଗତ ପାଇଁ ତାଙ୍କୁ ଭୂମିକା ଗ୍ରହଣ କରିବାକୁ ପଡ଼ିବ । ତେରବର୍ଷ ବୟସରେ ସେ ଲଣ୍ଡନ ଯାଇ ସେ ପଲ୍‌ସ ସ୍କୁଲରେ ଭର୍ତ୍ତି ହେଲେ । ସେଠାରେ ସେ ଗ୍ରୀକ୍ ଓ ଫରାସୀ ଭାଷା ଶିଖିଲେ । ଚଉଦ ବର୍ଷ ବେଳକୁ ସେ ଇଉରୋପରେ ଇଂରାଜୀ, ଲାଟିନ୍, ଗ୍ରୀକ୍, ଫରାସୀ, ଇଟାଲିୟାନ୍, ଜର୍ମାନୀ ଓ ସ୍ପେନିସ୍ ଏହି ପରି ସାତୋଟି ଭାଷାର ଅଧିକାରୀ ହୋଇ ସାରିଥିଲେ । ଏହି ସମୟରେ ତାଙ୍କୁ ନାନା ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ଟଙ୍କା ଅଭାବରୁ ବେଳେ ବେଳେ ସେ ଭୋକ ଉପାସରେ ରହୁଥିଲେ । ଶୀତରେ ଘୋଡ଼େଇ ହେବାପାଇଁ ତାଙ୍କ ନିକଟରେ ଚଦରଟିଏ ନଥିଲା ।

ଶ୍ରୀଅରବିନ୍ଦ ଲଣ୍ଡନରେ ରହି ପାଠ ପଢୁଥିବା ସମୟରେ ତାଙ୍କ ପିତା କୃଷ୍ଣଧନ ତାଙ୍କ ଭିତରେ ଦେଶ ପ୍ରେମର ବୀଜପବନ କରିଥିଲେ । ସେ ସମୟରେ ଭାରତୀୟମାନଙ୍କ ପ୍ରତି ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ବିଷୟରେ ଚିଠି ଲେଖି ଜଣାଉଥିଲେ । ଏସବୁ ପଢ଼ି ଶ୍ରୀଅରବିନ୍ଦଙ୍କ ମନରେ ଦେଶପ୍ରେମର ଭାବ ଜାଗ୍ରତ ହେଲା । ଏହାଥିଲା ଦେଶ କାର୍ଯ୍ୟ ପାଇଁ ଅୟମାରମ୍ଭ । ପରାଧୀନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ସେ ତାଙ୍କ ସମଗ୍ର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ପରାଧୀନତାର ରୁକ୍ଷ ମରୁଭୂମିରେ ସ୍ୱାଧୀନତା - ମନ୍ଦାକିନୀର ଆଦ୍ୟ ଧାରା ବୁହାଇଥିଲେ । ସମଗ୍ର ଭାରତବର୍ଷ ଓ ମାନବ ଜାତି ପାଇଁ ତାଙ୍କ ଅବଦାନ ଅତୁଳନୀୟ । ପରବର୍ତ୍ତୀ ସମୟରେ ଏହି ଅସାଧାରଣ ବାଳକ 'ଶ୍ରୀଅରବିନ୍ଦ' ନାମରେ ପରିଚିତ ହେଲେ । ସୌଭାଗ୍ୟବଶତଃ ତାଙ୍କ ଜନ୍ମ ତିଥିରେ ହିଁ ଭାରତ ସ୍ୱାଧୀନ ହେଲା । ତାଙ୍କ ସମଗ୍ର ଜୀବନ ବିଷୟରେ ବର୍ଣ୍ଣନା କରିବା କିମ୍ବା ଜାଣିବା ଆମର ଜ୍ଞାନର ପରିସୀମା ବାହାରେ କିନ୍ତୁ ସାଧନା ଓ ଅଧ୍ୟବସାୟ ଥିଲେ ସେହି ମହାପୁରୁଷଙ୍କ ବିଷୟରେ ଜାଣି ପାରିବା । ତାଙ୍କ ଜୀବନ ଆଦର୍ଶକୁ ଗ୍ରହଣ କଲେ ଆମ ଜୀବନ ମଧ୍ୟ ସାର୍ଥକ ହୋଇପାରିବ । ଜୀବନର ଅନ୍ତିମ ସମୟ ସେ ଆଧ୍ୟାତ୍ମିକ ଜୀବନ ଯାପନ କରିଥିଲେ । ପଣ୍ଡିଚେରୀ ଚାଲିଯାଇ ଯୋଗ ସାଧନା, ବେଦ, ଉପନିଷଦ ଅଧ୍ୟୟନ ଏବଂ ଆଲୋଚନାରେ ସମୟ ଅତିବାହିତ କରିଥିଲେ । ୧୯୫୦ ମସିହା ଡିସେମ୍ବର ୫, ରାତ୍ର ୧.୨୦ ମିନିଟ୍ ସମୟରେ ୭୮ ବର୍ଷ ବୟସରେ ମହାଯୋଗୀ ଦେହତ୍ୟାଗ କରିଥିଲେ ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ,**
**ଶିଶୁରୋଗ ବିଭାଗ, ଫକୀରମୋହନ**
**ମେଡ଼ିକାଲ କଲେଜ, ବାଲେଶ୍ୱର**

# ପଦ୍ମପାଦ

ଆଚାର୍ଯ୍ୟ ଶଙ୍କରଙ୍କ ପ୍ରିୟ ଶିଷ୍ୟ ସନନ୍ଦନ ନିଜର ପ୍ରତିଭା, ନିଃସ୍ୱାର୍ଥ ପ୍ରେମ, ଶ୍ରଦ୍ଧା ,ବିଦ୍‌ବତ୍ତା ଏବଂ ପବିତ୍ରତା ଅନନ୍ୟ ଗୁରୁଭକ୍ତି ଯୋଗୁ ସମସ୍ତ ଶିଷ୍ୟଙ୍କ ଅପେକ୍ଷା ବିଶେଷ କୃପାର ଅଧିକାରୀ ହୋଇ ପାରିଥିଲେ । ଆଚାର୍ଯ୍ୟ ଶଙ୍କରଙ୍କ ପ୍ରିୟ ଶିଷ୍ୟ ସନନ୍ଦନ ହୋଇଥିବା ଜାଣି ଅନ୍ୟ ଶିଷ୍ୟମାନେ ତାଙ୍କୁ ଈର୍ଷା କରିବାକୁ ଲାଗିଲେ । ଏକଥା ଗୁରୁ ଶଙ୍କରଙ୍କୁ ଅଛପା ରହିଲା ନାହିଁ । ସେ ନିଷ୍ପତ୍ତି ନେଲେ ଯେ, ସମସ୍ତ ଶିଷ୍ୟଙ୍କୁ ସନନ୍ଦନଙ୍କ ଗୁରୁଭକ୍ତି ସହିତ ପରିଚିତ କରାଇ ସେମାନଙ୍କ ଭ୍ରମ ଦୂର କରିବେ । ଏଭଳି କିଛି ଦିନ ପରେ ଦିନେ ସନନ୍ଦନ କୌଣସି କାମରେ ଅଳକାନନ୍ଦା ନଦୀର ଆର ପାରିକୁ ସେଠାରେ ଥିବା ଏକ ଛୋଟ ପୋଲ ସାହାଯ୍ୟରେ ଯାଇଥିଲେ । ଏପଟେ ଆଚାର୍ଯ୍ୟ ଶଙ୍କର ଅନ୍ୟ ଶିଷ୍ୟମାନଙ୍କ ସହ ନଦୀ କୂଳରେ ବସିଥିଲେ । ସେତେବେଳକୁ ନଦୀର ପ୍ରବାହ ଖୁବ୍ ପ୍ରଖର ଥିଲା । ହଠାତ୍ ଆଚାର୍ଯ୍ୟ ଶଙ୍କର ଅତ୍ୟନ୍ତ କରୁଣ ସ୍ୱରରେ ସନନ୍ଦନକୁ ଡାକିବା ଆରମ୍ଭ କରିଦେଲେ, ସନନ୍ଦନ, ସନନ୍ଦନ ଶୀଘ୍ର ଆସ । ଗୁରୁଙ୍କ କରୁଣ ଚିତ୍କାର ଶୁଣି ବ୍ୟାକୁଳ ହୋଇ ଧାଇଁବାକୁ ଲାଗିଲେ, ମନେ ମନେ ଭାବିବାକୁ ଲାଗିଲେ, ଗୁରୁଦେବ ନିଶ୍ଚିତ କୌଣସି ଅସୁବିଧାରେ ପଡିଛନ୍ତି । ମୋତେ ତାଙ୍କ ନିକଟକୁ ତୁରନ୍ତ ଯିବାକୁ ପଡିବ, କିନ୍ତୁ ପୋଲ ବାଟ ଦେଇ ଗଲେ ଅନେକ ସମୟ ଚାଲି ଯିବ । ଏହା ଭାବି କିଛି ଚିନ୍ତା କରିବା ପୂର୍ବରୁ ଫୁଲି ଉଠି ଥିବା ଅଳକାନନ୍ଦା ନଦୀକୁ ଡେଇଁ ପଡ଼ିଲେ । ଯେଉଁ ନଦୀର ପ୍ରବାହରେ ବଡ ବଡ ସନ୍ତରଣକରୀ ହାରି ଯାଆନ୍ତି, ସେଠାରେ ସନନ୍ଦନ୍ ନିଜ ଜୀବନକୁ ବାଜି ଲଗାଇ ଦେଲେ ।

ଏହା ଦେଖି ଶିଷ୍ୟମାନେ ତାଙ୍କ ମୃତ୍ୟୁ ସୁନିଶ୍ଚିତ ବୋଲି ଧରି ନେଲେ । କିନ୍ତୁ ସନନ୍ଦନଙ୍କ ଅସୀମ ଗୁରୁ ଭକ୍ତି ଦେଖି ଅଳକାନନ୍ଦା ବି ତାଙ୍କର ସାହାଯ୍ୟ ପାଇଁ ବ୍ୟାକୁଳ ହେଲେ । ସେ ସନନ୍ଦନଙ୍କ ପ୍ରତ୍ୟେକ ପାଦ ତଳେ ପଦ୍ମ ଫୁଲ ଫୁଟାଇବାକୁ ଲାଗିଲେ, ଯାହା ଉପରେ ପାଦ ରଖି ରଖି ତୁରନ୍ତ ଆଚାର୍ଯ୍ୟ ଶଙ୍କରଙ୍କ ଚରଣ କମଳ ନିକଟରେ ପହଞ୍ଚିଗଲେ । ଅନ୍ୟ ଶିଷ୍ୟମାନେ ଏଭଳି ଅଲୌକିକ ଦୃଶ୍ୟ ଦେଖି ଅବାକ୍ ହେଇଗଲେ । ସମସ୍ତ ଶିଷ୍ୟ ମୁଣ୍ଡ ନୁଆଇଁ ନିଜ ଭୁଲ ସ୍ୱୀକାର କରି ଅନୁତାପ କଲେ । ସେଦିନ ଆଚାର୍ଯ୍ୟ ସନନ୍ଦନଙ୍କ ଏଭଳି ଗୁରୁ ଭକ୍ତି ଦେଖି ଗଦ୍ ଗଦ ହୋଇ ସମସ୍ତ ଶିଷ୍ୟଙ୍କୁ କହି ଉଠିଲେ, ଆଜି ଠାରୁ ସନନ୍ଦନ ପଦ୍ମପାଦ ନାମରେ ପ୍ରସିଦ୍ଧ ହେବେ । ଆମେ ମଧ୍ୟ ନିଜର ମନକୁ ନିର୍ମଳ,ନିର୍ବିକାର ଓ ଆଜ୍ଞାକାରୀ ହେବାକୁ ପଡ଼ିବ ଯଦ୍ୱାରା ଆମର ହୃଦୟ କମଳ ଫୁଟି ଉଠିବ,ଆମ ସୁପ୍ତ ଶକ୍ତି ଜାଗ୍ରତ ହୋଇ ପାରିବ ଏବଂ ଆମେ ଈଶ୍ୱରଙ୍କ ବିଶେଷ କୃପାପାତ୍ର ହୋଇ ପାରିବା ।

**ପ୍ରଭାତ କୁମାର ମହାପାତ୍ର,**
**ସ୍ୱାମୀ ବିବେକାନନ୍ଦ ବନ ଭାରତୀ**
**ବିଦ୍ୟାପୀଠ, କୋରାପୁଟ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ
ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପରାକ୍ରମ...

ଡିସେମ୍ବର ୪ ତାରିଖରେ ଆମେ ୧୯୭୧ ଯୁଦ୍ଧରେ ଆମର ଗୌରବମୟ ବିଜୟର ସ୍ମୃତିକୁ ପାଳନ କରୁଛୁ ଏବଂ ମାତୃଭୂମିର ରକ୍ଷା ପାଇଁ ନୌସେନା କର୍ମଚାରୀଙ୍କ ନିଃସ୍ୱାର୍ଥପର ସେବା ଏବଂ ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରୁଛୁ । ଭାରତୀୟ ନୌସେନାର ସମସ୍ତ ଯବାନଙ୍କ ନିକଟରେ ଭାରତ କୃତଜ୍ଞ ଏବଂ ସମ୍ମାନ ଓ ସାହସର ସହ ଦେଶ ସେବା କରିଥିବାରୁ ପ୍ରତ୍ୟେକ ଭାରତୀୟ ସେମାନଙ୍କୁ ଆଜି ଅଭିନନ୍ଦନ ଜଣାଉଛନ୍ତି ।

ରାଷ୍ଟ୍ରପତି କହିଥିଲେ ଯେ ଭାରତର ଭୌଗୋଳିକ ସ୍ଥିତି ଆମକୁ ଏକ ମହାନ ସାମୁଦ୍ରିକ ରାଷ୍ଟ୍ର ହେବା ପାଇଁ ଆବଶ୍ୟକ ସମସ୍ତ ଉପାଦାନ ପ୍ରଦାନ କରିଛି । ସୁଦୀର୍ଘ ସମୁଦ୍ର କୂଳ, ଦ୍ୱୀପାଞ୍ଚଳ, ସମୁଦ୍ରରେ ଯାତ୍ରା କରୁଥିବା ଜନସଂଖ୍ୟା ଏବଂ ବିକଶିତ ସାମୁଦ୍ରିକ ଭିତ୍ତିଭୂମି ୫,୦୦୦ ବର୍ଷ ପୂର୍ବରୁ ଭାରତର ଉପକୂଳ ଏବଂ ସାମୁଦ୍ରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିଥିଲା । ଏକ ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ଓ ଇତିହାସର ସ୍ମୃତିକୁ ବହନ କରିବା ଏବଂ ସମ୍ଭାବନାପୂର୍ଣ୍ଣ ଭବିଷ୍ୟତର ଆଶା ନେଇ ଆଗକୁ ବଢିବା ସହିତ ଭାରତ ଏକ ଦୃଢ ସାମୁଦ୍ରିକ ରାଷ୍ଟ୍ର ପାଲଟିଛି । ଆମର ସୌଭାଗ୍ୟ, ଗୌରବ ଏବଂ ପରିଚୟ ସାଗର ଦ୍ୱାରା ପରିଭାଷିତ ହୋଇଥାଏ । ୨୦୪୭ ସୁଦ୍ଧା ଆମକୁ ବିକଶିତ ଭାରତରେ ପରିଣତ କରିବା ପାଇଁ ଭାରତୀୟ ନୌସେନା ସାମୁଦ୍ରିକ ନିରାପତ୍ତା ସୁନିଶ୍ଚିତ କରିବା ଜାରି ରଖିବ ବୋଲି ସେ ଦୃଢ଼ବିଶ୍ୱାସ ବ୍ୟକ୍ତ କରିଥିଲେ ।

'ନାରୀ ଶକ୍ତି'କୁ ଉପଯୁକ୍ତ ଅଭିବୃଦ୍ଧିର ସୁଯୋଗ ପ୍ରଦାନ କରିବାରେ ନୌସେନାର ଅଗ୍ରଣୀ ପ୍ରୟାସକୁ ରାଷ୍ଟ୍ରପତି ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ପ୍ରଥମ ସେନା ବିଭାଗ ରୂପେ ନୌସେନା ମହିଳା ଅଗ୍ନିବୀରମାନଙ୍କୁ ସାମିଲ କରିଥିଲା । ଦୁଇ ଜଣ ମହିଳା ନୌସେନା ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଦିଲନା କେ ଏବଂ ଲେଫ୍ଟନାଣ୍ଟ କମାଣ୍ଡର ରୂପା 'ନାଭିକ ସାଗର ପରିକ୍ରମା-୨ର ଅଂଶବିଶେଷ ଭାବରେ ଆଇଏନଏସଭି ତାରିଣୀରେ ବିଶ୍ୱ ପରିକ୍ରମା କରି ଏହି ନୂଆ ପରିବର୍ତ୍ତିତ ଧାରାର ସର୍ବୋତ୍ତମ ଉଦାହରଣ ପ୍ରଦାନ କରିଛନ୍ତି ।

## ୨୦୨୫ ସୁଦ୍ଧା...

ରୁମ୍‌ରେ ବସି ବାତ୍ୟାର ତୀବ୍ରତା ଦେଖିଥିଲେ । ଏହି ସମୟରେ ମୁଖ୍ୟମନ୍ତ୍ରୀ ୫ଥର ସମୀକ୍ଷା ମଧ୍ୟ କରିଥିଲେ । ବିରୋଧୀଙ୍କୁ କଟାକ୍ଷ କରି ଦାନାକୁ ଦାନା ବାନ୍ଧିବା ପାଇଁ ଆମେ ଦେଇନୁ ବୋଲି କହିଥିଲେ । ଲ୍ୟାଣ୍ଡ୍‌ଫଲ କରିବା ସମୟରେ ପବନର ବେଗ ୧୧୦କିମି ରହିଥିଲା । ସେହିପରି ଉପମୁଖ୍ୟମନ୍ତ୍ରୀମାନଙ୍କୁ ବାତ୍ୟା ପରିଚାଳନା ଲାଗି ବିଭିନ୍ନ ଜିଲ୍ଲା ଦାୟିତ୍ୱ ଦିଆଯିବା ସହ ସେଠାରେ ରାତ୍ରିଯାପନ କରିଥିଲେ ସେମାନେ । ବାତ୍ୟା ଦୁର୍ବଳ ହେବା ପରେ କ୍ଷୟକ୍ଷତି ଆକଳନ ରିପୋର୍ଟ ୭ଦିନ ଭିତରେ ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାର ଅଷ୍ଟମ ଦିନ ବାତ୍ୟା କ୍ଷୟକ୍ଷତି ଟଙ୍କା ଜିଲ୍ଲାପାଳମାନଙ୍କୁ ପଠାଯାଇଥିଲା । ଏହାର ୭ଦିନ ଭିତରେ ସମସ୍ତ ଟଙ୍କା ହିତାଧିକାରୀଙ୍କ ପାଖରେ ପହଞ୍ଚି ସାରିଥିଲା ।

ବିଜେଡି ବିଧାୟକ ନିରଞ୍ଜନ ପୂଜାରୀଙ୍କୁ ନିରଞ୍ଜନ ବାବୁ ସମ୍ବୋଧନ କରି କିଏ କେତେଦିନ ରହିବ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । କିଏ ବେଶୀ କାମ କରିବ ତାହା ବେଶୀ ଗୁରୁତ୍ୱ ବହନ କରେ । ୩୦ବର୍ଷରେ ୧୦୦ଗାଁକୁ ରାଜସ୍ୱ ଗାଁ ମାନ୍ୟତା ମିଳିଛି । ଏଥିରୁ ୨୪ବର୍ଷ ଶାସନ ନବୀନ ପଟ୍ଟନାୟକ ସରକାର କରିଥିଲେ । ତେବେ କେତେ ଗାଁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଛି, ତାହା ଏଥିରୁ ସ୍ପଷ୍ଟ ବାରି ହେଉଛି । ୫ମାସ ଭିତରେ ସରକାରୀ ଜମିରେ ଗୋଟିଏ ବି ଜବରଦଖଲ ଦେଖିନାହୁଁ । ଯେଉଁ ଗରିବ ଲୋକ ୪ଡିସିମିଲି ଜମିରେ ରହୁଛନ୍ତି, ସେମାନଙ୍କୁ ପଟ୍ଟା ସହ ଆବଶ୍ୟକ ଘର ଯୋଗାଇ ଦିଆଯିବ । ବଡବଡିଆଙ୍କୁ ଛାଡିବୁନି । ଯେଉଁମାନେ କି ସରକାରୀ ଜମିରେ ନବଶ୍ଚୁମ୍ବୀ ଅଟ୍ଟାଳିକା ଛିଡା କରିଛନ୍ତି, ସେଗୁଡିକ ଉପରେ ବୁଲ୍‌ଡୋଜର ବୁଲାଇବୁ । କେତେକ ଜମିରେ ରହିତାଦେଶ ଥିବାରୁ ତାହା ଅସୁବିଧା ହେଉଛି । ସରକାର ଖୁବ୍‌ଶୀଘ୍ର ପକ୍ଷଭୁକ୍ତ ହୋଇ ରହିତାଦେଶ ହଟାଗଲା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ବଡ ବଡ ଅଟ୍ଟାଳିକା ମାଟିରେ ମିଶିବ ।

ରାଜ୍ୟରେ ବହୁତ ଭୂମିହୀନ ଲୋକ ଅଛନ୍ତି । ସେମାନେ ବାସଗୃହ ପାଇବାରୁ ବଞ୍ଚିତ ହେଉଛନ୍ତି । ପ୍ରତ୍ୟେକ ମାସର ଶେଷ ଶନିବାର ବିଡିଓ ଓ ତହସିଲଦାର ଏକାଠି ବସି କେଉଁମାନଙ୍କ ଜମି ନାହିଁ, ସେମାନଙ୍କ ପାଇଁ ଜମି ଚିହ୍ନଟ କରାଯାଇ ପଟ୍ଟା ବଣ୍ଟନ କରାଯିବା ସହ ଆବାସ ଗୃହ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଚକବନ୍ଦୀ ଆମେ କ'ଣ କରିଥିଲୁ ବୋଲି ସେ ପ୍ରଶ୍ନ କରିଥିଲେ । ହାଇଟେକ୍ ସର୍ଭେରେ ସମାଧାନ କମ୍, ବେଶୀ ସମସ୍ୟା ସୃଷ୍ଟି ହୋଇଛି । ପାର୍ଟ ପ୍ଲଟ୍ (ଆଂଶିକ ଜମି) ବିକ୍ରି ପାଇଁ ଆଲୋଚନା କରିବୁ । ଦରକାର ପଡିଲେ ଆଇନରେ ମଧ୍ୟ ସଂଶୋଧନ ଆଣିବୁ । ଯେଉଁଠି ଆବଶ୍ୟକ ପଡୁଛି ସେଠାରେ ନୂତନ ତହସିଲ ନିର୍ମାଣ ହେବ। ପ୍ରତ୍ୟେକ ପଞ୍ଚାୟତରେ ଆର୍‌ଆଇ କାର୍ଯ୍ୟାଳୟ ରହିବ । ପୂର୍ବରୁ ଅଜାକୁ ଜମି କିମ୍ବା ଜମିର ପଟ୍ଟା ମିଳିଥିବା ବେଳେ ଏବେ ନାତିକୁ ନ୍ୟାୟ ଦେବୁ ଆମେ । ବସୁନ୍ଧରା ଯୋଜନାରେ ୭ ହଜାରରୁ ଅଧିକ ପଟ୍ଟା ଲୋକଙ୍କୁ ଦିଆଯାଇଛି । ଏ ସରକାର କାର୍ଯ୍ୟକାଳ ସରିବା ପୂର୍ବରୁ ସମସ୍ତ ଭୂମିହୀନଙ୍କୁ ଜମି ଓ ଜମି ପଟ୍ଟା ମିଳିବ । ସେହିଭଳି ୭୦ଭାଗ ଶିକ୍ଷାନୁଷ୍ଠାନ ଗୁଡିକର ନିଜସ୍ୱ ଜମି ନଥିଲା । ଡିସେମ୍ବର ୩୦ ତାରିଖ ସୁଦ୍ଧା ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକୁ ଜମି ପଟ୍ଟା ଦେବୁ । ତେବେ ଶିକ୍ଷକମାନେ ପାଠ ପଢା ଛାଡି ତହସିଲ ଯିବେ ନାହିଁ । ତହସିଲଦାର ନିଜେ ଯାଇ ଶିକ୍ଷକମାନଙ୍କୁ ଜମି ପଟ୍ଟା ଦେବେ । ରାଜା ବିକ୍ରମାଦିତ୍ୟ ସିଂହାସନ ଉପାଖ୍ୟାନ ଶୁଣାଇଥିଲେ ଶ୍ରୀ ପୂଜାରୀ । ସେ କହିଥିଲେ, ବିକ୍ରମାଦିତ୍ୟଙ୍କ ମୃତ୍ୟୁ ପରେ ଏକ ଗାଈଚରାଳି ଜଙ୍ଗଲ ରାସ୍ତା ଦେଇ ପାହାଡ ଉପରକୁ ଗାଈ ଚରାଇବାକୁ ଯାଏ । ତେବେ ପାହାଡ ଉପରେ ପହଞ୍ଚିଲା ପରେ ବିଚାର ବଦଳି ଯିବା ସହ ରାଜାଙ୍କ ଭଳି ନ୍ୟାୟ କରିଥାଏ । ହେଲେ ଯେତେବେଳେ ସେ ତଳକୁ ପଳାଇ ଆସେ ତା'ର ବୁଦ୍ଧି ଗାଈଚରାଳି ଭଳି ହୋଇଥାଏ । ପାହାଡ ତଳେ କ'ଣ ରହିଛି ବୋଲି ଖୋଳାଯିବା ପରେ ଜଣାପଡିଲା ଯେ ବିକ୍ରମାଦିତ୍ୟଙ୍କ ସିଂହାସନ ଥିଲା । ଏଥିରେ ସ୍ପଷ୍ଟ ଯେ, ସିଂହାସନ ହିଁ ସେହି ଗାଈଚରାଳିର ବୁଦ୍ଧି ବ୍ୟବହାରକୁ ପରିବର୍ତ୍ତନ କରୁଥିଲା । ଆମେ କାହାକୁ ସମାଲୋଚନା କରୁନୁ, ଭଲ ପ୍ରସ୍ତାବ ଆସିଲେ ଆମେ ଗ୍ରହଣ କରିବୁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ।

## ଦୁର୍ଘଟଣାରେ...

ସାଇକେଲରେ ଆସୁଥିବା ୨ ଯୁକ୍ତ ୨ ରେଛାତ୍ରଙ୍କୁ ଏକ ପିକଅପ ଭ୍ୟାନ ଧକ୍କାଦେବାରୁ ସେମାନଙ୍କର ମୃତ୍ୟୁ ହୋଇଛି। ମୃତକ ଛାତ୍ରଦ୍ୱୟ ହେଲେ ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର ଗ୍ରାମ ନାରାୟଣ ଦାସଙ୍କ ପୁଅ ଅଂଶୁମାନ ଦାସ (୧୭) ଏବଂ ପ୍ରମୋଦ କୁମାର ବେହେରାଙ୍କ ପୁଅ ସୌମ୍ୟରଞ୍ଜନ ବେହେରା (୧୭)ଜଣାପଡିଛି। ଉଭୟ ଦୁଇ ସାଙ୍ଗ ହୋଇ ଥିବା ବେଳେ ଅଂଶୁମାନ କଖଡି କଲେଜରେ ପଢୁଥିବା ବେଳେ ସୌମ୍ୟରଞ୍ଜନ ଖୁଣ୍ଟୁଣୀ ର ରାଧାନାଥ ରଥ କଲେଜରେ ଯୁକ୍ତ ଦୁଇ ପଢୁଥିଲେ। ଉଭୟି ଅପରାହ୍ନରେ ନଣ୍ଡାଇଲୋ ଗ୍ରାମ ରୁ ସାଇକେଲ ରେ ଘରକୁ ଫେରୁଥିବାବେଳେ କନ୍ଦରପୁର ବାଲିଆ ପଠା ବାଙ୍କ ନିକଟରେ ଆଠଗଡ଼ ପଟରୁ ଏକ ପିକ ଅପ୍ ଭ୍ୟାନ ଦ୍ରୁତ ଗତିରେ ଯାଇ ଉଭୟଙ୍କୁ ଧକ୍କା ଦେଇ ଓଲଟି ପଡିଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରା ଯାଇଥିବା ବେଳେ ଅଂଶୁମାନଙ୍କୁ ଏଠାରେ ଡାକ୍ତର ମୃତ ଘୋଷଣା କରିଥିଲେଛ ତେବେ ସୌମ୍ୟରଞ୍ଜନଙ୍କୁ କଟକ ସ୍ଥାନାନ୍ତରିତ କରା ଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଆଠଗଡ଼ ଡାକ୍ତରଖାନାରେ ମୃତ ଅଂଶୁମାନ ଙ୍କ ଶବ ବ୍ୟବଚ୍ଛେଦ କରି ପରିବାର କୁ ହସ୍ତାନ୍ତର କରା ଯାଇଥିବା ବେଳେ ଆସନ୍ତା କାଲି ସୌମ୍ୟରଞ୍ଜନ ଙ୍କ ଶବ ଗ୍ରାମ କୁ ଆସିବ ବୋଲି ଜଣାପଡିଛି। ଘଟଣା ଘଟିବା ପରେ ସେଠାରେ ଉତ୍ତେଜନା ଦେଖା ଯାଇଥିବା ସହିତ ରାସ୍ତା ଉପରେ ପିକ ଅପ୍ ଭ୍ୟାନଟି ଓଲଟି ପଡି ଥିବା ଯୋଗୁଁ ସେହି ରାସ୍ତା ରେ ଯାତାୟାତ ଠପ୍ ହୋଇ ଯାଇଥିଲା। ଖବର ପାଇ ଆଠଗଡ଼ ପୋଲିସ ସହିତ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ଲୋକ ମାନଙ୍କୁ ବୁଝାସୁଝା କରିବା ସହିତ ରାସ୍ତା ଉପରୁ ଦୁର୍ଘଟଣା ଗ୍ରସ୍ତ ଗାଡ଼ି ହଟାଇବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ଉଭୟ ପରିବାରକୁ ରେଡ଼କ୍ରସ୍ ତରଫରୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ଦିଆ ଯାଇ ଥିବା ସହିତ ଆଠଗଡ଼ ଥାନା କେସ ନଂ ୩୫୨ /୨୪ ଅନୁସାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିବା ଆଠଗଡ଼ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି।

## ମହାରାଷ୍ଟ୍ର...

ଘୋଷଣା କରିଛନ୍ତି । ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣାର ୧୧ ଦିନ ପରେ ମୁଖ୍ୟମନ୍ତ୍ରୀ କିଏ ହେବେ ତାହା ଭାରତୀୟ ଜନତା ପାର୍ଟି ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି । ଏ ନେଇ ଉଭୟ ଦିଲ୍ଲୀ ଓ ମୁମ୍ବାଇରେ ଦଳକୁ ଅନେକ କସରତ କରିବାକୁ ପଡ଼ିଛି । ବିଦାୟୀ ମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ସିନ୍ଦେ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବାକୁ ଅଡ଼ି ବସିବାରୁ ନୂଆ ସରକାର ଗଠନ ବିଳମ୍ବିତ ହୋଇଥିଲା । ଶେଷରେ ନୂଆ ସରକାରରେ ଉପମୁଖ୍ୟମନ୍ତ୍ରୀ ହେବାକୁ ସିନ୍ଦେ ରାଜି ହେବା ପରେ ଆଜି ମହାରାଷ୍ଟ୍ର ବିଜେପିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଦେବେନ୍ଦ୍ର ଫଡ଼ନାବିସ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ଘୋଷଣା କରାଯାଇଛି । ସେ ଆଜି ରାଜ୍ୟପାଳଙ୍କୁ ଭେଟି ନୂଆ ସରକାର ଗଠନ କରିବାକୁ ଦାବି ଉପସ୍ଥାପନ କରିବେ । ଆଜି ବିଜେପି ବିଧାୟକ ଦଳର ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଏହି ବୈଠକରେ ଦେବେନ୍ଦ୍ର ଫଡ଼ନାବିସଙ୍କୁ ବିଧାୟକ ଦଳ ନେତା ଭାବେ ସର୍ବସମ୍ମତିରେ ନିର୍ବାଚିତ କରାଯାଇଥିଲା । ଏହା ପରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରିଥିଲେ ଓ ଦେବେନ୍ଦ୍ର ଫଡ଼ନାବିସଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ମହାରାଷ୍ଟ୍ର ବିଧାନସଭା ନିବାଚନରେ ରାଜ୍ୟର ୨୮୮ ଆସନରୁ ବିଜେପି ଏକାକି ୧୩୨ ଆସନରେ ବିଜୟୀ ହୋଇଛି ।ଏହାର ସହଯୋଗୀ ଦଳ ଭାବେ ସିନ୍ଦେଙ୍କ ଶିବେସନା ୫୭ ଓ ଅଜିତ ପାୱାରଙ୍କ ଏନସିପି ୪୧ ଆସନ ହାସଲ କରିଛନ୍ତି । ଏହି ମେଣ୍ଟ ବିଧାନସଭାରେ ମୋଟ ୨୩୦ ଆସନ ହାସଲ କରିଛି ।

# ନାବାଳିକାକୁ ଗଣଦୁଷ୍କର୍ମ, ୪ ଗିରଫ

ସମ୍ବଲପୁର (ସବ୍ୟୁ) : ୧୪ ବର୍ଷିୟା ନାବାଳିକାକୁ ଗଣଦୁର୍ଷ୍କମ ଅଭିଯୋଗରେ ମହୁଲପାଲି ପୋଲିସ ୪ଜଣଙ୍କୁ ଗିରଫ କରିଛି । ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତଙ୍କ ଠାରୁ ଏକ ବାଇକ, ୭୫୦ଟଙ୍କା ଓ ୫ଟି ମୋବାଇଲ ଫୋନ ଜବତ ହୋଇଛି । ସୂଚନାଯୋଗ୍ୟ, ଗତ ୩୦ତାରିଖ ପୀଡିତା ନାବାଳିକା ନିଜ ସମ୍ପର୍କୀୟ ସହ ରଙ୍ଗବତୀ ବିଲୁଙ୍ଗ ଗ୍ରାମକୁ ଅପେରା ଦେଖିବାକୁ ଯାଇଥିଲେ । ରାତି ପ୍ରାୟ ୨ଟା ସମୟରେ ଏମାନେ ଫେରୁଥିବା ବେଳେ ଅଭିଯୁକ୍ତ ମାନେ ଏକ ବାଇକରେ ଆସି ପୀଡିତା ନାବାଳିକା ଓ ସମ୍ପର୍କୀୟ ବିରାଜିନୀ ତୁରୀଙ୍କୁ ବିଲୁଙ୍ଗ ବ୍ରିଜ ନିକଟରେ ଅଟକାଇଥିଲେ । ସେମାନଙ୍କ ଟଣାଓଟରା କରିବା ସହ ମୋବାଇଲ ଫୋନ ଓ ଟଙ୍କା ଲୁଟି ନେଇଥିଲେ । ତେବେ କୌଣସି ମତେ ବିରାଜିନୀ ଏମାନଙ୍କ ଠାରୁ ଖସି ପଳାଇବା ସକ୍ଷମ ହୋଇଥିଲେ । ଏହାପରେ ଅଭିଯୁକ୍ତ ମାନେ ଏହି ନାବାଳିକାକୁ ବଳପୂର୍ବକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏନେଇ ପୀଡିତାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ୧୮୮/୨୪ରେ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରିଥିଲା । ତଦନ୍ତ ବେଳେ ସୁନ୍ଦରଗଡ ଜିଲ୍ଲା ନୂଆପାଲିର ଅନୀଲ ମିଞ୍ଜ(୨୭), କରମାବାହାଲର ସରୋଜ ଏକ୍କା(୨୪), ସମ୍ବଲପୁର ଜିଲ୍ଲା ବିଲୁଙ୍ଗ ଗ୍ରାମର ଜିତେନ୍ଦ୍ର ଭଞ୍ଜ(୧୯) ଓ ଲଡିପଡାର ଗୋବିନ୍ଦ କିସାନ(୨୮)ଙ୍କୁ ଗିରଫ କରିଛି । ଡାକ୍ତରୀ ମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ପୂର୍ବରୁ କୁଚିଣ୍ଡା ଥାନା ଅନ୍ତର୍ଗତ ହାଡିପାଲି ଗ୍ରାମର ୧୪ବର୍ଷିୟା ନାବାଳିକାକୁ ଗତ ଅକ୍ଟୋବର ୧୫ତାରିଖ ରାତିରେ ୫ଜଣ ଯୁବକ ବଳପୂର୍ବକ ଅପହରଣ କରି ନେଇଥିଲେ । ସେମାନେ ଗଣଦୁଷ୍କର୍ମ କରିଥିଲେ । ଏହି ଘଟଣାରେ ବ୍ୟବହୃତ କାର ସହ ପୋଲିସ ୪ଜଣଙ୍କୁ ଗିରଫ କରିଥିଲା । କୁଚିଣ୍ଡା ଉପଖଣ୍ଡରେ ଦେଢ ମାସ ମଧ୍ୟରେ ୨ଟି ଗଣଦୁଷ୍କର୍ମ ଘଟଣା ଘଟିଥିବା ବେଳେ ଏହାର ଚିନ୍ତାର କାରଣ ପାଲଟିଛି ।

**AFFIDAVIT**

I Upendra Kumar Sahoo, S/o- Late Maheswar Sahoo, Resident of At- Hatiapalli, Po- Rasanga, Dist- Nayagarh, Pin- 752085, Odisha. Declare by this affidavit before Judicial Magistrate Bhubaneswar. I have changed my minor daughter's name on 08.11.2024 from Pooja Priyadarsani Sahoo to Puja Priyadarsini Sahoo D/o- Upendra Kumar Sahoo for all future purposes.

Sd/- Upendra Kumar Sahoo

**AFFIDAVIT**

By virtue of an affidavit before Notary Public Bhubaneswar. I Sarmistha Mohanty, D/o- Pramod Kumar Mohanty, Resident of Plot No- 3215, Gouri Vihar, Lewis Road, Oldtown, Bhubaneswar- 751002, Khordha, Odisha. Have changed my name on 07.04.2022 from Sarmistha Das to Sarmistha Mohanty for all future purposes.

Sd/- Sarmistha Mohanty

**AFFIDAVIT**

I Upendra Kumar Sahoo, S/o- Late Maheswar Sahoo, Resident of At- Hatiapalli, Po- Rasanga, Dist- Nayagarh, Pin- 752085, Odisha. Declare by this affidavit before Notary Public Bhubaneswar. I have changed my name on 04.12.2024 from Upendra Sahoo to Upendra Kumar Sahoo for all future purposes.

Sd/- Upendra Kumar Sahoo

**GOVERNMENT OF ODISHA**
**DEPARTMENT OF WATER RESOURCES**

A-667

**'e' Procurement Notice No 04(NGR)/2024-25**

| | | |
|---|---|---|
| 1 | Name of work | Road Works, Building works, river training and other maintenance works |
| 2 | Total No. of work | 10(Ten) |
| 3 | Estimated cost | Rs. **8.71** Lakhs to **40.87** Lakhs |
| 4 | Period of completion | (03) Three calendar months |
| 5 | Class of Contractor | D.C & B |
| 6 | Date & time of availability of Bid Document in the portal | **15.00** hours of **06.12.2024** to **17.00** hours **16.12.2024** |
| 7 | Last date/ Time for receipt of Bids in the Portal | **16.12.2024** up to 17.**00** hours |
| 8 | Date and place of opening of Technical Bid | Dt. **17.12.2024** at **11.00** Hours in the office of the Superintending Engineer, Nayagarh Irrigation Division, Nayagarh |
| 9 | Name and address of the O.I.T. (Officer Inviting Tender | Superintending Engineer, Nayagarh Irrigatio Division, Nayagarrh |

Further details can be seen from the e-Procurement Portal **"https://tendersodisha.gov.in"**

OIPR : 32303/11/0010/2425

Sd/- Superintending Engineer,
Nayagarh irrigation Division, Nayagarh

vimsarsuptd24@gmail.com

**OFFICE OF THE SUPERINTENDENT**
**V.S.S INSTITUTE OF MEDICAL SCIENCES & RESEARCH, BURLA**
**(SAMBALPUR)**

**CORRIGENDUM TO THE TENDER CALL NOTICE**

**N0.15219/VIMSAR DT:5-11-2024**

**No. 16421/ VIMSAR. Burla Dated 4 th December, 2024**

**E-552 :** Due to unavoidable circumstances, the last date of receipt of the tenders for Comprehensive Annual Maintenance of Mortuary Coolers in VIMSAR, Burla which was up to 06-12-2024 is hereby extended up to 5.00 PM of dt:20-12-2024 & that will be opened on next working day at 11.30 AM. All the terms & conditions mentioned in the tender call notice No. 15219/VIMSAR dt: 05-11-2024 remained unaltered.

The terms & conditions of this tender call notice can be downloaded from the District web site www.sambalpur.nic.in. and Institute website www.vimsar.ac.in.

The undersigned/Committee reserves the full right to accept in full or part or reject any or all the tenders without assigning any reasons thereof.

OIPR : 10187/11/0017/2425

Sd/- Superintendent
VIMSAR. Burla

**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
Email - eedklpwd@gmail.com

**INVITATION FOR BIDS THROUGH e-Procurement**

B-725

**Bid Identification No. SEDKL (R&B) - 24/2024-25**

**Invitation for Bids**

1. The Superintending Engineer Dhenkanal (R&B) Division. Dhenkanal, on behalf of Governor of Odisha. invites percentage rate bids in single cover system in ONLINE MODE only, for Construction of Building work as detailed below.
2. Nature of work : 01 Nos Bridge Rehabilitation Work
3. No. of work : 01 Nos.
4. Bid Cost. : Rs. 6.000/-
5. Class of Contractor : 'B' License
6. Availability of Bid Documents in the website : From 10.00 AM of 06.12.2024 to 5.00 PM of 21.12.2024
7. Date of Opening of Bid : Dt. 23.12.2024 at 11.00 AM.
8. The Bidders have to participate in ONLINE bidding only. Further details can be seen from the website : **https://tendersodisha.gov.in.** Any addendum / corrigendum / cancellation of tender can also be seen in the said website only.

OIPR : 34016/11/0019/2425

Sd/- Superintending Engineer
Dhenkanal (R&B) Division, Dhenkanal

**OFFICE OF THE DIVISIONAL FOREST OFFICER**
**NAYAGARH DIVISION**
Email:- dfo.nayagarh@odisha.gov.in

**INVITATION FOR BIDS THROUGH e-Procurement**

MM-300

**Bid Identification No. 02/2024-25**

| | | | |
|---|---|---|---|
| 1. | Name of the work | : | Construction of different Buildings. |
| 2. | Total no of Works | : | 11 Nos |
| 3. | Estimated cost | : | Rs. 12,73,229/- to Rs. 21.19,449/- (Approx) |
| 4. | Class of Contractor | : | As Per TCN |
| 5. | Period of Completion | : | 4 (Four Calendar Months) |
| 6. | Type of tender | : | Single Cover Tender |
| 7. | Date and Time of availability of Bid documents in the portal | : | From 05.30 P.M. of dt. 05.12.2024 to 10.00 AM of dt 15.12.2024 |
| 8. | Last date/Time for receipt of bids in the portal | : | Dt. 15.12.2024 upto 10.00 AM |
| 9. | Submission of Original documents (TP cost. EMD, Affidavit etc as per DTCN) | : | During office hours from 10.30 A.M. on dt. 16.12.2024 to 17.12.2024 of 17.00 hrs in the office of the undersigned. |
| 10. | Date of opening of Bid through online | : | Dt. 18.12.2024 at 11.00 hrs in the office of the undersigned. |
| 11. | Name & address of the O.I.T (Officer Inviting tender) | : | Divisional Forest Officer. Nayagarh Division, Nayagarh. |

Further details can be seen from the e-procurement portal https://tendersodisha.gov.in
N.B. : Subsequent corrigendum/addendum if required shall be available in the website as indicated above.

OIPR : 08026/11/0006/2425

Sd/- Divisional Forest Officer
Nayagarh Division

**OFFICE OF PANCHAYAT SAMITI, HATADIHI**

**BID IDENTIFICATION No: DTCN No- 02/Hatadihi/ 2024-25**

i-344 :

**No. 5010 / DEV/Dted. 30.11.2024**

1. The Block Development Officer, Hatadihi invites scaled Percentage Rate tenders in single cover system and Double cover system on behalf of Govt of Odisha for the construction of works as detailed as cited in the web portal, from registered and eligible class of civil contractor of the state PWD/ (R&B)/ Water Resources/Rural Works/MI / CPWD for the following works eventually to be drawn up in the P.W.D P-1 Agreement form in conformity with the Detailed Tender Call Notice.
2. As per codal provision works more than Rs.50.00lakhs should be in double cover mode (as per letter no-01/WR, Dated-01.01.2019 i.e cover-I contains (Technical Bid), Cover-II contains (Financial Bid) to be fill up separately indicating therein as "Cover-I & Cover-II" respectively and finally put together in one cover. The Cover-11 of the bidder will be opened, if the bidder qualified in technical bid i.c cover-I. 1st Cover (Technical Bid) should contain requisite tender paper cost. EMD,GSTN, PAN. Contractor's RC, Affidavit should be attached with the Tender in original and any other document as per DTCN (in PDF format). 2nd Cover (Financial Bid) should contain Bill of quantities (BOQ) & additional performance security (if applicable).
3. The tender papers(including Tender call Notice. Approved Tender Schedule & DTCN) will be available in the official web site http// kendujhar.odisha.gov.in from Dt 02/12/2024 to 16/12/2024 and can be downloaded from the website.
4. Bids shall be received by this Agency up to 5.00 PM on date 17,12.2024 through Registered Post/Speed Post only. The authority will not be held responsible for any Postal delay in delivering of the Bid documents or non-receipt of the same.
5. The Bid will be opened on Dt 18.12.2024 at 11.00 A.M. in the office of the undersigned in the presence of the members of the Block Tender committee and the bidders or their authorised representative. If the office happens to be closed on the date of receipt / opening of the bids as specified, above will be received / opened on the next working day at the same time and venue.

OIPR : 19084/11/0003/2425

Sd/- Block Development Officer
Hatadihi

**ODISHA HYDRO POWER CORPORATION LIMITED**
**(A Gold Rated State PSU)**
**OFFICE OF THE SENIOR GENERAL MANAGER (ELECTRICAL):**
**BALIMELA HYDRO ELECTRIC PROJECT:,POST: BALIMELA: DIST: MALKANGIRI (ODISHA); PIN: 764051:**
**Phones: 06861-291058 (O)/291048 (R),E-Mail bhep.balimcla @gmail.com**
**REGD. OFFICE:ODISHA HYDRO POWER CORPORATION LIMITED**
**BHOI NAGAR, JANAPATH, BHUBANESWAR-22**
**Tel: 0674- 2542983/2542802/2545526/2542826, Fax: 2542102, GRAM: HYDROPOWER,**
**E-MAIL: ohpc.co@gmail.com / md@ohpcltd.com, Web: www.ohpcltd.com,**
**CIN: U40101OR1995SGC003963**

**NOTICE INVITING OPEN TENDER No. BHEP/28/2024-25 Dtd.02.12.2024**

**CAD-1768 :** Sealed Tenders are invited in single part from the eligible class of Contractors/ Firms/ Agencies having experience in State/Central PSU/Govt. of Odisha having valid license & fulfilling the eligibility criteria as per the tender specification for the work as mentioned below.

| Sl. No. | Description of Works | Estimated Cost in Rs. | Class of Contractor | Cost of tender paper (Non-refundable) in Rs. | Period of availability of tender at OHPC website | Last date & Time of receipt of tender | Date & Time of opening of Techno-Commercial Bid |
|---|---|---|---|---|---|---|---|
| 01 | Primer & weather coat painting of concrete letter blocks grouted on stone pitching at back side of Power House of BHEP, Balimela | 4,52,241/- | 'C' and 'D' | Rs. 2000/- + (GST @ 18% = Rs. 2360/- | 07.12.2024 | 18.12.2024 upto 12.00 P.M. | 18.12.2024 at 12.30 P.M. |

For details of the tender documents, terms & conditions, please visit our website **www.ohpcltd.com**

OIPR : 04019/11/0035/2425

Sd/- C&P Head, BHEP, Balimela

**OFFICE OF THE NOTIFIED AREA COUNCIL, KARANJIA**
**Phone No /Fax No 06796 220401**
**DIST-MAYURBHANJ**
**E-mail ID- karanjian hud@ori.nic.in**

**1st CORRIGENDUM-CUM-TENDER CALL NOTICE**

**No. 2095 / NAC, Dt. 4.12.24**

**C-1182 :** Due to unavoidable circumstances the "e" Procurement Notice of this ULB issued vide No. 2051/Date.28.11.2024 and Tender Reference No. NAC-KJA-02/2024-25 has not been published the tender in the website due to technical error. Due to non published in website the tender has been cancelled.

OIPR : 13119/11/0007/2425

Sd/- Executive Officer
Karanjia N.A.C.

**Government of Odisha "e" Procurement Notice**
**WORKS DEPARTMENT**
**Bid Identification No. CCEKC - 29 / 2024-25**

B-723

e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 5603 dt. 26.11.2024

1. No. of the work: : 4 number Building Works
2. Estimated cost : Rs. 116.38 Lakhs to Rs. 279.06 Lakhs
3. Class of Contractor : "B" Class & "A" Class
4. Period of completion : 09 (Nine) Calendar Months to 12 (Twelve) Calendar Months
5. Date and Time of availability of Bid document in the portal : From 11.00 Hours of 06.12.2024 to 16.00 Hours of 20.12.2024
6. Last date / Time for receipt of bids in the portal : 16.00 Hours of 20.12.2024
7. Date of opening of Bid from Portal : 11.30 Hours on 21.12.2024
8. Name and address of the officer inviting Bid : Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal **"http.//tendersodisha.gov.in"**

OIPR : 34033/11/0064/2425

Sd/- Chief Construction Engineer
Keonjhar (R&B) Circle, Keonjhar

NANDANKANAN

**Short Quotation Call Notice**

**Notice No. 45/PMU/NKZP/2024-25 Dt.03.12.2024**

MM-303 : Nandankanan Zoological Park, Bhubaneswar invites sealed quotations from authorized supplier / dealer / distributor having valid document to supply the consumable items to Zoo laboratory at Nandankanan Zoological Park.

The sealed quotations should reach the undersigned on or before **12.12.2024, 05:00 PM.** The authority reserves the right to accept/reject any or all the quotation without assigning any reason thereof. The detail items with make, Terms and Conditions are available at website of Nandankanan. The interested firms download the quotation from the website of Nandankanan Zoological Park, Bhubaneswar **www.nandankanan.org.**

Sd/- Deputy Director
Nandankanan Zoological Park

OIPR : 08070/11/0031/2425

**WORKS DEPARTMENT**
**OFFICE OF THE EXECUTIVE ENGINEER**
**MAYURBHANJ (R & B) DIVISION, BARIPADA**
e-mail - bpd eerb@rediffmail.com

B-727

**Government of Odisha "e" Procurement Notice**

**Short Quotation Call Notice No-08/2024-25**

1. Number of works : 01 (One) number of works
2. Period of Completion : 01 (One) *Calendar* month
3. Date & Time of availability of bid documents in the portal : Dt. 07.12.2024 to 16.12.2024.
4. Last Date / Time of receipt of bid in the portal : Dt. 16.12.2024 up to 5.00 PM.
5. Date of Opening of bid : Dt. 17.12.2024 at 11.00 AM
6. Name & address of the Office inviting bid : Superintending Engineer, Mayurbhanj (R&B) Division, Baripada.

Further details can be seen from the e-procurement portal **http://www.tendersodisha.gov.in**

Sd/- R.G. Ray
Superintending Engineer
Mayurbhanj (R&B) Division

OIPR : 34025/11/0013/2425

NANDANKANAN

**Short Quotation Call Notice**

**Notice No. 44/PMU/NKZP/2024-25 Dt.03.12.2024**

**MM-304 :** Nandankanan Zoological Park, Bhubaneswar invites sealed quotations from authorized supplier / dealer / distributor having valid document as mentioned below to supply the following item(s) as below for Nandankanan Zoological Park (Zoo Library's Digitisation) which shall confirm to the technical specification, Terms and Conditions as follows:

| Sl No | Description | Qty. | Unit |
|---|---|---|---|
| 1 | All-in-One Desktop Computer having the following configuration:Intel Corei5 12th Generation processor or higher, 6 GB Memory, 1TB SSD, 27" Full HD Display, Camera, WiFi + Bluetooth, Wireless Keyboard & Mouse with Windows 11, MS-Office Home & Student preloaded and 3 Years Warranty. Make-HP | 1 | Nos. |
| 2 | Desktop PC having the following configuration: Intel Corei3 13th Generation processor or higher, 8 GB Memory, 512GB PCie NVMe SSD, 15" Full HD Display, Camera, WiFi -1- Bluetooth, Backlit Keyboard, onboard Ethernet port, Windows 11 Professional preloaded, MS-Office Home & Student license and 3 Years Warranty. Make-HP, | 8 | No. |
| 3 | Multifunctional Laser printer (Print/Scan/Copy) with auto duplex printing and Networking facility, with 1 year warranty. Make-HP, | 1 | Nos. |
| 4 | Colour Laser Jet Printer having 600 dpi or higher. Network facility, Make-HP / Cannon. | 1 | Nos. |
| 5 | 600 VA Line Interactive UPS (make-APC) with 2 Years warranty | 8 | Nos. |

The sealed quotations should reach the undersigned on or before 10.12.2024, 05:00 PM. The authority reserves the right to accept/reject any or all the quotation without assigning any reason thereof. The interested firms download the quotation from the website of Nandankanan Zoological Park, Bhubaneswar **www.nandankanan.org**.

Sd/- Deputy Director
Nandankanan Zoological Park

OIPR : 08070/11/0032/2425

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ଓଡ଼ିଆ ଭାଷା ପାଇଁ ଏକ ଐତିହାସିକ ପଦକ୍ଷେପ



ଭୁବନେଶ୍ୱର,(ସବ୍ୟୁ): ଭାରତବର୍ଷର ପ୍ରଥମ ଭାଷା ଭିତ୍ତିକ ରାଜ୍ୟରେ ମାତୃଭାଷାରେ ବିଦ୍ୟାଳୟ ଗୁଡିକରେ ପାଠ ପଢେଇବାପାଇଁ ଓଡ଼ିଆ ଭାଷା ଶିକ୍ଷକ କେବେହେଲେ ନିଯୁକ୍ତି ପାଇନଥିଲେ , ଯେତେବେଳେକି ଓଡ଼ିଶାର ସମସ୍ତ ବିଦ୍ୟାଳୟ ଗୁଡିକରେ ସଂସ୍କୃତ,ହିନ୍ଦୀ,ତେଲଗୁ,ଇଂରାଜୀ ଓ ଉର୍ଦ୍ଦୁ ଶିକ୍ଷକ ନିଯୁକ୍ତି ପାଉଥିଲେ । ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ସମ୍ଭବ ନଥିଲା । ଗତ ସରକାରର ଶେଷ ସମୟରେ ଆଲୋଚନା ଆରମ୍ଭ କରିଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ କରିପାରିନଥିଲେ । ନିର୍ବାଚନ ସମୟରେ ବିଜେପି ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ପ୍ରତିଶୃତିବଦ୍ଧ ବୋଲି ଘୋଷଣା କରିଥିଲେ । ପ୍ରଶାସନିକ ଅଜ୍ଞତା ହେତୁ ଗତ ୦୯/୦୮/୨୦୨୪ ଷ୍ଟାଫ ସିଲେକସନ କମିଶନଙ୍କ ଦ୍ୱାରା ୬୦୨୫ ଶିକ୍ଷକ ନିଯୁକ୍ତି ବିଜ୍ଞପ୍ତିରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ ଉଲ୍ଲେଖ ନଥିଲା ତୁରନ୍ତ ଏହାର ସମାଧାନ ପାଇଁ ବିଜେପିର ବରିଷ୍ଠ ପ୍ରବକ୍ତା ପ୍ରଫେସର ପୂର୍ଣଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଡ଼. ଇନ୍ଦ୍ରମଣି ସାହୁ , ଭାଷା ଆନ୍ଦୋଳନର ଆବାହକ ,ପବିତ୍ର ମହାରଥା, ଓଡ଼ିଆ ସମ୍ମାନ ଛାତ୍ର ସଂସଦର ଡ଼.ଗୀତାଞ୍ଜଳୀ ସାହୁ, ଡ଼.ସୁମନ୍ତ କୁମାର ଭୋଇ, ସୌଭାଗ୍ୟମୟୀ ସେଠୀ ପ୍ରମୁଖ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଆଲୋଚନା କରିବାରୁ ସେ ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପ୍ରତିଶୃତି ଦେଇ ଥିଲେ କି ଆମେ ଏହାର ତୁରନ୍ତ ସମାଧାନ କରିବୁ ଏବଂ ଓଡ଼ିଶାରେ ଓଡ଼ିଆ ଭାଷାରେ ଓଡ଼ିଆ ଶିକ୍ଷକ ନିଯୁକ୍ତି କରିବୁ । ଫଳ ସ୍ୱରୂପ ସ୍ୱାଧୀନତାର ୭୮ ବର୍ଷ ପରେ ପ୍ରଥମ ଥର ପାଇଁ ଉଚ୍ଚ ମାଧ୍ୟମିକ ସ୍କୁଲ ଗୁଡିକରେ ଓଡ଼ିଆ ଶିକ୍ଷକ ନିଯୁକ୍ତି କରିବା ପାଇଁ ବିଜ୍ଞପ୍ତି ସଂଖ୍ୟା – ୨୯୬୪୨ ତା /୨୮/୧୧/୨୦୨୪ରିଖରେ ପ୍ରକାଶ କରିଛନ୍ତି ଯାହାକି ଓଡ଼ିଶା ପାଇଁ ଗୋଟିଏ ଐତିହାସିକ ଘଟଣା ନିଶ୍ଚୟ, ଏଥିପାଇଁ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଯେତେ ପ୍ରସଂଶା କଲେ ତାହା କମ ହେବ ଆଜି ସମ୍ମାନ ଛାତ୍ରସଂସଦର କର୍ମକର୍ତ୍ତା ସଭାପତି ଡ଼.ଗୀତାଞ୍ଜଳୀ ସାହୁ , ସମ୍ପାଦକ ଡ଼.ସୁମନ୍ତ କୁମାର ଭୋଇ, କୋଷାଧକ୍ଷ କମଳ ଲୋଚନ ଦାସ,ଡ଼. ତରୁଣ ସା, ସୌଭାଗ୍ୟମୟୀ ସେଠୀ,ସୂର୍ଯ୍ୟକାନ୍ତ ସାହୁ ,ସଞ୍ଜୟ ସାହୁ , ବିଷ୍ଣୁପ୍ରିୟା ପତି ,ଦମୟନ୍ତୀ କିଷାନ ,ସସ୍ମିତା ଦାସ ,ସୂର୍ଯ୍ୟନାରାୟଣ ସାହୁ,ସତ୍ୟଜିତ ରାଉତ ,ସୁନାଥ କହ୍ନର, ଗୌତମ ଲେଙ୍କା,ଶୁଭମ ଦାସଙ୍କ ସମେତ ଭାଷା ଆନ୍ଦୋଳନ ଓଡ଼ିଶାର,ଆବାହକ ପବିତ୍ର ମହାରଥା, ସାରଦା ପ୍ରସାଦ ମହାପାତ୍ର, ଡମ୍ବୁରଧର ହରଣସିଂହ ଏବଂ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୁତି ଭୂଷଣ କର ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଅର୍ପଣ କରିବା ସହ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ । ମନ୍ତ୍ରୀଙ୍କୁ ଭେଟିବା ପରେ ଗୋଟିଏ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ସମ୍ପର୍କର ଦୀର୍ଘ ଦିନର ଯାତ୍ରା ସମ୍ପର୍କରେ ସାମ୍ବାଦିକଙ୍କ ମାନଙ୍କ ପାଖରେ ଆଲୋଚନା କରିଥିଲେ ଯାହାକି ଭାଷା ଆନ୍ଦୋଳନ , ଓଡ଼ିଶାର ଦୀର୍ଘ ଦିନର ଆନ୍ଦୋଳନ ମଧ୍ୟ ବେଶ ପ୍ରଭାବ ପକାଇଥିଲା ବୋଲି ଛାତ୍ର ଛାତ୍ରୀମାନେ ପ୍ରକାଶ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ଭାଷା ଆନ୍ଦୋଳନ , ଓଡିଶା , ଉତ୍କଳ ସାମ୍ବାଦିକ ସଂଘର ସଭାପତି ମଧ୍ୟ ଉପସ୍ଥିତ ଥିଲେ ।

## ଅପହରଣ ହତ୍ୟା ଉଦ୍ୟମ ମାମଲା

# ୫ ଅଭିଯୁକ୍ତ କୋର୍ଟ ଚାଲାଣ



ଭୁବନେଶ୍ୱର,(ସବ୍ୟୁ): ଅପହରଣ ହତ୍ୟା ଉଦ୍ୟମ ମାମଲାରେ ମଞ୍ଚେଶ୍ୱର ଥାନା ପୋଲିସ୍ ୫ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଗିରଫ ୫ ଜଣ ହେଲେ ପୂର୍ଣ୍ଣ ଚନ୍ଦ୍ର ସେନାପତି, ମହେନ୍ଦ୍ର ସାସମଲ, ସତ୍ୟଜିତ ସାସମଲ, ସରେନ୍ଦ୍ର ରାଉତ ଓ ରୋହିତ ଭଞ୍ଜ ।

ଦୁଇଦିନ ତଳେ ଜମି ବାଡି ବିବାଦରୁ ସନ୍ତୋଷ କୁମାର ପାଣି ନାମକ ଜଣେ ବ୍ୟକ୍ତିଙ୍କୁ ବରମୁଣ୍ଡ ବାଲିଯାତ୍ରା ପଡ଼ିଆ ନିକଟରୁ ଅପହରଣ କରି ନେଇ ଗଣ୍ଡରପୁର ନଦୀ ପଠାରେ ତାଙ୍କ ଦୁଇ ଗୋଡକୁ ହାଣି ଗୁରୁତର ଅବସ୍ଥାରେ ଛାଡି ପଳାଇଥିଲେ ।

ଖବର ପାଇ ନନ୍ଦନକାନନ ଥାନା ପିସିଆର ସନ୍ତୋଷଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇ ଦୁଇ ଜଣଙ୍କୁ ଅଟକ ରଖିଥିଲା । ସନ୍ତୋଷଙ୍କ ସ୍ତ୍ରୀ ମମତା ପାଣି ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ୫ ଜଣଙ୍କୁ ଗିରଫ କରାଯାଇଥିଲା । ଗିରଫ ୫ ଜଣଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି ।

ଆକ୍ରମଣ କାରଣ ଜମିବାଡି କାରବାରରେ ଟଙ୍କା ଦିଆନିଆକୁ ନେଇ ଶତ୍ରୁତାରୁ ଏଭଳି ମରଣାତ୍ମକ ଆକ୍ରମଣ କରାଯାଇଥିବା ମଞ୍ଚେଶ୍ୱର ଥାନା ପୋଲିସ ତଦନ୍ତରୁ ଜଣାପଡିଛି ।

# କଟକ ଜିଲ୍ଲା ସାମ୍ବାଦିକ ୟୁନିଅନ କର୍ମକର୍ତ୍ତା ନିର୍ବାଚନ
## ପ୍ରଫୁଲ୍ଲ ସଭାପତି, ଅଜୟ ସାଧାରଣ ସମ୍ପାଦକ



କଟକ,(ସବ୍ୟୁ): କଟକ ଜିଲ୍ଲା ସାମ୍ବାଦିକ ୟୁନିଅନର ସାଧାରଣ ପରିଷଦ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ପରିଷଦ ବୈଠକରେ ଆଗମୀ ଦୁଇ ବର୍ଷ ପାଇଁ ସର୍ବ ସମ୍ମତିକ୍ରମେ କର୍ମକର୍ତ୍ତା ଚୟନ କରାଯାଇଛି । ପୁନର୍ବାର ସଭାପତି ରୂପେ ପ୍ରଫୁଲ୍ଲ କୁମାର ମହାନ୍ତି, ଉପସଭାପତି ବିଭୂତି ଭୂଷଣ ଦାଶ ଓ ପ୍ରଫୁଲ୍ଲ କୁମାର ମିଶ୍ର, ସାଧାରଣ ସମ୍ପାଦକ ଅଜୟ କୁମାର ଦାସ, ସମ୍ପାଦକ ପ୍ରଦୀପ କୁମାର ପରିଜା ଓ ପୂର୍ଣ୍ଣଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଜଗନ୍ନାଥ ରାଉତ, ଆଇନ ପରାମର୍ଶଦାତା ରୂପେ ଆଡଭୋକେଟ ପ୍ରଶାନ୍ତ କୁମାର ରାଉତ ଓ ବିକ୍ରମ କେଶରୀ ବଳ, କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ରୂପେ କୈଳାସଚନ୍ଦ୍ର ଜେନା, ଉପାଧ୍ୟକ୍ଷ ଭାବେ ସରୋଜ କୁମାର ମଲ୍ଲିକ, ଜାତୀୟ ପରିଷଦ ସଦସ୍ୟ ରୁପେ ବିଭୂତି ଭୂଷଣ ସାହୁ ଓ ରାଜ୍ୟ କାର୍ଯ୍ୟକାରିଣୀକୁ ସଭ୍ୟ ରୂପେ କାନନ ବିହାରୀ ନାୟକ ଓ ଜିଲ୍ଲା କାର୍ଯ୍ୟକାରିଣୀକୁ ୧୫ ଜଣ ସଭ୍ୟ ମନୋନୀତ ହୋଇଛନ୍ତି । ଏହି ସଧାରଣ ପରିଷଦ ବୈଠକରେ ସଦସ୍ୟ ମାନେ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ଓ.ୟୁ.ଜେ ସଂଗଠନକୁ କଟକ ଜିଲ୍ଲାରେ ସୁଦୃଢ଼ କରିବା ପାଇଁ ମତ ପ୍ରଦାନ କରିଥିଲେ । ସଂଘର ବରିଷ୍ଠ ସଭ୍ୟ କୈଳାସ ଚନ୍ଦ୍ର ଜେନା ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ । ଧ୍ରୁବ ଚରଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଖଣ୍ଡଗିରି ଗୁମ୍ଫା ନିକଟରୁ ହଟିଲାନି ସମସ୍ତ ବେଆଇନ ନିର୍ମାଣ

# ଷ୍ଟାଟସ୍ ରିପୋର୍ଟ ଦାଖଲ ଲାଗି ଜିଲ୍ଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,(ସବ୍ୟୁ): ଜୈନ ଧର୍ମର ଅନ୍ୟତମ ପୀଠସ୍ଥଳୀ ଖଣ୍ଡଗିରି ଗୁମ୍ଫା ନିକଟରୁ କେତେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି ସେ ସଂକ୍ରାନ୍ତରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଦାଲତଙ୍କ ନିର୍ଦ୍ଦେଶ ଆଧାରରେ ଖଣ୍ଡଗିରି ପାହାଡ଼ ନିକଟରୁ ସମସ୍ତ ଜବରଦଖଲ ହଟିପାରି ନାହିଁ ବୋଲି ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହାକୁ ଆଧାର କରି ହାଇକୋର୍ଟ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଆସନ୍ତା ୭ ତାରିଖ ସୁଦ୍ଧା ଜବରଦଖଲ ଉଚ୍ଛେଦ ସଂକ୍ରାନ୍ତ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ) ସମେତ ଅନ୍ୟ ଯେଉଁସବୁ ସଂସ୍ଥାଦ୍ୱାରା ଏହି ଉଚ୍ଛେଦ କାର୍ଯ୍ୟ ହେଉଛି ସେସବୁର ବିସ୍ତୃତ ତାଲିକା ଜିଲ୍ଲାପାଳ ପରବର୍ତ୍ତୀ ଶୁଣାଣିରେ ରଖିବେ ବୋଲି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଏବଂ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ଅପରପକ୍ଷରେ ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇ ଖଣ୍ଡଗିରିର ଉନ୍ନତିକରଣ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଅଦାଲତଙ୍କୁ ଅବଗତ କରାଯାଇଥିଲା । ରାଜ୍ୟ ସରକାର ଏଥିପାଇଁ ଯେଉଁ ଯୋଜନା ପ୍ରସ୍ତୁତ କରୁଛନ୍ତି ସେଥିପାଇଁ ଚାରି ସପ୍ତାହ ସମୟର ଆବଶ୍ୟକତା ରହିଛି ବୋଲି କୁହାଯାଇଥିଲା । ଐତିହାସିକ ଓ ଆଧାତ୍ମିକ ଗୁରୁତ୍ୱ ବହନ କରୁଥିବା ଖଣ୍ଡଗିରି ଏବଂ ଉଦୟଗିରି ଗୁମ୍ଫା ଜବରଦଖଲକାରୀଙ୍କ କବ୍ଜାକୁ ଚାଲି ଯାଉଥିବା ଅଭିଯୋଗ କରି ଶ୍ରୀଖଣ୍ଡଗିରି ଉଦୟଗିରି ଦିଗମ୍ବର ଜୈନ ସିଦ୍ଧକ୍ଷେତ୍ର ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା । ଜୈନ ସାଧୁଙ୍କର ଏକ ପବିତ୍ର ତୀର୍ଥ ଭାବେ ପରିଚିତ ଏହି ଗୁମ୍ଫାର ସୁରକ୍ଷା ପାଇଁ ହାଇକୋର୍ଟର ଦୁଇଜଣ ସରକାରୀ ଆଇନଜୀବୀଙ୍କୁ ଉକ୍ତ ଗୁମ୍ଫାସବୁ ପରିଦର୍ଶନ କରି ଏକ ରିପୋର୍ଟ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଭୟ ଏହି ଗୁମ୍ଫା ପରିଦର୍ଶନ କରି ଏକ ବିସ୍ତୃତ ରିପୋର୍ଟ ଅଦାଲତରେ ଦାଖଲ କରିଥିଲେ । ଏହି ରିପୋର୍ଟ ଦାଖଲ ପରେ ଖଣ୍ଡଗିରି ଗୁମ୍ଫା ଜବରଦଖଲ ହୋଇଥିବା ଜଣାପଡ଼ିଥିଲା । ଏହି ରିପୋର୍ଟ ଆଧାରରେ ହାଇକୋର୍ଟ ଜବରଦଖଲ ହଟାଇବା ଲାଗି ଖୋର୍ଦ୍ଧା ଜିଲ୍ଲାପାଳ, ଏଏସ୍ଆଇକୁ ନିର୍ଦ୍ଦେଶ ଦେଇଥିଲେ ।

# ୪୭ନଂ ୱାର୍ଡରେ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ ଓ ଶିଳାନ୍ୟାସ



କଟକ, (ସ୍ୱପ୍ର): ମହାନଗର ନିଗମ ଅନ୍ତର୍ଗତ ୪୭ନଂ ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡାଇଙ୍କ ନେତୃତ୍ୱରେ ମହାନଦୀବିହାର ସ୍ଥିତ ମଧୁସୂଦନ (ଜଷ୍ଟିସ) ଛକ ଠାରୁ ଅନନ୍ତ ଗୋପାଳ ଆଶ୍ରମ ପର୍ଯ୍ୟନ୍ତ ୩୭ ଲକ୍ଷ ଟଙ୍କା ବ୍ୟୟରେ ୪୦ ଗୋଟି ଖୁଣ୍ଟରେ ଅତ୍ୟାଧୁନିକ ଆଲୋକୀକରଣକୁ ବିଧାୟକ ସୌଭିକ ବିଶ୍ୱାଳ ଉଦ୍‌ଘାଟନ କରିବା ସହିତ ଗଣ୍ଡରପୁର ସହର ସାହିରେ ୧୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଢ଼ଲେଇ ରାସ୍ତା ଓ ଡ୍ରେନକୁ ମଧ୍ୟ ଶିଳାନ୍ୟାସ କରିଛନ୍ତି । ଏହି ଅତ୍ୟାଧୁନିକ ଆଲୋକୀକରଣ କାର୍ଯ୍ୟ ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନ ଧରି ଦାବି କରୁଥିଲେ। ବୁଧବାର ଏହାର ଉଦ୍‌ଘାଟନ ପରେ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରି ବିଧାୟକ ଓ କର୍ପୋରେଟରଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ସ୍ୱାସ୍ଥ୍ୟ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷା ଦୀପ୍ତିମୟୀ ମୂଳିଆ, ଏମଡିଏ ସଭାପତି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ଚତୁର୍ଭୁଜ ସାହୁ, ରବି ଶତପଥୀ, ଇଂ ଯଦୁନାଥ ମହାପାତ୍ର, ନିରଞ୍ଜନ ପାଢ଼ୀ, ମଣ୍ଟୁ ମହାନ୍ତି, ଇଂ ଆଶିଷ ସ୍ୱାଇଁ, ଭାଗିରଥି ସାମଲ, ସରୋଜ ସ୍ୱାଇଁ, ସମାଜସେବୀ ସଞ୍ଜୟ ଜେନା, ରାକେଶ ତ୍ରିପାଠୀ, ବରଦା ପ୍ରସନ୍ନ ନାୟକ, ମହିଳା ସମିତି ସମ୍ପାଦିକା ମଧୁସ୍ମିତା ଷଡ଼ଙ୍ଗୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଜେଲ୍ ଗଲେ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର

ଭୁବନେଶ୍ୱର, (ସବ୍ୟୁ) : ଆସିଷ୍ଟାଣ୍ଡ୍ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ବିଶ୍ୱନାଥ ପାତ୍ରଙ୍କ ଘରେ ଭିଜିଲାନ୍ସ ମଙ୍ଗଳବାର ଚଢାଉ କରୁଛି । ସନ୍ଧ୍ୟା ସୁଦ୍ଧା ୩/୪ଟି ବହୁତଳପ୍ରସାଦ ସାଙ୍ଗକୁ ଗଞ୍ଜାମ, ଜୟପୁର, ଭୁବନେଶ୍ୱରରେ ୧୮ଟି ପ୍ଲଟ୍ ଠାବ କରିଛି ଭିଜିଲାନ୍ସ । ଏଥିସହ ୮୫୪ ଗ୍ରାମ୍ ସୁନା ଅଳଙ୍କାର, ୧.୮କେଜି ରୂପା ମିଳିଥିବା ବେଳେ ୧କୋଟି ୧ଲକ୍ଷ ୨୧୦ଟଙ୍କା ବ୍ୟାଙ୍କରେ ଜମା ଥିବା ଜଣାପଡିଛି । ଗାଡି ଓ ଗୃହପୋକରଣ ମିଶାଇ ୭.୭୦ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ବୁଧବାର ବିଶ୍ୱନାଥ ପାତ୍ରୋଙ୍କୁ ଭିଜିଲାନ୍ସ କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

ବିଶ୍ୱନାଥ ପାତ୍ର ଜୟପୁର ବ୍ଲକ୍ ଆସିଷ୍ଟାଣ୍ଡ୍ ଏକ୍‌ଜିକ୍ୟୁ ନେତୃତ୍ୱରେ ୮ ଡିଏସ୍‌ପି, ୬ ଇନ୍ସପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀମାନେ ଏକସଙ୍ଗେ ଜୟପୁର, ଗଞ୍ଜାମ, ଭୁବନେଶ୍ୱରର ୬ଟି ସ୍ଥାନରେ ଚଢାଉ କରୁଛନ୍ତି । ଜୟପୁରରେ ୭୨୦୦ ସ୍କୋୟାର ଫୁଟ୍ ଜମି ଉପରେ ଦୁଇଟି ବହୁତଳପ୍ରସାଦ ଓ ଗୋଟିଏ ତିନିମହଲା କୋଠା ଥିବା ଜଣାପଡିଛି । ଠାବ ହୋଇଥିବା ୧୮ ପ୍ଲଟ୍‌ରୁ ଭୁବନେଶ୍ୱର ଗୋଠପାଟଣାରେ ୬ଟି ଓ ଘଙ୍ଗାପାଟଣାରେ ଗୋଟିଏ । ଏଥିସହ ବ୍ରହ୍ମପୁର, ଜୟପୁରରେ ଗୋଟିଏ ଲେଖାଏଁ ପ୍ଲଟ୍ ଥିବାବେଳେ ଗଞ୍ଜାମ ଜଗନ୍ନାଥପ୍ରସାଦରେ ୧୦ଟି ପ୍ଲଟ୍ ଠାବ ହୋଇଛି । ଏକସଂଗେ ବ୍ଲକ୍ ଓ ମ୍ୟୁନିସିଲିଟି ଅଫିସ୍, ଡିଆଇଟି ଅଫିସ୍, ଭୁବନେଶ୍ୱର ନିଳାଦ୍ରୀବିହାର ସମ୍ପର୍କୀୟଙ୍କ ଘରେ ଚଢାଉ କରାଯାଇଥିଲା ।

# ଚୌଦ୍ୱାରରେ ବିଜେପିର ସାଙ୍ଗଠନିକ ପର୍ବ ଓ କର୍ମଶାଳା

ଚୌଦ୍ୱାର, (ସବ୍ୟୁ) : ଚୌଦ୍ୱାର ଥାନା ଅନ୍ତର୍ଗତ ଗାନ୍ଧିଛକ ସ୍ଥିତ ଟାଉନ୍‌ହଲ ପରିସରରେ କଟକ ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ବିଜେପିର ସଙ୍ଗଠନ ପର୍ବ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଡଃ ଜତୀନ୍ ମହାନ୍ତି ଓ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ନେତା ସୁଦୀପ୍ତ ରାୟ ଯୋଗ ଦେଇ ମଣ୍ଡଳରେ ବୁଥ୍ କମିଟି ସଭାପତି ନିର୍ବାଚନ ଯଥାଶୀଘ୍ର ଶେଷ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ବୁଥ୍ କମିଟି ନିର୍ବାଚନ ପରେ ମଣ୍ଡଳ ସଭାପତି ନିର୍ବାଚନ ଆସନ୍ତା ଡିସେମ୍ବର ୧୫ସୁଦ୍ଧା ଶେଷ କରିବାକୁ ଡଃ ମହାନ୍ତି କହିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷିକେଶ ଜେନା, ଜିଲ୍ଲା ସହ ନିର୍ବାଚନ ଅଧିକାରୀ ସୁକାନ୍ତ ବିଶ୍ୱାଳ, ସତ୍ୟବାଦୀ ଚଇନି, ବାଙ୍କି ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ, ଆଠଗଡ଼ ବିଧାୟକ ପ୍ରାର୍ଥୀ ଅଭୟ ବାରିକ ଓ ବ୍ରଜେନ୍ଦ୍ର ରାୟ ଯୋଗଦାନ କରିଥିଲେ ।

# ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ୨୦୨୪ ପାଳିତ

ଭୁବନେଶ୍ୱର,(ସବ୍ୟୁ): ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଏହାର କର୍ପୋରେଟ୍ କାର୍ଯ୍ୟାଳୟରେ ବ୍ୟାଙ୍କ ଆବିଲିଟିଜ୍- ବ୍ୟାଙ୍କିଙ୍ଗ ଅନ୍ ଦି ଆବିଲିଟିଜ୍ ଅଫ୍ ଦି ଡିଫରେଂଟ୍‌ଲି ଏବଲ୍‌ଡ ଶୀର୍ଷକ ଉପରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ୨୦୨୪ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଦେବଦତ୍ତ ଚାନ୍ଦ ଦିବ୍ୟାଙ୍ଗମାନଙ୍କୁ ସେମାନଙ୍କ ଅଭିଳାଷ ପୂରଣ କରିବା ଲାଗି ସମର୍ଥନ ଜଣାଇଥିଲେ । ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଉଭୟ ପୁରୁଣା ଓ ନୂଆ ସମେତ ଏହାର ସମସ୍ତ ଦିବ୍ୟାଙ୍ଗ ଗ୍ରାହକମାନଙ୍କ ଲାଗି ମାଗଣା ଡୋରଷ୍ଟେପ୍ ବ୍ୟାଙ୍କିଙ୍ଗ ସେବା ଶୁଭାରମ୍ଭ କରାଯାଇଥିଲା। ଦିବ୍ୟାଙ୍ଗ ଗ୍ରାହକମାନେ ଆସନ୍ତା ୧ ବର୍ଷ ପର୍ଯ୍ୟନ୍ତ ପ୍ରତି ମାସରେ ଗୋଟିଏ ମାଗଣା ଡୋରଷ୍ଟେପ୍ ବ୍ୟାଙ୍କିଙ୍ଗ ସେବା ପାଇପାରିବେ । ଏହି ଅବସରରେ ବ୍ୟାଙ୍କ ପକ୍ଷରୁ କ୍ରୀଡ଼ା କ୍ଷେତ୍ର ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଭାରତର ହ୍ୱିଲଚେୟାର ବାସ୍କେଟବଲ୍ ମହିଳା ଟିମ୍‌ର ଅଧିନାୟିକା ଗୀତା ଚୌହ୍ୱାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିବିଧତା, ସମାନତା ଓ ଅନ୍ତର୍ଭୁକ୍ତୀକରଣ (ଡିଇଆଇ) ନୀତି ଅନୁସାରେ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ୨,୨୦୦ରୁ ଅଧିକ ଦିବ୍ୟାଙ୍ଗ କର୍ମଚାରୀମାନଙ୍କ ପାଇଁ ଅନୁକୂଳ ଓ ସହାୟକ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରାଯାଇଥିବା ବେଳେ କ୍ୟାରିୟରରେ ଅଭିବୃଦ୍ଧି ଓ ପଦୋନ୍ନତି ଉପରେ ସମାନ ସୁଯୋଗ ପ୍ରଦାନ କରାଯାଇଛି । ସେମାନଙ୍କୁ ସୁହାଇବା ଭଳି ସ୍ଥାନରେ ପୋଷ୍ଟିଂ ଦିଆଯାଉଥିବା ବେଳେ ଅନୁକୂଳ କାମ, ଉପଯୁକ୍ତ ତାଲିମ କାର୍ଯ୍ୟକ୍ରମ, ଅନଲାଇନ୍ କର୍ମଶାଳା, ସୁବିଧା ଭର୍ତ୍ତା ଭଳି ବିଭିନ୍ନ ପ୍ରକାର ସୁବିଧା ପ୍ରଦାନ କରାଯାଉଛି ।

ଏହି ଅବସରରେ ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି ଯେ, ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ କେବଳ ଏକ ଉତ୍ସବ ପାଳନ ନୁହେଁ, ଏହା ଏକ ଆହ୍ୱାନ । ପ୍ରତିବନ୍ଧକକୁ ଭାଙ୍ଗିବା, ଚିରାଚରିତ ଭାବନାକୁ ଚ୍ୟାଲେଞ୍ଜ କରିବା ଏବଂ ସମ୍ମାନର ସହ ବଞ୍ଚିବା ଓ ନିଜର ପୂର୍ଣ୍ଣ ସମ୍ଭାବନା ହାସଲ କରିବାରେ ସମସ୍ତଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାକୁ ଏହା ଆମକୁ ସ୍ମରଣ କରାଇ ଦେଉଛି ।

ଏହି ଅବସରରେ କର୍ମଚାରୀମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ । ବ୍ୟାଙ୍କ ପକ୍ଷରୁ ଏହାର କ୍ଷେତ୍ରୀୟ ଓ ଅଞ୍ଚଳ କାର୍ଯ୍ୟାଳୟଗୁଡ଼ିକରେ ଦିବ୍ୟାଙ୍ଗମାନଙ୍କ ଅଧିକାରକୁ ନେଇ ସଚେତନତା ସୃଷ୍ଟି କରିବା ଓ ଅନ୍ତର୍ଭୁକ୍ତୀକରଣର ପ୍ରସାର କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯୋଜନା ରଖିଛି ।

## କାର୍ ସହ ୨୧କେଜି ଗଞ୍ଜେଇ ଜବତ : ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଗଞ୍ଜେଇ କାରବାର କରୁଥିବା ଦୁଇ ଅଭିଯୁକ୍ତଙ୍କୁ ବାଲିଅନ୍ତା ଥାନା ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ୨୧କେଜି ୭୦୦ଗ୍ରାମ୍ ଗଞ୍ଜେଇ ଜବତ କରିଛି । ଗଞ୍ଜେଇ ବ୍ୟବସାୟରେ ବ୍ୟବହାର କରୁଥିବା କାର୍ ଓ ଦୁଇଟି ମୋବାଇଲ ଫୋନ୍ ମଧ୍ୟ ଜବତ ହୋଇଥିବା ପୋଲିସ କହିଛି । କାକରୁଦ୍ରପୁର କେନାଲ ରାସ୍ତାରେ ପୋଲିସ ଚଢାଉ କରି ଦୁଇ ଅଭିଯୁକ୍ତଙ୍କୁ ଧରିବା ପରେ ତାଙ୍କ ନିକଟରୁ ଗଞ୍ଜେଇ ଜବତ ହୋଇଥିଲା । ଗିରଫ ଦୁଇ ଅଭିଯୁକ୍ତ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱର ଓ ପୁରୀ ଜିଲ୍ଲାର ବିଭିନ୍ନ ବ୍ୟବସାୟୀଙ୍କୁ ଯୋଗାଇଥାନ୍ତି ବୋଲି କହିଛନ୍ତି । ଦୁଇ ଅଭିଯୁକ୍ତ ହେଲେ ଅଶୋକ ବରାଳ (୩୬), ଶେଖ ସାକିଲ (୪୪) । ଦୁହିଁଙ୍କ ଘର ପିପିଲି ଅଞ୍ଚଳରେ ବୋଲି ପୋଲିସ କହିଛି । ସେମାନେ ଗତ କିଛିଦିନ ହେବ ଗଞ୍ଜେଇ କାରବାର କରୁଥିବା ପୋଲିସ ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ଖବର ପାଇବା ସହ ବୁଧବାର କାକରୁଦ୍ରପୁର କେନାଲ ରାସ୍ତା ନିକଟରେ ଗ୍ରାହକଙ୍କୁ ଅପେକ୍ଷା କରିଥିବା ମଧ୍ୟ ସୂଚନା ମିଳିଥିଲା ।

# ଅଲ-ନିୟୁ ଥାର୍ଡଜେନେରେସନ ହୋଣ୍ଡା ଆମେଜ'ର ଶୁଭାରମ୍ଭ

ନୂଆଦିଲ୍ଲୀ,(ସବ୍ୟୁ): ଭାରତରେ ପ୍ରିମିୟମ କାରଗୁଡିକର ଏକ ଅଗ୍ରଣୀ ନିର୍ମାତା ହୋଣ୍ଡାକାରସ ଇଣ୍ଡିଆଲିମିଟେଡ (ଏଚସିଆଇଏଲ) ବୁଧବାର ଏହାର ବହୁ ପ୍ରତୀକ୍ଷିତ ଅଲ-ନିୟୁ ଥାର୍ଡଜେନେରେସନ ହୋଣ୍ଡା ଆମେଜର ଉନ୍ମୋଚନ ଓ ଶୁଭାରମ୍ଭ କରିଛି । ଏହା ଭାରତରେ ନୂତନ ପିଢି ଆମେଜର ବୈଶ୍ୱିକ ଶୁଭାରମ୍ଭ ହୋଇଛି, ଯାହାହୋଣ୍ଡା ପାଇଁ ବୈଶ୍ୱିକସ୍ତରରେ ଏକ ପ୍ରମୁଖ ବଜାର ଏବଂ ନୂଆ ମଡେଲ ଶୁଭାରମ୍ଭ କରିବାରେ ପ୍ରଥମ ରାଷ୍ଟ୍ର ହୋଇଛି ।




ଯୁବବର୍ଗ ଏବଂ ନିଜ ଜୀବନରେ ପ୍ରତ୍ୟେକଟି ଦିଗରେ ଉପରକୁ ଉଠିବାକୁ ଚାହୁଁଥିବା ପାରିବାରିକ ବ୍ୟବହାରକାରୀଙ୍କର ଆଶା ଆକାଂକ୍ଷା ପୂରଣ ନିମନ୍ତେ ଏକ ଆଉଟକ୍ଲାସ ଏବଂ ଆନନ୍ଦଦାୟକ ସେଡାନ ଅନୁଭୂତି ପ୍ରଦାନ କରିବାକୁ ଏହି ଷ୍ଟାଇଲିଶ ଏବଂ ପ୍ରିମିୟମ କମ୍ପାକ୍ଟ ସେଡାନର ଡିଜାଇନ କରାଯାଇଛି ।

ଏହାର ଦମଦାର ୩-ବକ୍ସ ଡିଜାଇନ ସହିତ, ଆମେଜ ଏକ ସେଡାନ ଆକାର ପ୍ରଦାନ କରୁଛି ଯାହା ୪ ମିଟରଲମ୍ବରୁ କମ ରହିବା ସମୟରେ ଏକ ଉଚ୍ଚତରକ୍ଲାସକୁ ପ୍ରତିଫଳିତ କରୁଛି । ଏହା 'ପ୍ରଗତିଶୀଳ' ଓ 'କ୍ଲାସି'ଭଳି ପ୍ରମୁଖ ବିଶେଷତ୍ୱକୁ ବହନ କରୁଛି, ଏବଂ ଏହାର ସ୍ପୋର୍ଟି ଏକ୍ସଟେରିୟର ଡିଜାଇନ, ବିଳାସପୂର୍ଣ୍ଣ ଓ ସ୍ପେସିୟସ ଇଣ୍ଟେରିଅର, ଉନ୍ନତ ନିରାପତ୍ତା ପ୍ରଯୁକ୍ତି ଓ ବୈଶିଷ୍ଟ୍ୟ ସମୂହ ଏବଂ ସ୍ୱାଚ୍ଛନ୍ଦ ମୂଳକ ତଥା ଭରସାଯୋଗ୍ୟ ଗାଡିଚଢିବାର ଏକ ଆଉଟକ୍ଲାସ ପ୍ରିମିୟମ ଅନୁଭୂତି ପ୍ରଦାନ କରୁଛି ।

## ସାମରିକ ଆଇନ ପ୍ରତ୍ୟାହାର କଲେ ଦ.କୋରିଆ ରାଷ୍ଟ୍ରପତି



ସିଓଲ: ସାଂସଦମାନଙ୍କ ଚାପରେ ମାତ୍ର କେଇ ଘଣ୍ଟା ମଧ୍ୟରେ ସାମରିକ ଆଇନ ପ୍ରତ୍ୟାହାର କରିବାକୁ ବାଧ ହୋଇଛନ୍ତି ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟୋଲ । ମଙ୍ଗଳବାର ରାତିରେ ସେ ଟେଲିଭିଜନରେ ରାଷ୍ଟ୍ର ଉଦ୍ଦେଶ୍ୟରେ ବାର୍ତ୍ତା ଜରିଆର ଯେଉଁ ଜରୁରୀ ପରିସ୍ଥିତି ଦୃଷ୍ଟିରୁ ସାମରିକ ଆଇନ ଜାରି କରିଥିଲେ ତାହାକୁ ମାତ୍ର କେଇ ଘଣ୍ଟା ମଧ୍ୟରେ ପ୍ରତ୍ୟାହାର କରାଗଲା ବୋଲି ଆଉ ଥରେ ଘୋଷଣା କରିଛନ୍ତି । କାରଣ ତାଙ୍କର ସାମରିକ ଆଇନ ଜାରିକୁ ବିରୋଧ କରି ଦେଶର ସାଂସଦମାନେ ସେନା ଓ ବନ୍ଧୁକକୁ ନଡରି ରାତିସାରା ଏକଜୁଟ ହୋଇ ରାଷ୍ଟ୍ରପତିଙ୍କ ଘୋଷଣାକୁ ବିରୋଧ କରିଥିଲେ । ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟୋଲ ମଙ୍ଗଳବାର ରାତିରେ ରାଷ୍ଟ୍ର ଉଦ୍ଦେଶ୍ୟରେ ବାର୍ତ୍ତା ଦେଇ କହିଥିଲେ ଯେ ଗଣତାନ୍ତ୍ରିକ ଦକ୍ଷିଣ କୋରିଆ ପ୍ରତି କମ୍ୟୁନିଷ୍ଟ ଉତ୍ତର କୋରିଆ ପକ୍ଷରୁ ଭୟଙ୍କର ବିପଦ ଦେଖାଦେଇଛି । ଏଣେ ଦେଶର ବିରୋଧୀ ଦଳ ଦେଶବାସୀଙ୍କର ସୁଖ ଓ ସ୍ୱାଧୀନତା ହଡ଼ପ କରିବାକୁ ଚକ୍ରାନ୍ତ କରୁଛନ୍ତି । ଏହାକୁ ପ୍ରତିହତ କରିବା ପାଇଁ ଦେଶରେ ଜରୁରୀକାଳୀନ ସାମରିକ ଆଇନ ଲାଗୁ କରାଯାଉଛି । ୧୯୮୦ ମସିହା ପରେ ଏହା ଥିଲା ଏହି ପୂର୍ବ ଏସୀୟ ଦେଶରେ ପ୍ରଥମ ସାମରିକ ଆଇନ ।

ୟୁନ୍ ତାଙ୍କ ଭାଷଣରେ କହିଥିଲେ ଯେ ଦେଶର ବିରୋଧୀ ଦଳ ଡେମୋକ୍ରାଟିକ ପାର୍ଟି ଦେଶବିରୋଧୀ କାର୍ଯ୍ୟରେ ସଂପୃକ୍ତ ଅଛି । ସେମାନେ ରାଷ୍ଟ୍ରପତିଙ୍କୁ ବହିଷ୍କାର କରିବା ସହିତ ସ୍ୱତନ୍ତ୍ର ତଦନ୍ତ ଆଦି ଚଳାଇବାକୁ ଷଡ଼ଯନ୍ତ୍ର କରୁଛନ୍ତି । ସେମାନେ ସେମାନଙ୍କ ନେତାମାନଙ୍କୁ ନ୍ୟାୟିକ ପ୍ରକ୍ରିୟାରୁ ବାଦ ଦେବାକୁ ଚାହୁଁଛନ୍ତି । ସେମାନେ ଦେଶର ଶାସନକୁ ଅଚଳ କରିବାକୁ ଉଦ୍ୟମ କରୁଛନ୍ତି । ଏସବୁ କାରଣରୁ ଦେଶରେ ଜରୁରୀକାଳୀନ ସାମରିକ ଆଇନ ଲାଗୁ କରାଯାଉଛି ।

## ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ ନେଇ ଆମେରିକା ଚିନ୍ତିତ

ୱାଶିଂଟନ: ବାଂଲାଦେଶରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଉଥିବା ମଧ୍ୟରେ ଆମେରିକା ଧାର୍ମିକ ସ୍ୱାଧୀନତା ତଥା ମାନବିକ ଅଧିକାର ପ୍ରତି ସମ୍ମାନ ସମ୍ପର୍କରେ ଆହ୍ୱାନ କରିଛି । ବାଂଲାଦେଶରେ ସଂଖ୍ୟାଲଘୁ ବିଶେଷ କରି ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ଭାରତ ଉଦ୍ବେଗ ପ୍ରକାଶ କରିଛି ।

ଆମେରିକାର ବୈଦେଶିକ ବିଭାଗର ଉପମୁଖପାତ୍ର ବେଦାନ୍ତ ପଟେଲ ୱାଶିଂଟନରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରିବା ସମୟରେ କହିଛନ୍ତି ଯେ ଆମେ ସ୍ପଷ୍ଟ ଯେ ମୌଳିକ ସ୍ୱାଧୀନତାକୁ ସମ୍ମାନ ଦିଆଯିବା ଆବଶ୍ୟକ । ପଟେଲ କହିଛନ୍ତି, ସରକାର ଆଇନ ଶୃଙ୍ଖଳା ପାଳନ କରିବା ସହ ନାଗରିକଙ୍କ ମାନବିକ ଅଧିକାରର ସୁରକ୍ଷା କରିବା ଆବଶ୍ୟକ । ସେ କହିଛନ୍ତି, କୌଣସି ପ୍ରକାର ବିରୋଧ ଶାନ୍ତିପୂର୍ଣ୍ଣ ହେବା ଉଚିତ୍ । ଏକ ପ୍ରଶ୍ନର ଉତ୍ତରରେ ପଟେଲ କହିଛନ୍ତି, ଆମେ ଜୋର୍ ଦେଉଛୁ ଯେ ଗିରଫ ବ୍ୟକ୍ତିମାନେ ମାନବିକ ଅଧିକାର ଅନୁଯାୟୀ ଉପଯୁକ୍ତ ଆଇନ ସହାୟତା ଏବଂ ଚିକିତ୍ସା ପାଇବା ଉଚିତ୍ । ଏହି ସମୟରେ, ଆମେରିକାର କଂଗ୍ରେସ କର୍ମୀ ବ୍ରାଡ ଶରମାନ ଏକ ବିବୃତିରେ କହିଛନ୍ତି, ହିନ୍ଦୁ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବା ତଥା ହଜାର ହଜାର ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ହୋଇଥିବା ଆକ୍ରମଣ ତଥା ନିର୍ଯାତନାର ମୁକାବିଲା କରିବା ପାଇଁ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ରହିଛି ।

ହିନ୍ଦୁ ଆକ୍ସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉତ୍କଳ ଚକ୍ରବର୍ତ୍ତୀ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ହିଂସା ବିରୁଦ୍ଧରେ ରାଷ୍ଟ୍ରପତି ଜୋ ବାଇଡେନ ଏବଂ କମଲା ହାରିସ୍‌ଙ୍କ ପ୍ରଶାସନ ସମସ୍ତ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ବାଂଲାଦେଶରୁ ଆମେ ପାଇଥିବା ପ୍ରତିକ୍ରିୟାକୁ ଆଧାର କରି କୁହାଯାଇପାରେ ଯେ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଦ୍ୱାରା ଗିରଫ ହୋଇଥିବା ସାଧୁ ତଥା ନାଗରିକ ଅଧିକାର କର୍ମୀ ଚିନ୍ମୟ କୃଷ୍ଣ ବ୍ରହ୍ମଚାରୀଙ୍କ ଜୀବନ ପ୍ରତି ବିପଦ ରହିଛି ।

ସୂଚନାଯୋଗ୍ୟ, ଅଗଷ୍ଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ କ୍ଷମତାରୁ ବହିଷ୍କାର କରାଯିବା ଏବଂ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ ମଧ୍ୟବର୍ତ୍ତୀକାଳୀନ ସରକାର କ୍ଷମତାକୁ ଆସିବା ପରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହୋଇପଡିଛି ।

# ୨୯ ମାସରେ ମୁଖ୍ୟମନ୍ତ୍ରୀରୁ ଉପମୁଖ୍ୟମନ୍ତ୍ରୀ!



ମୁମ୍ବାଇ: ୨୯ ମାସ ପରେ, ମହାରାଷ୍ଟ୍ରରେ ମୁଖ୍ୟମନ୍ତ୍ରୀ ପଦବୀ ଶିବସେନାର ଏକନାଥ ସିନ୍ଦେଙ୍କ ପାଖରୁ ବିଜେପି ହାତକୁ ଯାଇଛି । ଦେବେନ୍ଦ୍ର ଫଡନାଭିସ୍ ମହାରାଷ୍ଟ୍ରର ନୂତନ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା କୁହାଯାଉଛି । ସିନ୍ଦେ ସରକାରରେ ନମ୍ବର-୨ ଅର୍ଥାତ୍ ଉପମୁଖ୍ୟମନ୍ତ୍ରୀର ଭୂମିକା ତୁଲାଇବେ । ଏହାର କାରଣ ଆସନ ସଂଖ୍ୟା ବୋଲି କୁହାଯାଉଛି । କିନ୍ତୁ ୨୦୨୨ମସିହାରେ ଏକନାଥ ସିନ୍ଦେ ଶିବସେନା ବିରୁଦ୍ଧରେ ବିଦ୍ରୋହ କଲେ ମଧ୍ୟ ତାଙ୍କ ବିଧାୟକଙ୍କ ସଂଖ୍ୟା ବିଜେପି ବିଧାୟକଙ୍କ ତୁଳନାରେ କମ୍ ଥିଲା । କିନ୍ତୁ ସେତେବେଳେ ସେ ସିଏମ୍ ଚେୟାର ପାଇଥିଲେ ।

କେବଳ ଏତିକି ନୁହେଁ, ବିହାରରେ ବିଜେପି ତୁଳନାରେ ଜନତା ଦଳ ୟୁନାଇଟେଡର କମ୍ ଆସନ ଅଛି । ଏହା ସତ୍ତ୍ୱେ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦବୀରେ ରହିଛନ୍ତି । ଏଭଳି ପରିସ୍ଥିତିରେ ଏକନାଥ ସିନ୍ଦେ କେଉଁ ଭୁଲ୍ କରିଛନ୍ତି ଯାହା ଯୋଗୁ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡିବାକୁ ପଡିବ ବୋଲି ଆଲୋଚନା ହେଉଛି ।

ମହାରାଷ୍ଟ୍ର ନିର୍ବାଚନରେ ସିନ୍ଦେଙ୍କ ସେନା ୫୭ଟି ବିଧାନସଭା ଆସନ ଜିତିଛି । ସେଥିମଧ୍ୟରୁ ୧୪ଜଣ ବିଧାୟକ ଭାରତୀୟ ଜନତା ପାର୍ଟି ଦ୍ୱାରା ସମର୍ଥିତ । ଜିତିଥିବା ୬ଜଣ ବିଧାୟକଙ୍କୁ ବିଜେପିର ବୋଲି ଘୋଷଣା କରାଯାଇଛି ।

ସେଥିମଧ୍ୟରୁ ପାଲଘରର ରାଜେନ୍ଦ୍ର ଗାଭିତ, କୁଣ୍ଡଲର ନୀଲେଶ ରାଣେ, ଆନ୍ଧେରୀ ଇଷ୍ଟର ମୁରଜି ପଟେଲ, ସାଙ୍ଗନମେର ଅନମୋଲ ଖାତାଲ, ନେଭାସାର ଭିଠୁଲ ଲାଙ୍ଗେ ଏବଂ ବୋଇସରର ଭିଲାସ ତାରେ ପ୍ରମୁଖଙ୍କ ନାମ ରହିଛି ।

ନିର୍ବାଚନ ପୂର୍ବରୁ ସିନ୍ଦେ ୪ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କୁ ମଧ୍ୟ ଟିକେଟ୍ ଦେଇଥିଲେ । ସେନେ ଜିତିଥିଲେ ଏବଂ ବିଧାୟକ ହୋଇଥିଲେ । କୁହାଯାଉଛି ଯେ ଏହି ସ୍ୱାଧୀନମାନେ ଟିକେଟ୍ ପାଇବାରେ ବିଜେପିର ଭୂମିକା ଥିଲା ।

ଏଭଳି ପରିସ୍ଥିତିରେ ଯଦି ସିନ୍ଦେ ବିଜେପି ବିରୁଦ୍ଧରେ ବିଦ୍ରୋହ କରନ୍ତି, ତେବେ ଏହି ବିଧାୟକମାନଙ୍କର ସମର୍ଥନ ହରାଇ ପାରନ୍ତି । ୨୦୨୨ ମସିହାରେ ବିହାରରେ ମୁକେଶ ସହନିଙ୍କ ସହ ଏହା ଘଟି ସାରିଛି । ସହନିଙ୍କର ସମସ୍ତ ବିଧାୟକ ବିଜେପି ପକ୍ଷକୁ ଯାଇଥିଲେ । ଏହା ପରେ ସହନି ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

୨୦୨୨ମସିହାରେ ଶିବସେନା ଏବଂ ବିଜେପିର ସିନ୍ଦେ ଦଳ ସରକାର ଗଠନ କରିଥିଲେ । ଠିକ୍ ଗୋଟିଏ ବର୍ଷ ପରେ ଦେବେନ୍ଦ୍ର ଫଡନାଭିସ୍ ଅଜିତ ପାୱାରଙ୍କୁ ସହ ମିଳିତ ହୋଇଥିଲେ। ଅଜିତଙ୍କ ଏକାଠି ହେବା ସିନ୍ଦେଙ୍କ ପାଇଁ କ୍ଷତିକାରକ ବୋଲି ପ୍ରମାଣିତ ହୋଇଥିଲା । ଅଜିତଙ୍କ କାରଣରୁ ସିନ୍ଦେ ବିଜେପି ଉପରେ ରାଜନୈତିକ ଚାପ ସୃଷ୍ଟି କରିବାରେ ସକ୍ଷମ ହୋଇ ପାରିଲେ ନାହିଁ ।

ମହାରାଷ୍ଟ୍ରରେ ସରକାର ଗଠନ ପାଇଁ ୧୪୫ ବିଧାୟକ ଆବଶ୍ୟକ । ବର୍ତ୍ତମାନ ବିଜେପି ପଖରେ ୧୩୨ ଜଣ ବିଧାୟକ ଅଛନ୍ତି । ଅଜିତଙ୍କ ଦଳ ୪୧ ଟି ଆସନ ଜିତିଛି । ସିନ୍ଦେଙ୍କର ୫୭ଜଣ ବିଧାୟକ ଅଛନ୍ତି । ଯଦି ସିନ୍ଦେ ବାହାରି ଆସନ୍ତି ତେବେ ସରକାରଙ୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ।

ଯେତେବେଳେ ଅଜିତ ଏନଡିଏରେ ଯୋଗ ଦେଇଥିଲେ, ସେତେବେଳେ ତାଙ୍କୁ ବିରୋଧ କରାଯାଇଥିଲା, କିନ୍ତୁ ଫଡନାଭିସ୍ ଏହାକୁ ଦୃଢ଼ ଭାବରେ ସମର୍ଥନ କରି ଚାଲିଥିଲେ । ୨୦୨୪ ଲୋକସଭା ନିର୍ବାଚନ ପରେ, ଆରଏସଏସର ପତ୍ରିକା ଅର୍ଗାନାଇଜର ମଧ୍ୟ ଅଜିତଙ୍କୁ ବିରୋଧ କରିଥିଲା । ତଥାପି ସିନ୍ଦେ ଏହାକୁ ମିଳିତ ମଞ୍ଚରେ ପ୍ରସଙ୍ଗ କରିପାରି ନ ଥିଲେ ।

ବିହାରରେ ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ନୀତୀଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରାଯାଇଛି । ୨୦୧୫ରେ ମଧ୍ୟ ଯେତେବେଳେ ନୀତୀଶ ଲାଲୁଙ୍କ ସହ ଥିଲେ ସେତେବେଳେ ସେ ମୁଖ୍ୟମନ୍ତ୍ରୀ ପାଇଁ ତାଙ୍କ ନାମ ଘୋଷଣା କରିଥିଲେ । ୨୦୨୦ରେ ବିଜେପି ମଧ୍ୟ ନୀତୀଶଙ୍କୁ ନେଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା ।

କୌତୁହଳର ବିଷୟ, ୨୦୨୫ ନିର୍ବାଚନ ପୂର୍ବରୁ ମଧ୍ୟ ନୀତୀଶ ମୁଖ୍ୟମନ୍ତ୍ରୀ ପଦ ପାଇଁ ଏନଡିଏରେ ତାଙ୍କ ନାମ ଘୋଷଣା କରିଛନ୍ତି । ମହାରାଷ୍ଟ୍ର ନିର୍ବାଚନ ପୂର୍ବରୁ ସିନ୍ଦେ ସମାନ ଘୋଷଣା କରିପାରି ନ ଥିଲେ ।

ନିର୍ବାଚନ ପରେ ସିନ୍ଦେ ଏହି ବିଜୟକୁ ତାଙ୍କ କାର୍ଯ୍ୟ ପାଇଁ ବିଜୟ ବୋଲି କହିଥିଲେଛ କିନ୍ତୁ ର୍ନିବାଚନ ପୂର୍ବରୁ ସେ ନିଜକୁ ଆଗରେ ରଖି ନ ଥିଲେଛ ର୍ନିବାଚନ ପରେ ବିଜେପି ସିଟ୍ ଫର୍ମୁଲା ଆଧାରରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବି କରିଥିଲା ।

ନାମ ଆଗରୁ ସ୍ଥିର ହୋଇ ନ ଥିଲା, ତେଣୁ ସିନ୍ଦେ କିଛି କରିପାରିଲେ ନାହିଁ । ଏପରିକି ନୈତିକତା ଆଧାରରେ ବିଜେପି ପଛକୁ ହଟି ନ ଥିଲା ।

୨୦୨୨ ମସିହାରେ ଏକନାଥ ସିନ୍ଦେଙ୍କ ଡେପୁଟି ହୋଇଥିବା ଦେବେନ୍ଦ୍ର ଫଡନାଭିସ୍ ବର୍ତ୍ତମାନ ସିନ୍ଦେଙ୍କର ମାଲିକ ହୋଇଛନ୍ତି । ବିଜେପି ଫଡନାଭିସଙ୍କୁ ସିଏମ୍ ଭାବେ ନିଯୁକ୍ତ କରିଛି । ଫଡନାଭିସ୍ ମହାରାଷ୍ଟ୍ରରେ ବିଜେପିର ଚେହେରା ରହିଆସିଛନ୍ତି ଏବଂ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଥିଲେ । ଯେତେବେଳେ ୨୦୨୨ରେ ସିନ୍ଦେ ମୁଖ୍ୟମନ୍ତ୍ରୀ ହୋଇଥିଲେ, ଫଡନାଭିସ୍‌ଙ୍କୁ ସରକାରରେ ଡେପୁଟି କରାଯାଇଥିଲା । ଏହା ପରେ ହିଁ ଫଡନାଭିସ୍ ରାଜନେତିକ ପଶାପାଲି ଖେଳିବା ଆରମ୍ଭ କରିଥିଲେ । ଏନଡିଏରେ ଏକନାଥଙ୍କ ରାଜନେକ ଚାପ ହ୍ରାସ କରିବାକୁ ଫଡନାଭିସ୍ ଅଜିତ ପାୱାରଙ୍କୁ ନିଯୁକ୍ତ କରିଥିଲେ ।

ଯେତେବେଳେ ୨୦୨୪ ବିଧାନସଭା ନିର୍ବାଚନ ପ୍ରଚାର ଚରମ ସୀମାରେ ପହଞ୍ଚିଥିଲା, ବିଜେପି ଧୀରେ ଧୀରେ ଫଡନାଭିସ୍‌ଙ୍କ ନାମ ଆଗକୁ ବଢ଼ାଇଥିଲା । ଏହା ପରେ ଫଡନାଭିସ୍ ମଧ୍ୟ ସ୍ୱର ଉତ୍ତୋଳନ କରିଥିଲେ । ଫଡନାଭିସ୍ ସମଗ୍ର ନିର୍ବାଚନରେ ପ୍ରାୟ ୫୬ ଟି ରାଲି କରିଥିଲେ, ଯାହାକି ରାଜ୍ୟସ୍ତରୀୟ ନେତାଙ୍କ ମଧ୍ୟରେ ସର୍ବାଧିକ ଥିଲା ।

## ମୋଦୀ-ଟ୍ରମ୍ପ ବନ୍ଧୁତାରେ ଫାଟ !

ୱାଶିଂଟନ: ଆମେରିକାର ନୂଆ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିଷୟରେ ଏକ ଖବର ଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କର ସର୍ବୋତ୍ତମ ବନ୍ଧୁ ବୋଲି କହି ରାଷ୍ଟ୍ରପତି ନିର୍ବାଚନରେ ଜିତିବା ପରେ ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟି କ୍ଷମତା ହାସଲ କରିଛି । ଏହି କ୍ରମରେ, ରିପବ୍ଲିକାନ୍ ପାର୍ଟି ସାଂସଦ ଏକ ଦାବୀ କରିଛନ୍ତି । ଯାହାଦ୍ୱାରା ଭାରତର ସେରାମିକ୍ ଟାଇଲ୍ ନିର୍ମାତାମାନେ ସମସ୍ୟାରେ ପଡ଼ିବାର ଆଶଙ୍କା ରହିଛି ।

କୁହାଯାଉଛି ଯେ ରିପବ୍ଲିକାନ୍ ପାର୍ଟି ସାଂସଦ ଭାରତରୁ ଆମଦାନୀ ହୋଇଥିବା ସେରାମିକ୍ ଟାଇଲ୍ ଉପରେ ଅଧିକ ଆଣ୍ଟି ଡମ୍ପିଂ ଡ୍ୟୁଟି ଲାଗୁ କରିବାକୁ ଦାବି କରିଛନ୍ତି । ଯେଉଁଥିପାଇଁ ଆମେରିକାର ଉତ୍ପାଦନ କ୍ଷେତ୍ରର ବୁଡ଼ି ଯାଉଥିବା ବ୍ୟବସାୟକୁ ରକ୍ଷା କରାଯାଇପାରିବ ।

ଆମେରିକାରେ କ୍ଷମତାକୁ ଫେରିଥିବା ରିପବ୍ଲିକାନ୍ ପାର୍ଟି ସାଂସଦ ଜନ୍ ରସ୍ ଆମେରିକାର ବାଣିଜ୍ୟ ମନ୍ତ୍ରୀ ଜିନା ରାଇମୋଣ୍ଡୋଙ୍କୁ ଏହି ଚିଠି ଲେଖିଛନ୍ତି । ଚିଠିରେ ସେ ଉଲ୍ଲେଖ କରିଛନ୍ତି, ଆମେରିକାର ଟେନେସି ରାଜ୍ୟରେ ଉତ୍ପାଦନ କ୍ଷେତ୍ରରେ ଚାକିରି ବିପଦରେ ରହିଛି । ଏହାର କାରଣ ହେଉଛି ସେରାମିକ୍ ଟାଇଲ୍ସ ବଜାରରେ ଭାରତର ଅନ୍ୟାୟ ଏବଂ ପ୍ରତିଯୋଗୀତା ବିରୋଧୀ ବାଣିଜ୍ୟ ଅଭ୍ୟାସ ଯାହା ଟେନିସର ଉତ୍ପାଦନ ଶିଳ୍ପ ଉପରେ ନକାରାତ୍ମକ ପ୍ରଭାବ ପକାଉଛି ।

ସାଂସଦ ଜନ୍ ରସ୍ ଭାରତ ବିରୋଧରେ ଗୁରୁତର ଅଭିଯୋଗ କରିଛନ୍ତି ଯେ ଭାରତ ଆମେରିକାକୁ ଏହାର ସେରାମିକ୍ ଟାଇଲ୍ ରପ୍ତାନି କରୁଛି । ଯେଉଁ କାରଣରୁ ଆମେରିକାର ସ୍ଥାନୀୟ ସେରାମିକ୍ ଟାଇଲ୍ ଉତ୍ପାଦନକାରୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ଆମେରିକାର ବାଣିଜ୍ୟ ମନ୍ତ୍ରୀ ଜିନା ରାଇମୋଣ୍ଡୋଙ୍କୁ ଏହି ପତ୍ରରେ ସାଂସଦ ଜନ୍ ରସ ଉଲ୍ଲେଖ କରିଛନ୍ତି, ମେ' ମାସରେ ଭାରତରୁ ଆସୁଥିବା ସେରାମିକ୍ ଟାଇଲ ଉପରେ ଆଣ୍ଟି-ଡମ୍ପିଂ ଡ୍ୟୁଟି ଲାଗୁ କରିବାକୁ ସରକାର ଯାଞ୍ଚ୍ କରୁଛନ୍ତି । ବର୍ତ୍ତମାନ ସରକାରଙ୍କ ଦ୍ୱାରା ଯାଞ୍ଚ୍ କରାଯାଉଥିବାରୁ ଆମେ ଚାହୁଁ, ଭାରତୀୟ ସେରାମିକ୍ ଟାଇଲ୍ ଆମଦାନିର ସମ୍ପୂର୍ଣ୍ଣ ତଥ୍ୟକୁ ସଠିକ୍ ଭାବରେ ବିଶ୍ଳେଷଣ କରାଯିବା ଉଚିତ୍ ଏବଂ ସ୍ଥାନୀୟ ଟାଇଲ୍ ଉତ୍ପାଦନକାରୀଙ୍କୁ ସ୍ଥିରତା ପ୍ରଦାନ କରିବା ପାଇଁ ଆମର ଘରୋଇ ଟାଇଲ୍ ଉତ୍ପାଦନକାରୀଙ୍କୁ ଆମ ବଜାରରେ ପ୍ରବେଶ କରିବାକୁ ଅନୁମତି ଦିଆଯାଉଛି । ଆମ ସେରାମିକ୍ ଉତ୍ପାଦନକାରୀଙ୍କର ବଜାରରେ ପ୍ରାଧାନ୍ୟ ରହିବା ଜରୁରୀ ।

ଚିଠିରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ୨୦୧୩ ମସିହାରେ ଭାରତରୁ ପ୍ରାୟ ୩,୪୪,୦୦୦ ବର୍ଗଫୁଟ ସେରାମିକ୍ ଟାଇଲ୍ ଆମଦାନୀ ହୋଇଥିଲା, ଯାହା ୨୦୨୩ ମସିହାରେ ପ୍ରାୟ ୪୦ କୋଟି ବର୍ଗଫୁଟକୁ ବୃଦ୍ଧି ପାଇଛି ।

ସୂଚନାଯୋଗ୍ୟ, ଆମେରିକାର ନୂତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ତାଙ୍କ ଦେଶର ଘରୋଇ ବ୍ୟବସାୟ ବୃଦ୍ଧି ପାଇଁ ପ୍ରତିରକ୍ଷା ଆଭିମୁଖ୍ୟ ଗ୍ରହଣ କରୁଥିବା ଦେଖାଯାଉଛି । ସେ ପୂର୍ବରୁ ଘୋଷଣା କରିସାରିଛନ୍ତି ଯେ ସେ ଅନେକ ଦେଶରୁ ଆସୁଥିବା ବିଭିନ୍ନ ସାମଗ୍ରୀ ଉପରେ ଭାରି ଶୁଳ୍କ ଲଗାଯିବ । ଏଭଳି ପଦକ୍ଷେପ ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଟ୍ରମ୍ପଙ୍କ ବନ୍ଧୁତାରେ ଫାଟ ସୃଷ୍ଟି ହେବାର ଆଶଙ୍କା ରହିଥିବା ଚର୍ଚ୍ଚା ହେଉଛି ।

## ୱାୟନାଡ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ମାଗିଲେ ପ୍ରିୟଙ୍କା

ନୂଆଦିଲ୍ଲୀ: କଂଗ୍ରେସ ନେତା ତଥା ୱାୟନାଡ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଛନ୍ତି । ସଂସଦରେ ସେ ୱାନନାଡ ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ ଦାବି କରି ସେ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଭେଟିଛନ୍ତି । ଜୁଲାଇ ୩୦ରେ ପ୍ରବଳ ବର୍ଷା ମଧ୍ୟରେ କେରଳର ୱାୟନାଡରେ ଏକ ଭୂସ୍ଖଳନ ଘଟିଥିଲା । ଏହି ଭୂସ୍ଖଳନରେ ହଜାର ହଜାର ଲୋକ ପ୍ରଭାବିତ ହୋଇଥିଲେ ଏବଂ ଶହ ଶହ ଲୋକ ପ୍ରାଣ ହରାଇଥିଲେ । ପ୍ରଭାବିତ ଲୋକଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ପାଇଁ ୱାୟନାଡ ସାଂସଦ ପ୍ରିୟଙ୍କା ଗାନ୍ଧୀ କେନ୍ଦ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଛନ୍ତି । ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, ୱାୟନାଡ ଭୂସ୍ଖଳନ ପୀଡିତଙ୍କ ପାଇଁ କେନ୍ଦ୍ର ସରକାରଙ୍କଠାରୁ ସହାୟତା ଦାବିରେ ଆମେ ଅମିତ ଶାହଙ୍କୁ ଭେଟିଛୁ । କଂଗ୍ରେସ ସାଂସଦ କହିଛନ୍ତି ଯେ ଆମେ ସେଠାରେ ଥିବା ପରିସ୍ଥିତି ବିଷୟରେ ତାଙ୍କୁ ଜଣାଇଛୁ ।

ପ୍ରିୟଙ୍କା ଶାହଙ୍କୁ ୨୧ ଜଣ ସାଂସଦଙ୍କ ଉପସ୍ଥିତିରେ ଭେଟିଥିଲେ । ଏହି ସମୟରେ କଂଗ୍ରେସ ସାଂସଦ ଅମିତ ଶାହଙ୍କୁ ୱାୟନାଡ ପାଇଁ ଯଥାସମ୍ଭବ ସହାୟତା ପ୍ରଦାନ କରିବାକୁ ନିବେଦନ କରିଥିଲେ । ଏହା ପରେ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି ଯେ ବନ୍ୟା ଓ ଭୂସ୍ଖଳନ ଯୋଗୁ ୱାୟନାଡ ବହୁ ଅସୁବିଧାର ସମ୍ମୁଖୀନ ହୋଇଛି । ଲୋକଙ୍କ ଘର, ବ୍ୟବସାୟ, ବିଦ୍ୟାଳୟ, ସବୁକିଛି ଧୋଇ ହୋଇଯାଇଛି । ଏଭଳି ପରିସ୍ଥିତିରେ ସେମାନଙ୍କୁ ସହାୟତାର ଆବଶ୍ୟକତା ରହିଛି । ପ୍ରିୟଙ୍କା କହିଛନ୍ତି, ରାଜନୀତିକୁ ଦୂରେଇ ରହି ସେଠାକାର ଲୋକଙ୍କୁ ଯଥାସମ୍ଭବ ସାହାଯ୍ୟ କରିବା ପାଇଁ ଆମେ ନିବେଦନ କରିଛୁ । ଆମେ ଶାହଙ୍କୁ କହିଥିଲୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ୱାୟନାଡ ଯାଇଛନ୍ତି । ସେ ସେଠାରେ ଯନ୍ତ୍ରଣା ଭୋଗୁଥିବା ଲୋକଙ୍କୁ ଭେଟିଥିଲେ । ବର୍ତ୍ତମାନ ସେହି ଲୋକମାନେ ଆଶା କରୁଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆସିଥିଲେ ତେଣୁ ସେମାନେ ନିଶ୍ଚିତ ଭାବରେ କିଛି ସାହାଯ୍ୟ ପାଇବେ ।

## ଚୀନରେ ମିଳିଲା ବଡ଼ ମୁଣ୍ଡ ବିଶିଷ୍ଟ ପ୍ରାଚୀନ ମଣିଷ ପ୍ରଜାତି

ନୂଆଦିଲ୍ଲୀ: ଚୀନରେ ମିଳିଲା ମାନବଙ୍କ ନୂଆ ପ୍ରଜାତି । ସେମାନେ ୩ଲକ୍ଷରୁ ୫ହଜାର ବର୍ଷ ପୂର୍ବେ ଏହି ପୃଥିବୀରେ ବସବାସ କରୁଥିଲେ । ସେମାନଙ୍କ ମୁଣ୍ଡ ବହୁତ ବଡ ଥିଲା । ଏହି ମାନବ ପ୍ରଜାପତିଙ୍କ ନାଁ ହେଲା 'ହୋମୋ ଜୁଲୁଏନସିସି' , ଏହାର ଅର୍ଥ ବଡ ମୁଣ୍ଡ । ଆମେମାନେ ହୋମୋ ସାପିଅନ୍ ପ୍ରଜାତି ଙ୍କ ଠାରୁ ହୋଇଛି । ଯିଏ ପ୍ରାୟ ୩ଲକ୍ଷ ବର୍ଷ ପୂର୍ବେ ବିକଶିତ ହୋଇଥିଲେ । କିନ୍ତୁ ଏହି ନୂଆ ପ୍ରଜାତି କେଉଁଠାରୁ ଆସିଲେ , ବୈଜ୍ଞାନିକମାନେ ତାହାର ସନ୍ଧାନ କରୁଛନ୍ତି ।



ଏହିମାନେ ଆଧୁନିକ ମାନବ ଆସିବା ଠିକ୍ ପୂର୍ବରୁ ହୋମୋନିନ୍ସ କି? ଯିଏ ୭ରୁ ୩ଲକ୍ଷ ପୂର୍ବରୁ ଏହି ଧରିତ୍ରୀରେ ଥିଲେ । ୪ଲକ୍ଷ ବର୍ଷ ପୃଥିବୀରେ ରହିଥିଲେ । ସେହି ସମୟରେ ପୃଥିବୀର ଅଲଗା ଅଲଗା କୋଣରେ ବିଭିନ୍ନ ପ୍ରଜାତି ଥିଲେ , ଯେପରି ୟୁରୋପରେ ହୋମୋ ହିଡେଲବର୍ଗେନିସିସ୍ , ମଧ୍ୟଚୀନରେ ହୋମୋ ଲୋଂଗି । ସେମାନଙ୍କର ଜୀବାଶ୍ମ ମିଳିଛି । ତେଣୁ ବୈଜ୍ଞାନିକ ଏହାର ଅଧ୍ୟୟନ କରି ଜାଣିବାକୁ ପାଇଛନ୍ତି ସେହି ସମୟରେ ବି ପ୍ରାଚୀନ ମାନବଙ୍କ ଅନେକ ପ୍ରଜାତି ବସବାସ କରୁଥିଲେ ।

ଏବେ ଚୀନରେ ଯେଉଁ ମାନବ ପ୍ରଜାତି ବିଷୟରେ ସ୍ପଷ୍ଟ ହୋଇଛି, ତାକୁ ବୈଜ୍ଞାନିକ ଆର୍କେଇକ୍ ହୋମୋ ସାପିୟନ୍ସ ବି କହୁଛନ୍ତି । ଏମାନଙ୍କୁ ମିଡିଲ ପ୍ଲିଷ୍ଟୋସିନ୍ ହୋମୋ ବି କୁହାଯାଏ । କହିବାକୁ ଗଲେ ଏମାନେ ମଧ୍ୟମ ସମୟର । ହୱାଇ ବିଶ୍ୱବିଦ୍ୟାଳୟର ଅନ୍ଥ୍ରୋପୋଲୋଜିଷ୍ଟ କ୍ରିଷ୍ଟୋଫର ବେ ଓ ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସେସର ଇନଷ୍ଟିଚ୍ୟୁଟ ଅଫ୍ ଭର୍ଟିବ୍ରେଟ୍ ପାଲେଣ୍ଟିଓଲୋଜିଷ୍ଟ ଶିୟୁଜି ଓ୍ୱ ଏହି ନୂଆ ମାନବ ପ୍ରଜାତି ଆବିଷ୍କାର କରିଛନ୍ତି ।

ଏହାର ଅଧ୍ୟୟନର ତଥ୍ୟ ପାଲିଓଆନ୍ଥୋପୋଲୋଜି ଜର୍ନାଲ୍ରେ ପ୍ରକାଶ ପାଇଛି । ଅଧ୍ୟୟନ ଅନୁସାରେ , ଉତ୍ତର ଚୀନରେ ଭିନ୍ନ ପ୍ରକାର ମନୁଷ୍ୟର ଜୀବାଶ୍ମ ମିଳିଛି । ଏମାନଙ୍କର କଙ୍କାଳ ଓ ଖପୁରୀ ବହୁତ ବଡ ଏବଂ ଓସାରିଆ । ଯେମିତିକି ନିଏଣ୍ଡରଥାଲ ମାନବର ଥିଲା । କିନ୍ତୁ ଏମାନଙ୍କର ଓ ଡେନିସୋବେନ ପ୍ରଜାତି ମଧ୍ୟରେ କିଛି ସାମାଞ୍ଜସ୍ୟ ମଧ୍ୟ ଥିଲା ।

ଏବେ ଏହି ଜୀବାଶ୍ମଙ୍କ ଅଧ୍ୟୟନରୁ ଜଣା ପଡିଛି ଯେ, ଏହି ବଡ ମୁଣ୍ଡ ପ୍ରଜାତିର ମାନବ ପ୍ରାଚୀନ ଅଟନ୍ତି । ପାଖାପାଖି ୩ଲକ୍ଷରୁ ୫୦ ହଜାର ବର୍ଷ ପୂର୍ବ ଥିଲେ । ଏବେ ଏହି ଅଧ୍ୟୟନଟି ନେଚର କମ୍ୟୁନିକେସନ୍ସ ଜର୍ନଲରେ ପ୍ରକାଶିତ ହୋଇଛି । ଏମାନଙ୍କର ଜୀବାଶ୍ମ ଚୀନର ଶୁଚାଙ୍ଗ ଓ ଶୁଜିୟାୟୋରେ ମିଳିଥିଲା ।

# ସଡ଼କରୁ ସଂସଦ ସମ୍ଭଲ ତାତି

ନୂଆଦିଲ୍ଲୀ: ଥମୁନି ସମ୍ଭଲ ହିଂସା ତାତି । ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଉତ୍ତରପ୍ରଦେଶ ସମ୍ଭଲ ଯିବା ପାଇଁ ବାହାରିଥିଲେ । ତେବେ ସେମାନଙ୍କୁ ୟୁପି ଗାଜିପୁର ସୀମାରେ ହିଁ ରୋକାଯାଇଥିଲା । ପୋଲିସ ପ୍ରଶାସନ ସେମାନଙ୍କୁ ସମ୍ଭଲ ଯିବାକୁ ଅନୁମତି ଦେଇନଥିଲା । ଫଳରେ ରାହୁଲ, ପ୍ରିୟଙ୍କା, ଅନ୍ୟ କଂଗ୍ରେସ ନେତା ଓ କର୍ମୀ ଦିଲ୍ଲୀ ଫେରି ଆସିଥିଲେ । ସମ୍ଭଲ ପ୍ରସଙ୍ଗକୁ ନେଇ ସରଗରମ ହୋଇଛି ସଂସଦ । ରାହୁଲ ପ୍ରିୟଙ୍କାଙ୍କୁ ରୋକିବା ଘଟଣାକୁ ବିରୋଧ କରି ଲୋକସଭାରୁ ୱାକ୍ ଆଉଟ୍ କରିଥିଲେ ବିରୋଧୀ । ସମ୍ଭଲ ହିଂସାକୁ ନେଇ ଲଗାତର ବିଜେପିକୁ ଘେରୁଛି ସମାଜବାଦୀ ପାର୍ଟି । ସେପଟେ ମୁସଲିମ ଭୋଟ୍ ପାଇଁ ଉଭୟ କଂଗ୍ରେସ ଓ ସମାଜବାଦୀ ପାର୍ଟି ରାଜନୀତି କରୁଥିବା ବିଜେପି କହିଛି ।

### ଛାଡିଲେନି ସମ୍ଭଲ, କଣ କହିଲେ ରାହୁଲ?

ପ୍ରଥମେ ସମସ୍ତ କଂଗ୍ରେସ ନେତା ଓ କର୍ମୀଙ୍କ ସହ ସମ୍ଭଲ ଯିବାକୁ ବାହାରିଥିଲେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ତେବେ ପୋଲିସ ସେମାନଙ୍କୁ ଗାଜିପୁର ସୀମାରେ ରୋକିବା ପରେ ପୋଲିସ ଗାଡିରେ ୫ଜଣ ଯିବାକୁ ଅନୁମତି ମାଗିଥିଲେ ରାହୁଲ । ଏଥିରେ ବି ପୋଲିସ ରାଜି ନହେବାରୁ ଏକା ସମ୍ଭଲ ଯିବାକୁ କହିଥିଲେ । ହେଲେ ରାଜି ହୋଇନଥିଲେ ପୋଲିସ ପ୍ରଶାସନ । ସମ୍ବିଧାନ ଅନୁସାରେ ବିରୋଧୀ ଦଳ ନେତା ଭାବେ ସେ ସମ୍ଭଲ ଯାଇପାରିବେ । ସମ୍ବିଧାନ ପୁସ୍ତକ ଦେଖାଇବା ସହ ତାଙ୍କୁ ଛଡା ନଯିବା ତାଙ୍କ ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ କରୁଥିବା ରାହୁଲ ଗାନ୍ଧୀ କହିଥିଲେ । ସେପଟେ ସମ୍ଭଲରେ ଯାହା ହୋଇଛି ଭୁଲ ହୋଇଛି । ରାହୁଲ ବିରୋଧୀ ଦଳ ନେତା, ତାଙ୍କୁ ରୋକା ଯାଇପାରିବନି । ୟୁପିର ଆଇନ ଶୃଙ୍ଖଳାକୁ ନେଇ ବର୍ଷିଥିଲେ ସାଂସଦ ପ୍ରିୟଙ୍କା ଗାନ୍ଧୀ ।



### କଣ ଲୁଚାଉଛନ୍ତି ୟୁପି ସରକାର?

ରାହୁଲ ଗାନ୍ଧୀଙ୍କୁ ସମ୍ଭଲ ଛଡାନଯିବାକୁ ନେଇ ବିଜେପିକୁ ଟାର୍ଗେଟ୍ କରିଛନ୍ତି ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ । ସମ୍ଭଲରେ ଯାହା ହେଲା, ପ୍ରଶାସନର ଭୁଲ ପାଇଁ ହେଲା । କୌଣସି ଦଳର ନେତାଙ୍କୁ ସେଠାକୁ ଯିବାକୁ ଦେଉନାହାନ୍ତି । ଲୋକଙ୍କ ଉପରେ ଚାପ ପକାଇ ପ୍ରମାଣ ଲୁଚାଇଦେବେ । ଏସବୁ ପରେ ଗଲେ କଣ ଫାଇଦା ହେବ ବୋଲି ଅଖିଳେଶ କହିଛନ୍ତି । ୟୁପି ପୋଲିସ ଲୋକଙ୍କୁ ନ୍ୟାୟ ଦେବା ବଦଳରେ ନିର୍ଦ୍ଦୋଷଙ୍କୁ ଫସାଇବାରେ ଲାଗିଛି । ବିଜେପି କାହିଁକି ଦେଶରେ ମାହୋଲ ବିଗାଡୁଛି ବୋଲି ପ୍ରଶ୍ନ କରିଛନ୍ତି ଏସପି ସାଂସଦ ଡିମ୍ପଲ ଯାଦବ । ସେପଟେ ମୁସଲିମ ଭୋଟ ପାଇଁ ଉଭୟ ରାହୁଲ ଗାନ୍ଧୀ ଓ ଅଖିଳେଶ ଯାଦବ ରାଜନୀତି କରୁଥିବା କହିଛି ବିଜେପି । ଏସବୁ ନାଟକ, ଏଥିରୁ ଉଭୟ ଦଳକୁ କୌଣସି ଫାଇଦା ମିଳିବନି ବୋଲି ୟୁପି ଉପମୁଖ୍ୟମନ୍ତ୍ରୀ କେଶବ ମୌର୍ଯ୍ୟ କହିଛନ୍ତି ।

### ସମ୍ଭଲକୁ ନେଇ ସଂସଦରେ ହଙ୍ଗାମା

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ସମ୍ଭଲ ଛଡାନଯିବାକୁ ନେଇ ସଂସଦରେ ହଙ୍ଗାମା । ସ୍ଥିତିର ଶାନ୍ତିପୂର୍ଣ୍ଣ ସମୀକ୍ଷା କରିବାକୁ ରାହୁଲ ଗାନ୍ଧୀ ଯାଉଥିଲେ । ତାଙ୍କୁ ରୋକାଯିବା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ସାଂସଦ ମହମ୍ମଦ ଜାଭେଦ କହିଥିଲେ । ସଂସଦ ବାହାରେ ରାହୁଲ ଗାନ୍ଧୀ କଣ କରିବେ ସେନେଇ ଗୃହ ଜାଣିବା ଜରୁରୀ ନୁହେଁ । ରାହୁଲ କାହିଁକି ସଂସଦରେ ନାହାନ୍ତି ବୋଲି ପ୍ରଶ୍ନ କରିଥିଲେ ସେ ସମୟରେ ଗୃହରେ ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ୍ ।

### ସମ୍ଭଲ ହିଂସା ପଛରେ କାହାଣୀ

ନଭେମ୍ବର ୨୪ତାରିଖରେ ସମ୍ଭଲ ଶାହି ଜାମା ମସଜିଦରେ କୋର୍ଟଙ୍କ ନିର୍ଦ୍ଦେଶ ପରେ ସର୍ଭେ ବେଳେ ପୋଲିସ ସହ ସ୍ଥାନୀୟ ଲୋକେ ମୁହାଁମୁହିଁ ହୋଇଥିଲେ । ହିଂସାର ୪ଦିନ ପର୍ଯ୍ୟନ୍ତ ସେଠାକାର ଦୋକାନ ବଜାର ବନ୍ଦ ରହିଥିଲା । ସମ୍ଭଲ ପ୍ରଶାସନ ପକ୍ଷରୁ ସେଠାରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏପର୍ଯ୍ୟନ୍ତ ୩ଶହରୁ ଅଧିକ ଅଭିଯୁକ୍ତଙ୍କ ପୋଷ୍ଟର ଜାରି କରାଯାଇଛି । ସମ୍ଭଲରେ ଶ୍ରୀହରିହର ମନ୍ଦିର ଭାଙ୍ଗି ଏହା ଉପରେ ଶାହି ଜାମା ମସଜିଦ ତିଆରି କରାଯାଇଥିବା ନେଇ ହିନ୍ଦୁ ପକ୍ଷ କୋର୍ଟରେ ପିଟିସନ ଦାଖଲ କରିଥିଲେ । ପିଟିସନ ଶୁଣାଣି କରି କୋର୍ଟ ମସଜିଦରେ ସର୍ଭେ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ସର୍ଭେ କାର୍ଯ୍ୟକୁ ବିରୋଧ କରି ପୋଲିସ ଉପରକୁ ଟେକା ପଥର ଫୋପାଡିଥିଲେ ବିକ୍ଷୋଭକାରୀ । ସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ଗୁଳି ଚଳାଇଥିଲା, ଏଥିରେ ୪ଜଣଙ୍କ ମୃତ୍ୟୁ ହୋଇଥିଲା ।

# ଭାରତକୁ ଜୁନିଅର ହକି ଏସିଆ କପ ଟାଇଟଲ

ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି): ଭାରତ ତୃତୀୟ ଥର ପାଇଁ ପୁରୁଷ ଜୁନିଅର ଏସିଆ କପ ଟାଇଟଲ ହାସଲ କରିଛି । ବୁଧବାର ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଦଳ ୫-୩ ଗୋଲରେ ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଧରାଶାୟୀ କରିଥିଲା । ମସ୍କଟରେ ଖେଳାଯାଇଥିବା ଫାଇନାଲରେ ଲଢ଼େଇରେ ଭାରତୀୟ ଚିତ୍ତାକର୍ଷକ ପ୍ରଦର୍ଶନ ଦେଖାଇଥିଲେ । ଭାରତ ପୂର୍ବରୁ ୨୦୦୪, ୨୦୦୮, ୨୦୧୫ ଓ ୨୦୨୩ରେ ଟାଇଟଲ ଜିତିଥିଲା । କରୋନା ମହାମାରୀ କାରଣରୁ ୨୦୨୧ ସଂସ୍କରଣ ବାତିଲ ହୋଇଥିଲା । ଫାଇନାଲ ମ୍ୟାଚରେ ଭାରତ ପକ୍ଷରୁ ଅରିଜିତ ସିଂ ହୁଣ୍ଡାଲ ୪ଟି ଗୋଲ କରିଥିଲେ । ଏଥିରେ ୩ଟି ପେନାଲ୍ଟି କର୍ଣ୍ଣର ଓ ଗୋଟିଏ ଫିଲ୍ଡ ଗୋଲ୍ ଥିଲା । ଧୀରଜ ସିଂ ଏକମାତ୍ର ଗୋଲ କରିଥିଲେ । ପାକିସ୍ତାନ ପକ୍ଷରୁ ସୁଫିଆନ ଖାନ୍ ୨ଟି ପେନାଲ୍ଟି କର୍ଣ୍ଣର ଗୋଲ ଏବଂ ହଂସ ସହୀଦ ଫିଲ୍ଡ ଗୋଲ କରିଥିଲେ ।

## ଭାରତୀୟ ଦଳକୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ




ଜୁନିଅର ଏସିଆ କପ ଟାଇଟଲ ହାସଲ କରିଥିବା ଭାରତୀୟ ପୁରୁଷ ଦଳକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି । ବୁଧବାର ଟାଇଟଲ ମୁକାବିଲାରେ ଭାରତ ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଧରାଶାୟୀ କରିଥିଲା । ଆଗକୁ ମଧ ଏହି ଗୌରବମୟ ଯାତ୍ରା ଜାରି ରହୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶାବ୍ୟକ୍ତ କରିଛନ୍ତି ।

# ୧୯ ବର୍ଷରୁ କମ ଏସିଆ କପ ସେମି ଫାଇନାଲରେ ଭାରତ




ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି): ୧୯ ବର୍ଷରୁ କମ ଏସିଆ କପ ସେମିଫାଇନାଲରେ ଭାରତ ପ୍ରବେଶ କରିଛି । ୟୁଏଇକୁ ୧୦ ୱିକେଟରେ ପରାସ୍ତ କରି ଭାରତ ଏହି ସଫଳତା ପାଇଛି । ଗ୍ରୁପ ପର୍ଯ୍ୟାୟରେ ପାକିସ୍ତାନଠାରୁ ହାରିଥିବା ଭାରତ ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକରେ ଜାପାନ ଓ ୟୁଏଇକୁ ବଡ଼ ବ୍ୟବଧାନରେ ହରାଇଛି । ସାରଝା କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ୟୁଏଇ ପ୍ରଥମେ ବ୍ୟାଟିଂ କରି ୪୪ ଓଭରରେ ୧୩୭ ରନ କରି ଅଲଆଉଟ ହୋଇଥିଲା । ଭାରତ ପାଇଁ ଯୁଦ୍ଧଜିତ୍ ଗୁହା ସର୍ବାଧିକ ୩ ୱିକେଟ ନେଇଥିବାବେଳେ ଚେତନ ଶର୍ମା ଏବଂ ହାର୍ଦ୍ଦିକ ରାଜ ଦୁଇଟି କରି ୱିକେଟ ସଫଳତା ହାସଲ କରିଥିଲେ ।

୧୩୮ ରନର ବିଜୟଲକ୍ଷ୍ୟକୁ ପିଛା କରି ଭାରତ ୧୬.୧ ଓଭରରେ ବିନା କୌଣସି ୱିକେଟ ହରାଇ ୧୪୩ ରନ କରି ଜିତିଥିଲା । ଭାରତ ପାଇଁ ଆୟୁଷ ମାତ୍ରେ ୬୭ ଓ ବୈଭବ ସୂର୍ଯ୍ୟବଂଶୀ ୪୬ ବଲରୁ ୭୬ ରନର ଅପରାଜିତ ଇନିଂସ ଖେଳି ଖେଳିଥିଲେ । ଗ୍ରୁପ୍-ଏ'ରୁ ଭାରତ ଓ ପାକିସ୍ତାନ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ସେମି ଲଢ଼େଇରେ ଭାରତର ମୁକାବିଲା ଶ୍ରୀଲଙ୍କା ସହ ହେବ । ଦ୍ୱିତୀୟ ସେମିରେ ବାଂଲାଦେଶ ଓ ପାକିସ୍ତାନ ମୁହାଁମୁହିଁ ହେବେ । ୬ ତାରିଖରେ ଦୁଇଟିଯାକ ସେମିଫାଇନାଲ ଖେଳାଯିବ । ଶ୍ରୀଲଙ୍କା ଓ ପାକିସ୍ତାନ ଏବେସୁଦ୍ଧା ପ୍ରତିଯୋଗିତାରେ ଅପରାଜେୟ ଅଛନ୍ତି । ଶ୍ରୀଲଙ୍କା ଗ୍ରୁପ-ବି'ରେ ବାଂଲାଦେଶ, ନେପାଳ ଏବଂ ଆଫଗାନିସ୍ତାନକୁ ହରାଇଥିଲା । ଗ୍ରୁପ ବି'ରେ ଶ୍ରୀଲଙ୍କା ଓ ବାଂଲାଦେଶ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଆଗାମୀ ୮ ତାରିଖରେ ଦୁବାଇରେ ଫାଇନାଲ ମ୍ୟାଚ୍ ଖେଳାଯିବ ।

## ବୈଭବଙ୍କ ୬ ଛକା

ୟୁଏଇ ବିପକ୍ଷ ମ୍ୟାଚ୍‌ରେ ବୈଭବଙ୍କ ବ୍ୟାଟ୍‌ରୁ ରନ ବର୍ଷା ଦେଖିବାକୁ ମିଳିଛି । ୟୁଏଇର ୧୩୮ ରନର ଟାର୍ଗେଟକୁ ଦୁଇ ଓପନର ବୈଭବ ଓ ଆୟୁଷ ଅକ୍ଲେଶରେ ଅତିକ୍ରମ କରିଯାଇଛନ୍ତି । ବୈଭବ ସୂର୍ଯ୍ୟବଂଶୀ ୪୬ ବଲରେ ୭୬ ଓ ଆୟୁଷ ମାତ୍ରେ ୫୧ ବଲରେ ୬୭ ରନ କରିଥିଲେ । ବୈଭବ ତାଙ୍କ ଇନିଂସରେ ୬ଟି ଛକା ଓ ୩ଟି ଚୌକା ମାରିଥିଲେ । ସେ ଛକା ମାରି ଦଳକୁ ବିଜୟୀ କରାଇଥିଲେ । ଉଭୟ ପ୍ରଥମ ୱିକେଟରେ ମାତ୍ର ୯୭ ବଲରେ ୧୪୩ ରନ ଯୋଗ କରିଥିଲେ । ସେ ୩୮ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ ।

୧୩ ବର୍ଷୀୟ ବୈଭବଙ୍କୁ ଆଇପିଏଲରେ ରାଜସ୍ଥାନ ରୟାଲ୍ସ ୧.୧୦ କୋଟିରେ କିଣିଥିଲା । ଏହା ପରେ ବୈଭବ ଏଥିସହ ଆଇପିଏଲ ଇତିହାସର ସବୁଠାରୁ କମ ବୟସର ଖେଳାଳି ହୋଇଛନ୍ତି । ୧୯ ବର୍ଷର କମ ଟେଷ୍ଟରେ ବୈଭବ ଅଷ୍ଟ୍ରେଲିଆ ବିପକ୍ଷରେ ଶତକ ହାସଲ କରିଥିଲେ । ସେ ମାତ୍ର ୧୨ ବର୍ଷ ବୟସରେ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ । ଚଳିତ ଏସିଆ କପରେ ବୈଭବ ପ୍ରଥମ ୨ଟି ମ୍ୟାଚରେ ବିଫଳ ହୋଇଥିଲେ ।

## ଭୁବନେଶ୍ୱର ସଂଘ ଜିମ୍ନାଷ୍ଟିକ୍ ଦଳର ଜୟପୁର ଗସ୍ତ



ଭୁବନେଶ୍ୱର, ୪।୧୨ (ସବ୍ୟୁ) : ୬ରୁ ୯ ତାରିଖ ପର୍ଯ୍ୟନ୍ତ ଜୟପୁରରେ ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ ପ୍ରତିଯୋଗିତା ଆୟୋଜିତ ହେବ । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଭୁବନେଶ୍ୱର ଜିମ୍ନାଷ୍ଟିକ୍ ସଂଘର ୧୧ ଜଣ ଖେଳାଳି ଓ ଜଣେ କୋଚ୍ ତଥା ମ୍ୟାନେଜର ଯଶୋବନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଜୟପୁର ଗସ୍ତ କରିଛନ୍ତି । ଭୁବନେଶ୍ୱର ଜିମ୍ନାଷ୍ଟିକ୍ ସଂଘର ଉପସଭାପତି ମୀରାରାଣୀ ଦାସଙ୍କୁ ଦଳର ନେତୃତ୍ୱ ଭାର ଦିଆଯାଇଛି ।

ଭୁବନେଶ୍ୱର ଜିମ୍ନାଷ୍ଟିକ୍ ସଂଘର ସଭାପତି ସୁରେଶ। ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ସହସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ଏଥିସହିତ ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏସନର ସମ୍ପାଦକ ଅଶୋକ ସାହୁଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି । ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ପ୍ରତିଯୋଗୀମାନେ ହେଲେ ଜେଏମ୍ ରୀତିକା ଦାସ, ବିଘ୍ନେଶା ଦାସ, ରଶ୍ମିରେଖା ସାହୁ, ଜିସାନ ଅହମ୍ମଦ ଖାନ, ତନ୍ମୟ ପାଢ଼ୀ, ମହମ୍ମଦ ବର୍କତ ଅଲ୍ଲୀ, ସୁଜଳ କୁମାର ସାମଲ, ଆରାଧ୍ୟା ମଲ୍ଲିକ, ସରଣ୍ୟା ମିଶ୍ର, ସିଦିଲା ସାହୁ, ଶ୍ରେୟଶ୍ରୀ ପ୍ରିୟଦର୍ଶିନୀ ଓ କୋଚ ରତିକାନ୍ତ ପ୍ରଧାନ ଜୟପୁର ଗସ୍ତ କରିଛନ୍ତି ।

## ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିଅନସିପ ପାଇଁ ସୁନ୍ଦରଗଡ଼ ଜିଲ୍ଲା ଦଳ



ଭୁବନେଶ୍ୱର, ୪।୧୨ (ସବ୍ୟୁ): ୬ରୁ ୮ ତାରିଖ ପର୍ଯ୍ୟନ୍ତ କୋରାପୁଟ ଜିଲ୍ଲାର ଜୟପୁରଠାରେ ରାଜ୍ୟ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍ ଆୟୋଜନ ହେବାକୁ ଯାଉଛି । ଏହି ପ୍ରତିଯୋଗିତାରେ ପ୍ରଥମ ଥର ପାଇଁ ସୁନ୍ଦରଗଡ଼ ଜିଲ୍ଲା ଦଳ ଭାଗ ନେବ । ନୂତନ ଭାବେ ଗଠିତ ସୁନ୍ଦରଗଡ଼ ଜିଲ୍ଲା ଜିମ୍ନାଷ୍ଟିକ୍ ସଂଘ ସହଯୋଗ ତଥା ରାଉରକେଲାରେ ଥିବା ଜିମ୍ନାଷ୍ଟିକ୍ ପ୍ରଶିକ୍ଷଣ କେନ୍ଦ୍ର ମାଧ୍ୟମରେ ଏହି ପ୍ରତିଯୋଗିତାରେ ୪ଜଣ ପ୍ରତିଯୋଗୀଙ୍କ ସହିତ ଜଣେ ପରିଚାଳକ ଓ ଜଣେ ପ୍ରଶିକ୍ଷକ ଯୋଗ ଦେବେ । ବୁଧବାର ସନ୍ଧ୍ୟାରେ ସୁନ୍ଦରଗଡ଼ ଜିଲ୍ଲା ଜିମ୍ନାଷ୍ଟିକ୍ ସଂଘର ସଭାପତି ଗୋଲକ ବିହାରୀ ମଙ୍ଗରାଜ ଦଳକୁ ଶୁଭେଚ୍ଛା ଜଣାଇବା ପରେ ଖେଳାଳିମାନେ ଟ୍ରେନ୍ ଯୋଗେ ରାଉରକେଲାରୁ ଯାତ୍ରା କରିଛନ୍ତି । ଦଳର ପ୍ରଶିକ୍ଷକ ଲେଖାରାଣୀଙ୍କ ନେତୃତ୍ୱରେ ଆଦିତି ପଣ୍ଡା, ଶ୍ରଦ୍ଧାସୁମନ ସାହୁ, ଆର୍ଯ୍ୟଂଶ ପରିଡ଼ା ଏବଂ ସଂଗୀତା ହାଲଦାର ତଥା ପରିଚାଳିକା ଭାବେ ମିରଭା ପରିଡ଼ା ରହିଛନ୍ତି । ଶ୍ରୀ ମଙ୍ଗରାଜ ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାନନ୍ଦ ଏବଂ ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ପ୍ରଭାତ ଭୋଲଙ୍କୁ ଦଳ ପଠାଇବା ନିମନ୍ତେ ସହଯୋଗ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି । ସେହିପରି ବରିଷ୍ଠ ପ୍ରଶିକ୍ଷକ ରମେଶ ଦାସ ଏବଂ ଅନ୍ୟତମ ପ୍ରଶିକ୍ଷକ ସାୟନ ଦାସ ରାଜ୍ୟ ଚାମ୍ପିଅନସିପ୍ ଭାବେ ଯୋଗଦେବାକୁ ଯାତ୍ରା କରିଛନ୍ତି । ଗତ ୧୦ ମାସ ପୂର୍ବେ ରାଉରକେଲା ସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଜିମ୍ନାଷ୍ଟିକ୍ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା । ଏହି ପ୍ରଶିକ୍ଷଣ କେନ୍ଦ୍ରର ମୁଖ୍ୟ ପ୍ରଶିକ୍ଷକ ରମେଶ ଚନ୍ଦ୍ର ବେହେରା ଓ ଅନ୍ୟତମ ପ୍ରଶିକ୍ଷକ ସାୟନ ଦାସ ତଥା ଲେଖାରାଣୀଙ୍କ ଦ୍ୱାରା ୧୦୦ରୁ ଅଧିକ ବିଭିନ୍ନ ବୟସ ବର୍ଗର ବାଳକ ଓ ବାଳିକା ପ୍ରଶିକ୍ଷଣ ନେଉଛନ୍ତି ।

## ସର୍ବଭାରତୀୟ ବେସାମରିକ କ୍ରିକେଟ ହାଇଟେକ୍‌ରେ ଖେଳାଳି ଚୟନ ଶିବିର

ଭୁବନେଶ୍ୱର, ୪।୧୨ (ସବ୍ୟୁ): ନୂଆଦିଲ୍ଲୀରେ ଅବସ୍ଥିତ ବିଭିନ୍ନ କ୍ରିକେଟ୍ ଷ୍ଟାଡିୟମରେ ସର୍ବଭାରତୀୟ ବେସାମରିକ ପ୍ରତିଯୋଗିତା ଜାନୁଆରୀ ୩ରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଏଥିପାଇଁ ଖେଳାଳି ଚୟନ ଶିବିର ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି । ସୁନାମଧନ୍ୟ କ୍ରିକେଟ କୋଚ୍ ଲଳିତ ମହାନ୍ତି ଏବଂ ସହକାରୀ କୋଚ୍ ପ୍ରଦୀପ୍ତ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାରେ ଏହି ଶିବିର ପରିଚାଳିତ ହୋଇଥିଲା ।

ଓଡ଼ିଶା ସିଭିଲ୍ ସର୍ଭିସ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ପଦ୍ମଚରଣ ରାଉତ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଓଡ଼ିଶା ସରକାରଙ୍କ ଅଧୀନରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ୨୦ ଜଣ କର୍ମଚାରୀଙ୍କ ମଧ୍ୟରୁ ୧୬ ଜଣ ଖେଳାଳି ମନୋନୀତ ହୋଇଛନ୍ତି ।

ଦୁଇଜଣ ଅଫିସିଆଲଙ୍କ ସହିତ ଆଗାମୀ ଜାନୁଆରୀରୁ ଦଳ ପ୍ରତିଯୋଗିତାରେ ଭାଗ ନେବା ପାଇଁ ନୂଆଦିଲ୍ଲୀ ଗସ୍ତ କରିବେ ବୋଲି ଓଡ଼ିଶା ସଚିବାଳୟ କ୍ରିକେଟ ସଂଘର ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ମିଶ୍ର ସୂଚନା ଦେଇଛନ୍ତି ।



## ଡ୍ରିମ୍‌ସ ଆଇଟିଆଇ କ୍ରୀଡା ଉଦ୍‌ଯାପିତ



କଟକ, ୪।୧୧ (ସ୍ୱପ୍ର): ଡ୍ରିମ୍‌ସ ଆଇଟିଆଇର ତିନିଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି । ଏଥିରେ କବାଡିରେ ଇଲେକ୍ଟ୍ରିସିଆନ୍ ଦ୍ୱିତୀୟ ବର୍ଷ, ଭଲିବଲରେ ଇଲେକ୍ଟ୍ରିସିଆନ୍ ପ୍ରଥମ ବର୍ଷ ଏବଂ କ୍ରିକେଟ୍‌ରେ ଫିଟର ବିଭାଗ ପ୍ରଥମ ବର୍ଷ ଚମ୍ପିଅନ୍ ହୋଇଥିଲାବେଳେ ବ୍ୟାଡମିଣ୍ଟନ ଡବଲ୍ସରେ ଇଲେକ୍ଟ୍ରିସିଆନ୍ ୨ୟ ବର୍ଷର ବିକାଶ କୁମାର ମହାପାତ୍ର ଓ ଶାରଦା ପ୍ରସନ୍ନ ମିଶ୍ର ଯୋଡି ଚମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲେ ।

ଏତଦ୍‌ବ୍ୟତୀତ ଦୌଡ, ଲମ୍ଫ ଓ ଉଚ୍ଚ ଡିଆଁ, ଡିସ୍କକସ୍ ଓ ଜ୍ୟାଭଲିନ୍ ଥ୍ରୋ, ଦୌଡିଟଣା ଆଦି ଖେଳକୁଦ ଏଥିରେ ସାମିଲ ଥିଲା । ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ ସଫଳ ପ୍ରତିଯୋଗୀଙ୍କୁ ଟ୍ରଫି, ପଦକ ଓ ପ୍ରମାଣ ପତ୍ର ପ୍ରଦାନ କରିବା ସହ ସେମାନଙ୍କ କ୍ରୀଡା ପ୍ରତିଭାର ଉନ୍ମେଷ କାମନା କରିଥିଲେ । ସମ୍ମାନିତ ଅତିଥି କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, କୁଳସଚିବ ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଉପ କୁଳସଚିବ ଇଂ ଶିଶିର କୁମାର ସାହୁ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉଭୟ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଖେଳକୁଦର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଇଂ ପ୍ରଶାନ୍ତ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ପ୍ରଶିକ୍ଷକ କୃପାସିନ୍ଧୁ ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ଆଇଟିଆଇର ସମସ୍ତ ପ୍ରଶିକ୍ଷକ, କର୍ମଚାରୀ ଏବଂ କ୍ରୀଡା ବିଭାଗର କୋଚ୍ ପ୍ରତିଯୋଗିତା ପରିଚାଳନା କରିଥିଲେ ।

## ଜାତୀୟ ଉପକନିଷ୍ଠ ଉସୁ ଚାମ୍ପିଅନସିପ୍ ଓଡ଼ିଶା ଦଳରେ ଅନୁଗୁଳର ଭବ୍ୟା




ଭୁବନେଶ୍ୱର, ୪।୧୨ (ସବ୍ୟୁ) : ପଞ୍ଜାବର ତାରତରଣଠାରେ ଜାତୀୟ ଉପକନିଷ୍ଠ ଉସୁ ଚାମ୍ପିଅନସିପ ଆୟୋଜିତ ହୋଇଛି । ଏହି ପ୍ରତିଯୋଗିତାରେ ଉସୁ ଆସୋସିଏସନ ଅଫ୍ ଓଡ଼ିଶାର ୪୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ଦଳରେ ୪୨ ଜଣ ଖେଳାଳି ଓ ୪ ଜଣ ଅଫିସିଆଲ ଅଛନ୍ତି । ଅନୁଗୁଳ ଜିଲ୍ଲାର ଏକମାତ୍ର କ୍ରୀଡ଼ାବିତ୍ ଭାବେ ଭବ୍ୟା ସାହୁ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି ।

ମା' ଗୀତାଞ୍ଜଳି ସାହୁ ଓ ବାପା ଜିତେନ୍ଦ୍ର ସାହୁଙ୍କ ଝିଅ ଭବ୍ୟା ୧୪ ବର୍ଷରୁ କମ ୪୮ କେଜି ବର୍ଗରେ ଖେଳିବା ପାଇଁ ମନୋନୀତ ହୋଇଥିବାରୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଟ, ଅନୁଗୁଳ ଜିଲ୍ଲା ଉସୁ ଆସୋସିଏସନର କର୍ମକର୍ତ୍ତା ଓ ଜିଲ୍ଲାର ବରିଷ୍ଠ କ୍ରୀଡ଼ାବିତ୍‌ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ଭବ୍ୟାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏହି ପ୍ରତିଯୋଗିତାରେ ଭବ୍ୟା ଭଲ ପ୍ରଦର୍ଶନ କରିବେ ବୋଲି କୋଚ୍ ଚିତ୍ତରଞ୍ଜନ ମହନ୍ତ ଆଶାବ୍ୟକ୍ତ କରିଛନ୍ତି ।

## କଳିଙ୍ଗ ଷ୍ଟାଡିୟମରେ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିଅନସିପ୍



ଭୁବନେଶ୍ୱର, ୪।୧୨ (ସବ୍ୟୁ): ଆସନ୍ତା ଡିସେମ୍ବର ୭ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ଠାରେ ୩୯ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ । ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପ୍ରାୟ ୨୦୦୦ କ୍ରୀଡ଼ାବିତ ଭାଗ ନେଉଥିବାର ସୂଚନା ମିଳିଛି ।

ହରିୟାଣାରୁ ସର୍ବାଧିକ ୧୫୦ ଜଣ କ୍ରୀଡ଼ାବିତ ଏହି ପ୍ରତିଯୋଗିତାରେ ଭାଗନେବେ । ସେହିପରି ଓଡ଼ିଶାରୁ ସର୍ବମୋଟ ୭୮ ଜଣ କ୍ରୀଡ଼ାବିତ ପ୍ରତିଯୋଗିତାରେ ଭାଗ ନେବେ । ଓଡ଼ିଶାରୁ ଭାଗ ନେଉଥିବା କ୍ରୀଡ଼ାବିତମାନଙ୍କ ମଧ୍ୟରୁ ୪୩ ଜଣ ପୁରୁଷ କ୍ରୀଡ଼ାବିତ ରହିଥିବା ବେଳେ ୩୫ ଜଣ ମହିଳା କ୍ରୀଡ଼ାବିତ ରହିଛନ୍ତି ।

ଓଡ଼ିଶାରେ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ଆୟୋଜିତ ହେବା ସମ୍ବନ୍ଧରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଆସନ୍ତା ଡିସେମ୍ବର ୭ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ଠାରେ ୩୯ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ଅନୁଷ୍ଠିତ ହେବାକୁ ଯାଉଛି । ଓଡ଼ିଶାରୁ ସର୍ବମୋଟ ୭୮ଜଣ କ୍ରୀଡ଼ାବିତ ପ୍ରତିଯୋଗିତାରେ ଭାଗ ନେବେ । ସମସ୍ତ କ୍ରୀଡ଼ାବିତ୍‌ମାନେ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବେ ବୋଲି ମୁଁ ଆଶା କରୁଛି ।

ପ୍ରକାଶଯୋଗ୍ୟ ଯେ, ଚଳିତ ବର୍ଷ ଓଡ଼ିଶାରେ ୨୭ତମ ନ୍ୟାସନାଲ ଫେଡେରେସନ ସିନିୟର ଆଥଲେଟିକ୍ସ, ୭୦ତମ ଓଡ଼ିଶା ରାଜ୍ୟ ସିନିୟର ଓ ଜୁନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ଏବଂ ୩୫ତମ ଇଷ୍ଟଜୋନ୍ ଜୁନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ଆଦି କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଆଗରୁ ଅନୁଷ୍ଠିତ ହୋଇସାରିଛି ।

## ଏସ୍‌ବିଆଇ ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଜନ ଦିବସରେ ୨୯ ପାରାଲିମ୍ପିକ୍ ଚାମ୍ପିଅନଙ୍କୁ ସମ୍ବର୍ଦ୍ଧନା




ଭୁବନେଶ୍ୱର, ୪।୧୧ (ସବ୍ୟୁ) : ଦେଶର ସର୍ବବୃହତ ବ୍ୟାଙ୍କ୍ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଜନ ଦିବସ ପାଳନ ଅବସରରେ ପ୍ୟାରିସ୍ ୨୦୨୪ ପାରାଲିମ୍ପିକ୍ ଗେମ୍‌ସର ଭାରତୀୟ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ପକ୍ଷରୁ ୨୯ ପାରାଲିମ୍ପିକ୍ ବିଜେତାଙ୍କୁ ଚେକ୍ ପ୍ରଦାନ କରାଯାଇଛି । ଏହି ସମାରୋହ ସମ୍ପର୍କରେ ନିଜର ଭାବନା ବ୍ୟକ୍ତ କରି ଏସ୍‌ବିଆଇର ଅଧ୍ୟକ୍ଷ ସିଏସ୍ ସେଟ୍ଟି କହିଛନ୍ତି ଯେ, ପ୍ୟାରିସ୍ ୨୦୨୪ ପାରାଲିମ୍ପିକ୍ ଗେମ୍‌ସରେ ଭାରତର ପ୍ରଦର୍ଶନ ଦେଶର କ୍ରୀଡ଼ା ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ଥିଲା ।

ଏହି କ୍ରୀଡ଼ାବିତ୍‌ମାନେ ନିଜର ଦୃଢ଼ ନିଷ୍ଠା ଓ ସହନଶୀଳତା ଜରିଆରେ ଯାହା ସମ୍ଭବ ତାହାର ସଂଜ୍ଞା ପୁନଃ ନିର୍ଧାରଣ କରିବା ସହ ପ୍ରତିବନ୍ଧକକୁ ଭାଙ୍ଗିଥିଲେ ଓ ଦେଶକୁ ଅନୁପ୍ରାଣିତ କରିଥିଲେ । ଏସ୍‌ବିଆଇରେ ଆମେ ସେହି ଚାମ୍ପିଅନ୍‌ମାନଙ୍କୁ ସମର୍ଥନ କରିବା ଏବଂ ପ୍ରତିଭାମାନଙ୍କୁ ସମୃଦ୍ଧ କରିବା ଏବଂ ଭାରତୀୟ କ୍ରୀଡ଼ା ପାଇଁ ଏକ ଅଧିକ ଅନ୍ତର୍ଭୁକ୍ତୀକରଣ ସଫଳ ବ୍ୟବସ୍ଥାଗଠନ କରିବା ଲାଗି ଆମ ପ୍ରତିବଦ୍ଧତାକୁ ଦୋହରାଉଛି ।'' ଅନ୍ତର୍ଭୁକ୍ତୀକରଣ ପ୍ରତି ପ୍ରତିବଦ୍ଧତା ସ୍ୱରୂପ ଏସ୍‌ବିଆଇ ପକ୍ଷରୁ ଏହାର ୨୦୨୪-୨୫ ସିଏସ୍‌ଆର୍ ଅଭିଯାନର ଅଂଶଭାବେ ଆର୍ଟିଫିସିଆଲ ଲିମ୍ବସ ମାନୁଫାକ୍ଚରିଂ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏଏଲ୍‌ଆଇଏମ୍‌ସିଓ) ସହିତ ସହଯୋଗିତା ସ୍ଥାପନ କରାଯାଇଛି ।

ଏହି ସହଯୋଗିତାରେ ଦେଶବ୍ୟାପୀ ୨୦ଟି ସ୍ଥାନରେ ପ୍ରାୟ ୯୦୦୦ ଦିବ୍ୟାଙ୍ଗ ଜନଙ୍କୁ ଆସିଷ୍ଟିଭ୍ ଡିଭାଇସ୍ ବଂଟନ କରିବାକୁ ଲକ୍ଷ୍ୟ ରଖାଯାଇଛି । ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବା, ଅନ୍ତର୍ଭୁକ୍ତୀକରଣର ପ୍ରସାର କରିବା ଏବଂ ଭାରତୀୟ କ୍ରୀଡ଼ାକୁ ସହଯୋଗ ପ୍ରଦାନ କରିବାଲାଗି ଏସ୍‌ବିଆଇର ଉତ୍ସର୍ଗୀକୃତ ମନୋଭାବକୁ ଏହି ଅଭିଯାନ ଦୋହରାଉଛି । ପ୍ୟାରିସ୍ ୨୦୨୪ ପାରାଲିମ୍ପିକ୍ ଗେମ୍‌ସରେ ହରବିନ୍ଦର ସିଂହ, ସୁମିତ ଆଂଟିଲ, ଧରମବୀର, ପ୍ରବୀଣ କୁମାର, ନବଦୀପସିଂହ, ନୀତେଶ କୁମାର, ଅଭନି ଲାଖରା ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ନିଷାଦ କୁମାର, ଯୋଗେଶ କଂଥୁନିୟା, ଶରଦ କୁମାର, ଅଜିତ ସିଂହ, ସଚିନ ଖିଲାରି, ପ୍ରଣବ ଶୁର୍ମା, ତୁଲସିମତି ମୁରୁଗେସନ, ସୁହାସ ୟଥିରାଜ ଓ ମନିଷ ନରୱାଲ୍ ରୌପ୍ୟ ପଦକ ଜିତିଥିଲେ ।

ଶୀତଲ ଦେବୀ, ରାକେଶ କୁମାର,ପ୍ରୀତି ପାଲ୍, ଦୀପ୍ତି ଜୀବନଜୀ, ମରିୟାପାନ୍ ଥଙ୍ଗାଭେଲୁ, ସୁନ୍ଦର ସିଂହ ଗୁର୍ଜର, ହୋକାଟୋ ହୋଟୋଜେ ସୀମା, ସିମରନ ଶର୍ମା, ମନିଷା ରାମଦାସ, ନିତ୍ୟା ଶ୍ରୀ ଶିବନ, କପିଲ ପରମାର, ମୋନା ଅଗ୍ରୱାଲ୍ ଓ ରୁବିନା ଫ୍ରାଙ୍କସିସ୍ ବ୍ରୋଞ୍ଜ ପଦକ ଜିତିଥିଲେ ।

ସୂଚନା

ସମୟ

BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି